ଧରିତ୍ରୀ 52 Years

# ଧରିତ୍ରୀ
DHARITRI

ପୃଷ୍ଠା–୮+୮

ଭୁବନେଶ୍ୱର, ରବିବାର, ନଭେମ୍ବର ୩୦/୨୦୨୫ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, November 30/2025 | Page 16 | ₹ 7.00 | DHENKANAL

୫୨ଶ ଭାଗ ୭ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 7 | ମୂଲ୍ୟ ₹୭/-





# ବାତ୍ୟା ଡିଟ୍‌ୱା: ୧୩୨ ମୃତ, ୧୭୬ ନିଖୋଜ


କଲମ୍ବୋ ନିକଟ ୱେଲାମ୍‌ପିଟିୟାରେ ବନ୍ୟା ପ୍ରଭାବିତ ଲୋକମାନଙ୍କୁ ଉଦ୍ଧାର କରାଯାଉଛି।

## ଜରୁରୀ ସ୍ଥିତି ଘୋଷଣା କଲା ଶ୍ରୀଲଙ୍କା

କଲମ୍ବୋ,୨୯।୧୧

ବାତ୍ୟା ଡିଟ୍‌ୱାଜନିତ ପ୍ରବଳ ବର୍ଷାରେ ଶ୍ରୀଲଙ୍କାରେ ବନ୍ୟା ଏବଂ ଭୂସ୍ଖଳନ ଘଟି ଶନିବାର ମୃତ୍ୟୁସଂଖ୍ୟା ୧୩୨ରେ ପହଞ୍ଚିଥିବାବେଳେ ୧୭୬ ଜଣ ନିଖୋଜ ଅଛନ୍ତି। ୧୫,୦୦୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବାବେଳେ ୭୮,୦୦୦ ଲୋକ ସରକାରୀ ଆଶ୍ରୟ ସ୍ଥଳରେ ରହିଥିବା ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ପକ୍ଷରୁ କୁହାଯାଇଛି। ଶ୍ରୀଲଙ୍କା ସରକାର ଜରୁରୀ ସ୍ଥିତି ଘୋଷଣା କରିବା ସହ ଅନ୍ତର୍ଜାତୀୟ ସହାୟତା ଲୋଡ଼ିଛନ୍ତି।

ଶ୍ରୀଲଙ୍କାରେ ସପ୍ତାହେ ହେଲା ବର୍ଷା ଲାଗିରହିଥିବାବେଳେ ବିପର୍ଯ୍ୟୟ ସୃଷ୍ଟି କରିଛି। ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେ ଦେଶରେ ଜରୁରୀ ଆଇନ ଲାଗୁ କରିଛନ୍ତି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ସେନାର ୩ ବାହିନୀକୁ ନିୟୋଜିତ କରାଯାଇଛି। ବାତ୍ୟା ଭାରତ ଆଡ଼େ ଅଗ୍ରସର ହେଉଥିବାବେଳେ କଲମ୍ବୋର ପୂର୍ବରେ ଥିବା କାଣ୍ଡି ଜିଲାରେ ଶନିବାର ପୁନର୍ବାର ଭୂସ୍ଖଳନ ଘଟି ମୁଖ୍ୟ ରାସ୍ତାର ଅନେକ ଭାଗ ଜଳାର୍ଣ୍ଣବ ହୋଇଯାଇଛି। ତଳିଆ ଅଞ୍ଚଳରେ ବନ୍ୟା ସ୍ଥିତି ସଙ୍ଗିନ୍ ରହିଛି। କେଲାନି ନଦୀକୂଳର ଲୋକମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ବାତ୍ୟାରେ ୫ ଲକ୍ଷ ଲୋକ ପ୍ରଭାବିତ ହୋଇଥିବାବେଳେ ବିଦେଶରେ ଥିବା ଶ୍ରୀଲଙ୍କା ନାଗରିକ ସହାୟତା ପଠାଇବା ପାଇଁ ସରକାର ନିବେଦନ କରିଛନ୍ତି।

ଶ୍ରୀଲଙ୍କାର ବାତ୍ୟା ପ୍ରଭାବିତ ଅଞ୍ଚଳର ଲୋକମାନଙ୍କ ସହାୟତା ପାଇଁ ଭାରତୀୟ ବାୟୁସେନା ଶନିବାର ୨୧ ଟନ୍ ରିଲିଫ୍ ସାମଗ୍ରୀ ପଠାଇଛି। ଏଥିସହିତ ଉଦ୍ଧାର କାର୍ଯ୍ୟରେ ସହାୟତା ନିମନ୍ତେ ଭାରତ ୮୦ ଜଣ ଏନ୍‌ଡିଆର୍‌ଏଫ୍ କର୍ମଚାରୀ ଏବଂ ୮ ଟନ୍ ଉପକରଣ ପଠାଇଥିବା ଜଣାପଡ଼ିଛି। ଶ୍ରୀଲଙ୍କାରେ ବିପର୍ଯ୍ୟୟ ଖବର ପାଇବା ପରେ ଭାରତ ତୁରନ୍ତ ଅପରେଶନ ସାଗରବିନ୍ଦୁ ଜରିଆରେ ସହାୟତା ପଠାଇଥିଲା ବୋଲି ବାୟୁସେନା କହିଛି। ଭାରତୀୟ ବାୟୁସେନାର ଗୋଟିଏ ସି-୧୩୦ ଏବଂ ଗୋଟିଏ ଆଇଏଲ୍-୭୬ ବିମାନକୁ ରିଲିଫ୍ ପଠାଇବା କାର୍ଯ୍ୟରେ ନିୟୋଜିତ କରାଯାଇଛି।

## ତାମିଲନାଡୁରେ ୫୪ ବିମାନ ବାତିଲ, ସ୍କୁଲ ବନ୍ଦ

ଚେନ୍ନାଇ,୨୯।୧୧

ବାତ୍ୟା ଡିଟ୍‌ୱା ଶ୍ରୀଲଙ୍କା ଉପକୂଳ ଅତିକ୍ରମ କରୁଥିବାବେଳେ ଉତ୍ତର ତାମିଲନାଡୁ ଏବଂ ପଣ୍ଡିଚେରୀ ଉପକୂଳ ଦିଗରେ ଅଗ୍ରସର ହେଉଛି। ଏହାର ପ୍ରଭାବରେ ତାମିଲନାଡୁରେ ପ୍ରବଳ ବର୍ଷା ଜାରି ରହିଛି। ବାତ୍ୟା ମୁକାବିଲା ପାଇଁ କର୍ତ୍ତୃପକ୍ଷ ବିଭିନ୍ନ ଦିଗରେ ପ୍ରସ୍ତୁତି ଜାରି ରଖିଛନ୍ତି। ଅନବରତ ବର୍ଷା ଲାଗିରହିଥିବାରୁ ଚେନ୍ନାଇ ଏୟାରପୋର୍ଟ ୫୪ଟି ବିମାନକୁ ବାତିଲ କରିଦେଇଛି। ତାମିଲନାଡୁର ପ୍ରଭାବିତ ଜିଲାରେ ଶନିବାର ସ୍କୁଲ, କଲେଜଗୁଡ଼ିକୁ ଛୁଟି କରିଦିଆଯାଇଛି। ରବିବାର ସକାଳ ସୁଦ୍ଧା ବାତ୍ୟା ସ୍ଥଳଭାଗ ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଉପକୂଳରେ ଶନିବାର ପବନର ବେଗ ୫୦ରୁ ୬୦ କି.ମି. ଥିବାବେଳେ ବେଳେବେଳେ ଏହା ୭୦ କି.ମିରେ ପହଞ୍ଚିଛି। ବାତ୍ୟା ଅଗ୍ରସର ହେବା ସହ ପବନର ବେଗ ୯୦ କି.ମି. ପର୍ଯ୍ୟନ୍ତ ବଢ଼ିବା ଆଶଙ୍କା କରାଯାଉଛି।

# ଏୟାରବସ୍ ଏ୩୨୦ରେ ସମସ୍ୟା: ଭାରତରେ ୩୩୮ ବିମାନ ଉଡ଼ାଣ ପ୍ରଭାବିତ

## ବିଶ୍ୱବ୍ୟାପୀ ୬,୦୦୦ ବିମାନ ଉଡ଼ାଣ ବନ୍ଦ

ନୂଆଦିଲ୍ଲୀ,୨୯।୧୧

ଅତ୍ୟଧିକ ସୌର ବିକିରଣ ଯୋଗୁ ଏୟାରବସ୍ ଏ୩୨୦ ବିମାନଗୁଡ଼ିକରେ ସଫ୍ଟୱେର ସମସ୍ୟା ଦେଖାଦେଇଛି। ସେଗୁଡ଼ିକର ସମାଧାନ ପାଇଁ ବିଶ୍ୱବ୍ୟାପୀ ପ୍ରାୟ ୬,୦୦୦ ବିମାନ ଉଡ଼ାଣ ବନ୍ଦ ରହିଛି। ସଫ୍ଟୱେର ଅପ୍‌ଡେଟ୍ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ବିମାନ ଉଡ଼ାଣ ବନ୍ଦ ରହିବ। ଏହି ସମସ୍ୟା ଯୋଗୁ ସଫ୍ଟୱେର ଭର୍ସନ ଏଲ୍‌୧୦୪ ଥିବା ଏଲିଭେଟର ଏଇଲେରନ୍ କମ୍ପ୍ୟୁଟର (ଇଏଲ୍‌ଏସି ବି) ପ୍ରଭାବିତ ହୋଇଛି। ଉକ୍ତ ବ୍ୟବସ୍ଥା ଉଚ୍ଚତା ଆକଳନ କରିବା ସହ ଉଡ଼ାଣକୁ ନିୟନ୍ତ୍ରଣ କରିଥାଏ। ସୌରଝଡ଼ ବେଳେ ଅଧିକ ଉଚ୍ଚରେ ଉଡୁଥିବା ବିମାନରେ ଡେଟାରେ ତ୍ରୁଟି ସମ୍ଭାବନା ଦେଖାଦେଇଥାଏ।



ଉପରୋକ୍ତ ସମସ୍ୟା ଯୋଗୁ ଭାରତରେ ଏ୩୨୦ କମ୍ପାନୀର ୩୩୮ଟି ବିମାନରେ ସମସ୍ୟା ଦେଖାଦେଇଛି। ସେଥିରୁ ୫୫ ପ୍ରତିଶତ ବିମାନର ଫ୍ଲାଇଟ୍ କଣ୍ଟ୍ରୋଲ ସଫ୍ଟୱେର ଅପ୍‌ଡେଟ୍ କରାଯାଉଛି। ଫଳରେ ବିଭିନ୍ନ ଏୟାରଲାଇନ୍ସର ବିମାନ ଉଡ଼ାଣ ୬୦ରୁ ୯୦ ମିନିଟ୍ ବିଳମ୍ବିତ ହୋଇଥିବା ଏକ ସୂତ୍ରରୁ ଜଣାପଡ଼ିଛି।

ଅତ୍ୟଧିକ ସୌର ବିକିରଣ ଯୋଗୁ ଫ୍ଲାଇଟ୍ କଣ୍ଟ୍ରୋଲର ଗୁରୁତ୍ୱପୂର୍ଣ୍ଣ ଡେଟାରେ ସମସ୍ୟା ସୃଷ୍ଟିହୋଇଥିଲା। ସଫ୍ଟୱେରରେ ପରିବର୍ତ୍ତନ ଆବଶ୍ୟକ ହେଉଥିବାରୁ ଏଥିପାଇଁ ବିମାନ ଉଡ଼ାଣ ପ୍ରଭାବିତ ହେବ ବୋଲି ଶୁକ୍ରବାର ଏୟାରବସ୍ ପକ୍ଷରୁ କୁହାଯାଇଥିଲା। ଭାରତୀୟ ଏୟାରଲାଇନ୍ସର ପ୍ରଭାବିତ ୩୩୮ଟି ଏୟାରବସ୍ ଏ୩୨୦ ବିମାନ ମଧ୍ୟରୁ ଶନିବାର ପୂର୍ବାହ୍ନ ୧୦ଟା ସୁଦ୍ଧା ୧୮୯ଟିରେ ସଫ୍ଟୱେର ଅପ୍‌ଡେଟ୍ ସମ୍ପୂର୍ଣ୍ଣ ହୋଇଥିବା ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ତଥ୍ୟରୁ ଜଣାପଡ଼ିଛି। ରବିବାର ସକାଳ ସୁଦ୍ଧା ଅନ୍ୟ ବିମାନଗୁଡ଼ିକର ସଫ୍ଟୱେର ଅପ୍‌ଡେଟ୍ ସମ୍ପୂର୍ଣ୍ଣ ହୋଇଯିବ ବୋଲି କୁହାଯାଇଛି।

## ଏକାଠି ହେଲେ ସିଦ୍ଧାରାମାୟା, ଶିବକୁମାର

ବେଙ୍ଗାଲୁରୁ,୨୯।୧୧

କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଏବଂ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କ ମଧ୍ୟରେ ନେତୃତ୍ୱକୁ ନେଇ କିଛିଦିନ ହେଲା ଟଣାଓଟରା ଲାଗିରହିଥିବାବେଳେ ଏବେ ସେମାନେ ଏକ ନୂଆ ସୂତ୍ର ସହ ଏକାଠି ହୋଇଛନ୍ତି। ଦିଲ୍ଲୀ କଂଗ୍ରେସ ନେତୃତ୍ୱ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ଶନିବାର ସକାଳେ ଉଭୟ ନେତା ପ୍ରାତଃଭୋଜନ ପାଇଁ ଏକାଠି ହୋଇଥିବାବେଳେ ପୂର୍ବ ବିବାଦକୁ ଭୁଲିଯିବାକୁ ନିଷ୍ପତ୍ତି ନେଇଥିବାର ସୂଚନା ଦେଇଛନ୍ତି। ୨ ନେତାଙ୍କ ମଧ୍ୟରେ ବିବାଦରୁ ନଜର ହଟାଇବା ପାଇଁ ଏଭଳି ବୈଠକର ଆୟୋଜନ କରାଯାଇଥିବା ରାଜନୀତି ସମୀକ୍ଷକମାନେ କହିଛନ୍ତି। ତେବେ ଖୁବ୍‌ଶୀଘ୍ର ଶିବକୁମାର ନେତୃତ୍ୱ ନେଇପାରନ୍ତି ବୋଲି କୁହାଯାଉଛି। ଏପରିକି ଆସନ୍ତାବର୍ଷ ମାର୍ଚ୍ଚ-ଏପ୍ରିଲ ସୁଦ୍ଧା ନେତୃତ୍ୱ ପରିବର୍ତ୍ତନ ହୋଇପାରେ ବୋଲି କେତେଜଣ କହିଛନ୍ତି। ସେପର୍ଯ୍ୟନ୍ତ ଶିବକୁମାରଙ୍କୁ ନୀରବ ରହିବାକୁ କୁହାଯାଇଛି।

## ଇମ୍ରାନ୍ ବଞ୍ଚିଥିବାର ପ୍ରମାଣ ଦିଅ

### ପାକ୍ ସରକାରଙ୍କ ପାଖରେ ପୁଅ କାସିମ୍‌ଙ୍କ ଦାବି

ଲାହୋର,୨୯।୧୧(ପି.ଟି.)

ଜେଲରେ ରହିଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ବଞ୍ଚିଥିବା ନେଇ ପ୍ରମାଣ ଦେବାକୁ ତାଙ୍କ ପୁଅ କାସିମ୍ ଖାନ୍ ସୋସିଆଲ ମିଡିଆ ଜରିଆରେ ପାକିସ୍ତାନ ସରକାରଙ୍କ ନିକଟରେ ଦାବି କରିଛନ୍ତି। ୭୩ ବର୍ଷୀୟ ଇମ୍ରାନ୍‌ଙ୍କୁ ଦେଖାକରିବା ପାଇଁ ତାଙ୍କ ପରିବାର ସଦସ୍ୟଙ୍କୁ ଛଡ଼ାଯାଉ ନାହିଁ। ମାସେ ହେଲା ଇମ୍ରାନ୍‌ଙ୍କ ଓକିଲ ଏବଂ ଦଳୀୟ କର୍ମୀଙ୍କୁ ମଧ୍ୟ ଜେଲ ଭିତରକୁ ଯିବା ପାଇଁ ଅନୁମତି ମିଳୁନାହିଁ। ତେଣୁ ଇମ୍ରାନଙ୍କୁ ଜେଲ ଭିତରେ ମାରିଦିଆଯାଇଥିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ବିଭିନ୍ନ ମାମଲାରେ ସମ୍ପୃକ୍ତି ନେଇ ଇମ୍ରାନଙ୍କୁ ୨୦୨୩ ଅଗଷ୍ଟରୁ ଗିରଫ କରାଯାଇ ରାୱଲପିଣ୍ଡିର ଆଡିଆଲା ଜେଲରେ ରଖାଯାଇଛି। ଇମ୍ରାନ୍‌ଙ୍କୁ ଦେଖା କରିବା ନିମନ୍ତେ ପରିବାର ସଦସ୍ୟଙ୍କୁ ଅନୁମତି ଦେବା ଦାବିରେ ତାଙ୍କର ୩ ଭଉଣୀଙ୍କ ସମେତ ପାକିସ୍ତାନ ତେହରିକ-ଇ-ଇନ୍‌ସାଫ କର୍ମୀ ଏବଂ ଖାଇବର ପାଖ୍‌ତୁନ୍‌ଖ୍ୱା ମୁଖ୍ୟମନ୍ତ୍ରୀ ସୋହେଲ ଆଫ୍ରିଦି ଆଡିଆଲା ଜେଲ୍ ବାହାରେ କିଛିଦିନ ହେଲା ଧାରଣାରେ ବସିଛନ୍ତି। କାସିମ୍ କହିଛନ୍ତି, ବାପାଙ୍କୁ ୬ ସପ୍ତାହ ହେଲା ତାଙ୍କୁ ଡେଥ୍ ସେଲ୍‌ରେ ଏକାନ୍ତ କାରାବାସରେ ରଖାଯାଇଛି।

## ବାହାହେଲେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ

ମେଲ୍‌ବର୍ନ,୨୯।୧୧

ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିସ୍ ଶନିବାର ତାଙ୍କ ପାର୍ଟନର ଜୋଡି ହେଡନଙ୍କୁ ବିବାହ କରିଛନ୍ତି। ରାଜଧାନୀ କାନ୍‌ବେରାସ୍ଥିତ ଆଲବାନିସ୍‌ଙ୍କ ସରକାରୀ ବାସଭବନରେ ଏକ ଗୁପ୍ତ ତଥା ଅନ୍ତରଙ୍ଗ ସମାରୋହ ମଧ୍ୟରେ ବିବାହ ସମ୍ପନ୍ନ ହୋଇଛି। ଅଷ୍ଟ୍ରେଲିଆ ସଂଘୀୟ ସରକାରର ୧୨୪ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ଜଣେ ପ୍ରଧାନମନ୍ତ୍ରୀ କ୍ଷମତାରେ ଥାଇ ବିବାହ କରିଛନ୍ତି। ବିବାହ ଉତ୍ସବରେ ଓସ୍କାର ବିଜୟୀ ଅଭିନେତା ରସେଲ କ୍ରୋ, କ୍ୟାବିନେଟ ମନ୍ତ୍ରୀବୃନ୍ଦଙ୍କ ସମେତ ପ୍ରାୟ ୬୦ ଜଣ ଅତିଥି ଯୋଗ ଦେଇଥିଲେ। ୬୨ ବର୍ଷୀୟ ଆଲବାନିସ୍ ୨୦୦୦ରେ କାର୍ମେଲ ଟେବୁଟ୍‌ଙ୍କୁ ବିବାହ କରିଥିବାବେଳେ ୨୦୧୯ରେ ସେମାନଙ୍କର ଛାଡ଼ପତ୍ର ହୋଇଥିଲା। ଗତବର୍ଷ ଭାଲେଣ୍ଟାଇନ୍ ଡେ'ରେ ଆଲବାନିସ୍ ୪୬ ବର୍ଷୀୟ ହେଡନଙ୍କୁ ପ୍ରପୋଜ୍ କରିଥିଲେ।


ବିବାହ ପରେ ସ୍ତ୍ରୀ ଜୋଡି ହେଡନଙ୍କ ସହ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିସ୍।

## ମଣିପୁର ହିଂସା ବିସ୍ଥାପିତଙ୍କ ସହ ସୁରକ୍ଷା ବଳର ସଂଘର୍ଷ

ଇମ୍ଫାଲ,୨୯।୧୧

ମଣିପୁର ହିଂସା ବିସ୍ଥାପିତ ଲୋକ ସେମାନଙ୍କ ଘରକୁ ଫେରିବାକୁ ଚାହୁଁଥିବାବେଳେ ଶନିବାର ଇମ୍ଫାଲ ଇଷ୍ଟ ଜିଲାରେ ସୁରକ୍ଷାବଳ ସହ ସେମାନଙ୍କର ସଂଘର୍ଷ ହୋଇଛି। ୨୦୨୩ ମେ'ରେ ମଣିପୁରରେ ଜାତିଆଣ ହିଂସାକାଣ୍ଡ ଆରମ୍ଭ ହେବାରୁ ଲୋକେ ଘରଦ୍ୱାର ଛାଡ଼ି ବିଭିନ୍ନ ରିଲିଫ୍ କ୍ୟାମ୍ପରେ ରହିଥିଲେ। ସେମାନେ ଶନିବାର ଫେରୁଥିବାବେଳେ ୟାଇଙ୍ଗାଙ୍ଗ୍‌ପୋକ୍‌ପିଠାରେ ସୁରକ୍ଷାବଳ ସେମାନଙ୍କୁ ଅଟକାଇଥିଲା। ରାଜ୍ୟରେ ସ୍ୱାଭାବିକ ସ୍ଥିତି ଫେରିଥିବା ସରକାର କହୁଛନ୍ତି। ତେବେ ଆମକୁ ଘରକୁ ଫେରିବା ପାଇଁ ଅନୁମତି ମିଳୁନାହିଁ କାହିଁକି ବୋଲି ଏସ୍. ଇବେମ୍‌ଚା ଦେବୀ ପ୍ରଶ୍ନ କରିଛନ୍ତି।

## ଆରାବଳି ପର୍ବତମାଳାରେ ସାନି ଖଣି ଲିଜ୍ ନିଷେଧ

### କେନ୍ଦ୍ରର ସଂଜ୍ଞାକୁ ଗ୍ରହଣ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୯।୧୧



ବିଶ୍ୱର ସର୍ବପୁରାତନ ପର୍ବତମାଳାର ସୁରକ୍ଷା ଲକ୍ଷ୍ୟରେ ସୁପ୍ରିମକୋର୍ଟ ଆରାବଳି ପର୍ବତମାଳା ଉପରେ କେନ୍ଦ୍ରର ସଂଜ୍ଞାକୁ ଗ୍ରହଣ କରିଛନ୍ତି। ଦିଲ୍ଲୀ, ହରିୟାଣା, ରାଜସ୍ଥାନ ଓ ଗୁଜରାଟକୁ ବ୍ୟାପିଥିବା ଏହି ପର୍ବତମାଳା ଅଞ୍ଚଳ ମଧ୍ୟରେ ସାନି ଖଣି ଖନନ ଲିଜ୍ ମଞ୍ଜୁରୀକୁ ନିଷେଧ କରିଛନ୍ତି। ଆରାବଳି ପର୍ବତମାଳାର ସୁରକ୍ଷା ପାଇଁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଏକ କମିଟି ଉକ୍ତ ପର୍ବତମାଳାର ଯେଉଁ ସଂଜ୍ଞା ସୁପାରିସ କରିଥିଲେ, ଗତ ୨୧ ତାରିଖରେ ତତ୍କାଳୀନ ସିଜେଆଇ ବି.ଆର୍. ଗବଇଙ୍କ ଖଣ୍ଡପୀଠ ଏହାକୁ ଗ୍ରହଣ କରିଥିଲେ। କମିଟି ଆରାବଳି ପର୍ବତମାଳାର ସଂଜ୍ଞା ନିର୍ଦ୍ଧାରଣ କରି କହିଛନ୍ତି, ଆରାବଳି ଜିଲାଗୁଡ଼ିକରେ ଅବସ୍ଥିତ ଭୂଭାଗ, ଯାହା ସ୍ଥାନୀୟ ହାରାହାରି ଉଚ୍ଚତାଠାରୁ ୧୦୦ ମିଟର କିମ୍ବା ଏହାଠାରୁ ଅଧିକ ଉଚ୍ଚ ହୋଇଥିଲେ, ଏହାକୁ ଆରାବଳି ପର୍ବତମାଳା ବିବେଚନା କରାଯିବ। ଏଭଳି ସବୁଠୁ ନୀଚା ରୂପରେଖ ମଧ୍ୟରେ ଆସୁଥିବା ସମ୍ପୂର୍ଣ୍ଣ ଭୂଭାଗ, ତାହା ବାସ୍ତବରେ କିମ୍ବା ବୈଚାରିକ ଭାବେ ସମପ୍ରସାରିତ ହୋଇଥିଲେ, ସବୁଗୁଡ଼ିକୁ ପର୍ବତ ଭାବେ ଗଣାଯିବ। ଏହାର ଗଡ଼ାଣି ଏବଂ ସଂଲଗ୍ନ ଭୂଭାଗକୁ ମଧ୍ୟ ଆରାବଳି ପର୍ବତମାଳାର ଭାଗ ବୋଲି ଗ୍ରହଣ କରାଯିବ। ଆରାବଳି ସଫାରି ପାର୍କ ପ୍ରକଳ୍ପ ପରିବେଶ ପ୍ରତି ସମସ୍ୟା ସୃଷ୍ଟି କରିବାକୁ ଥିବାରୁ ଅବସରପ୍ରାପ୍ତ ଆଇଏଫ୍‌ଏସ୍ ଅଫିସରମାନେ ଏହାକୁ ବିରୋଧ କରିବା ସହ ଏହାର ସଂରକ୍ଷଣ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଥିଲେ।

ଭାରତର ସବୁଜ ଫୁସ୍‌ଫୁସ୍ ଭାବେ ପରିଚିତ ଆରାବଳି ପର୍ବତମାଳା ଅସ୍ତିତ୍ୱଗତ ସଙ୍କଟର ସମ୍ମୁଖୀନ ହୋଇଛି। ପୂର୍ବ ଗୁଜରାଟରୁ ହରିୟାଣାର ଦକ୍ଷିଣଭାଗ ପର୍ଯ୍ୟନ୍ତ ପାଖାପାଖି ୭୦୦ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଥିବା ଏହି ପୁରାତନ ପର୍ବତାମାଳାର ଜୈବ ବିବିଧତା, ଭୂତଳ ଜଳର ପୁନଃ ଭରଣା ଏବଂ ଜଳବାୟୁକୁ ସନ୍ତୁଳିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେବେ ଏହି ପର୍ବତମାଳାର ୯୦ ପ୍ରତିଶତ ଅଞ୍ଚଳ ପ୍ରତି ବିପଦ ରହିଥିବା କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ କମିଟିର ସୁପାରିସରୁ ଜଣାପଡ଼ିଛି।

## ବାପା ହେବେ ରଣଦୀପ୍




**ମୁମ୍ବାଇ:** ଅଭିନେତା ରଣଦୀପ୍ ହୁଡା ତାଙ୍କର ଦ୍ୱିତୀୟ ବିବାହ ବାର୍ଷିକୀରେ ପ୍ରଶଂସକଙ୍କୁ ଗୁଡ୍ ନ୍ୟୁଜ୍ ଦେଇଛନ୍ତି। ସ୍ତ୍ରୀ ଲିନ ଲାଇଶ୍ରାମଙ୍କ ସହ ଏକ ସୁନ୍ଦର ଫଟୋ ଶେୟାର କରି ଖୁବ୍‌ଶୀଘ୍ର ମାତାପିତା ହେବାକୁ ଯାଉଥିବା କହିଛନ୍ତି। ଅଭିନେତା କ୍ୟାପସନ୍‌ରେ ଲେଖିଛନ୍ତି, ଦୁଇ ବର୍ଷର ପ୍ରେମ, ସାହସିକତା ଏବଂ ଆଗକୁ ଗୋଟିଏ ଛୋଟ ପିଲା ଆସୁଛି। ରଣଦୀପ ୨୦୨୩ ନଭେମ୍ବର ୨୦ରେ ଲିନ ଲାଇଶ୍ରାମଙ୍କୁ ବିବାହ କରିଥିଲେ। ଲିନ ଲାଇଶ୍ରାମ ଜଣେ ଅଭିନେତ୍ରୀ। ସେ ଶାହରୁଖ ଖାନ୍‌ଙ୍କ ଫିଲ୍ମ 'ଓମ୍ ଶାନ୍ତି ଓମ୍' ସହିତ ବଲିଉଡରେ ଡେବ୍ୟୁ କରିଥିଲେ। ୨୦୨୩ ମସିହାରେ ସେ 'ଜାନେ ଜାନ' ଏବଂ 'ମେରି କମ୍' ଚଳଚ୍ଚିତ୍ରରେ ମଧ୍ୟ ଅଭିନୟ କରିଛନ୍ତି। ସେ ଜଣେ ମଡେଲ ଏବଂ ବ୍ୟବସାୟୀ ମଧ୍ୟ। ରଣଦୀପ୍‌ଙ୍କୁ ଶେଷ ଥର ପାଇଁ ସନି ଦେଓଲଙ୍କ ଅଭିନୀତ 'ଜାଟ' (୨୦୨୫) ଚଳଚ୍ଚିତ୍ରରେ ଦେଖିବାକୁ ମିଳିଥିଲା। ଏଥିରେ ସେ ଏକ ନକାରାତ୍ମକ ଭୂମିକାରେ ଅଭିନୟ କରିଥିଲେ। ତେବେ ୨୦୨୬ରେ ମୁକ୍ତିଲାଭ କରିବାକୁ ଥିବା ଇଂଲିଶ୍ ଚଳଚ୍ଚିତ୍ର 'ମ୍ୟାଚବକ୍ସ'ରେ ନଜରକୁ ଆସିବେ।



ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ରବିବାର, ନଭେମ୍ବର ୩୦/୨୦୨୫ | Bhubaneswar, Sunday, November 30/2025


ଆଜିର ସମ୍ପାଦକୀୟ ପ୍ରତିଶୋଧାତ୍ମକ ପଦକ୍ଷେପ

# ଓଡ଼ିଶାରେ ବଢ଼ିଛି ଶିଶୁ ନିଖୋଜ

ରାଜ୍ୟରେ ଶିଶୁ ନିଖୋଜ ଘଟଣା ବଢ଼ିବାରେ ଲାଗିଛି। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଶନିବାର ଗୃହରେ ଦେଇଥିବା ତଥ୍ୟ ଅନୁସାରେ ଗତ ୨ବର୍ଷରେ ରାଜ୍ୟରେ ଟୋଲ୍ ଫ୍ରି ନମ୍ବର '୧୦୯୮' ଜରିଆରେ ୧୧,୩୩୭ ଶିଶୁ ନିଖୋଜ ଘଟଣା ପଞ୍ଜୀକୃତ ହୋଇଛି। ସେଥିମଧ୍ୟରୁ ୮,୩୬୨ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଏବେ ବି ୨,୯୭୫ ଜଣଙ୍କ କୌଣସି ସନ୍ଧାନ ମିଳିପାରି ନାହିଁ। ତେବେ ନ୍ୟାଶନାଲ୍ କ୍ରାଇମ୍ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି) ତଥ୍ୟ ଅନୁସାରେ ଶିଶୁଙ୍କ ଉଦ୍ଧାରରେ ରାଜ୍ୟର ସ୍ଥିତି ଅତି ନୈରାଶ୍ୟଜନକ ରହିଛି। ଏପରି କି ଓଡ଼ିଶାର ସ୍ଥାନ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ସବୁଠାରୁ ତଳେ ରହିଛି। ଶିଶୁମାନଙ୍କ ସୁରକ୍ଷାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବାବେଳେ ଏହି ତଥ୍ୟ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି କରିଛି।



## ୨ବର୍ଷରେ ୧୧,୩୩୭ ପଞ୍ଜୀକୃତ
## ଉଦ୍ଧାର ହୋଇଛନ୍ତି ୮,୩୬୨: ପ୍ରଭାତୀ

ଭୁବନେଶ୍ୱର,୨୯।୧୧
(ସତ୍ୟଜିତ ରାଉତ)

ରାଜ୍ୟରେ ଶିଶୁମାନଙ୍କୁ ଉଦ୍ଧାର କରିବା କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଉଛି। ହେଲେ ଏଥିରେ ସେତେମାତ୍ରାରେ ସଫଳତା ମିଳୁନାହିଁ। ଗୋଟିଏ ପରେ ଗୋଟିଏ ଶିଶୁ ନିଖୋଜ ହୋଇ ମା'ର କୋଳ ଖାଲି ହୋଇଯାଉଛି, ଯାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଧାନସଭାରେ ଶନିବାର ଶିଶୁ ନିଖୋଜ ସଂକ୍ରାନ୍ତରେ ଆଲୋଚନା ହୋଇଯାଇଛି। ପାଟଣାର ଭାଜପା ସଦସ୍ୟ ଅଖିଳ ଚନ୍ଦ୍ର ନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ରାଜ୍ୟରେ ଗତ ୨ ବର୍ଷରେ ୧୧,୩୩୭ ଶିଶୁ ନିଖୋଜ ରିପୋର୍ଟ ପଞ୍ଜୀକୃତ ହୋଇଛି। ସେମାନଙ୍କ ମଧ୍ୟରୁ ୮,୩୬୨ ଶିଶୁଙ୍କୁ ଉଦ୍ଧାର କରାଯାଇଥିବାବେଳେ ୨,୯୭୫ ଜଣ ନିଖୋଜ ଅଛନ୍ତି। ଏସବୁ ରିପୋର୍ଟକୁ ପଞ୍ଜୀକୃତ କରାଯାଇ ଜିଲା ଶିଶୁ ସୁରକ୍ଷା ୟୁନିଟ୍(ଡିସିପିୟୁ)କୁ ହସ୍ତାନ୍ତର କରାଯାଇଛି ବୋଲି ସେ କହିଛନ୍ତି।

ପ୍ରଭାତୀଙ୍କ ସୂଚନା ଅନୁଯାୟୀ, ୨୦୨୪ରୁ ଏପର୍ଯ୍ୟନ୍ତ ଶିଶୁ ସହାୟତା ନଂ.୧୦୯୮ରେ ଏହି ଅଭିଯୋଗଗୁଡ଼ିକ ପଞ୍ଜୀକୃତ ହୋଇଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୭୮୫ ଜଣ ନିଖୋଜ ହୋଇଥିବାବେଳେ ୫୭୬ ଜଣଙ୍କୁ ଉଦ୍ଧାର କରାଯାଇପାରିଛି। ଜିଲାଓ୍ୱାରି ତଥ୍ୟ ଅନୁଯାୟୀ, ଅନୁଗୋଳରେ ୨୬୭ ଜଣ ଶିଶୁ ନିଖୋଜ ହୋଇଥିବାବେଳେ ବଲାଙ୍ଗୀରରେ ୩୯୪, ବାଲେଶ୍ୱରରେ ୬୮୩, ବରଗଡ଼ରେ ୧୨୨, ଭଦ୍ରକରେ ୪୧୨, ବୌଦ୍ଧରେ ୩୧୯, କଟକରେ ୪୫୦, ଦେବଗଡ଼ରେ ୨୮୫, ଢେଙ୍କାନାଳରେ ୨୬୫, ଗଜପତିରେ ☞ପୃଷ୍ଠା-୨

### ଉଦ୍ଧାରରେ ସବୁଠୁ ପଛରେ ଓଡ଼ିଶା

ଭୁବନେଶ୍ୱର,୨୯।୧୧
(ସତ୍ୟଜିତ ରାଉତ)

ନିଖୋଜ ଶିଶୁମାନଙ୍କୁ ଉଦ୍ଧାର କରିବା କ୍ଷେତ୍ରରେ ଓଡ଼ିଶାର ପ୍ରଦର୍ଶନ ସ୍ଥିତି ଅତି ଖରାପ ରହିଛି। ନିକଟରେ ପ୍ରକାଶିତ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟ-୨୦୨୩ରୁ ଏହା ସ୍ପଷ୍ଟ ହୋଇଛି। ନିଖୋଜ ଶିଶୁମାନଙ୍କୁ ଉଦ୍ଧାର ତୁଳନା ତାଲିକାରେ ଓଡ଼ିଶା ରାଜ୍ୟମାନଙ୍କ ମଧ୍ୟରେ ଥିଲେ ତଳଆଡୁ ପ୍ରଥମରେ ରହିଛି। ଏଯାଏ ନିଖୋଜ ହୋଇଥିବା ଶିଶୁମାନଙ୍କ ମଧ୍ୟରୁ ଓଡ଼ିଶା ୨୦୨୩ରେ ମାତ୍ର ୩୨.୫ ପ୍ରତିଶତ ଉଦ୍ଧାର କରିପାରିଛି। ତଥ୍ୟ ଅନୁଯାୟୀ, ୨୦୨୩ ପୂର୍ବରୁ ଓଡ଼ିଶାରୁ ମୋଟ ୪,୮୩୭ ଜଣ ଶିଶୁ ନିଖୋଜ ଥିଲେ। ସେମାନଙ୍କ ମଧ୍ୟରେ ୫୧୭ ଜଣ ନାବାଳକ ଓ ୪,୩୨୦ ଜଣ ନାବାଳିକା। ୨୦୨୩ରେ ମଧ୍ୟ ୫,୯୩୮ ଜଣ ଶିଶୁ ନିଖୋଜ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୭୦୫ଜଣ ନାବାଳକ ଓ ୫,୨୩୩ ନାବାଳିକା ଥିଲେ। ୨୦୨୩ ବର୍ଷର ନିଖୋଜ ଶିଶୁଙ୍କୁ ମିଶାଇ ଏହି ସଂଖ୍ୟା ୧୦,୭୭୫ରେ ପହଞ୍ଚିଥିଲା। ତେବେ ୨୦୨୩ ବର୍ଷରେ ୩,୫୦୩ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩,୦୫୬ ଜଣ ନାବାଳିକା ରହିଥିବାବେଳେ ୪୪୭ ଜଣ ନାବାଳକ ରହିଛନ୍ତି। ଅପରପକ୍ଷରେ ନିଖୋଜ ଶିଶୁମାନଙ୍କୁ ଉଦ୍ଧାର କରିବା ତାଲିକାରେ ସର୍ବଶେଷରେ ନାଗାଲାଣ୍ଡ ଓ ସିକିମ୍ ମିଳିତ ଭାବେ ୧୦୦% ହାରରେ ପ୍ରଥମରେ ରହିଥିବା ବେଳେ ଦ୍ୱିତୀୟରେ କେରଳ (୯୫.୯%), ତୃତୀୟରେ ମେଘାଳୟ (୯୩.୬), ଚତୁର୍ଥରେ ତ୍ରିପୁରା (୮୬.୨) ଏବଂ ପଞ୍ଚମ ସ୍ଥାନରେ ଆନ୍ଧ୍ରପ୍ରଦେଶ (୮୫.୭) ରହିଛି।




# ରାଜ୍ୟରେ ଖୋଲିବ ୧୫ ପୋକ୍‌ସୋ କୋର୍ଟ

ଭୁବନେଶ୍ୱର, ୨୯।୧୧
(ସୁନିତ୍ ମିଶ୍ର)

ଉଚ୍ଚ ନ୍ୟାୟାଳୟଙ୍କ ଅନୁମୋଦନକ୍ରମେ ରାଜ୍ୟର ବିଭିନ୍ନ ବ୍ଲକ୍‌ରେ ଗୋଟିଏ ଲେଖା ସିଭିଲ ଜଜ୍-କମ୍-ଜେଏମ୍‌ଏଫ୍‌ସି କୋର୍ଟ ଖୋଲିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ଏହା ବ୍ୟତୀତ ଉଚ୍ଚ ନ୍ୟାୟାଳୟ ନୟାଗଡ଼ ଜିଲାର ଖଣ୍ଡପଡ଼ାଠାରେ ଗୋଟିଏ ଅତିରିକ୍ତ ଜିଲା ଓ ସେସନ୍ ଜଜ୍ କୋର୍ଟ ଖୋଲିବାକୁ ଅନୁମୋଦନ ଦେଇସାରିଛନ୍ତି। ଏହି କୋର୍ଟଗୁଡିକ ଖୋଲିବା ଲାଗି ରାଜ୍ୟ ସରକାର ଆସନ୍ତା ଆର୍ଥିକ ବର୍ଷରେ ହେବାକୁ ଥିବା ଉଚ୍ଚସ୍ତରୀୟ କମିଟି ବୈଠକରେ ପ୍ରସ୍ତାବ ଆଗତ କରିବେ। ରାଜ୍ୟ ସରକାର କେବଳ ପ୍ରୋଟେକ୍‌ଶନ ଅଫ୍ ଚିଲ୍‌ଡ୍ରେନ୍ ଫର୍ ସେକ୍ସୁଆଲ ଅଫେନ୍ସ (ପୋକ୍‌ସୋ) ମାମଲାଗୁଡିକ ବିଚାର କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ୧୫ଟି ସ୍ୱତନ୍ତ୍ର ଅଦାଲତ ଖୋଲିବାକୁ ବିହିତ ପଦକ୍ଷେପ ନେଉଛନ୍ତି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଧାନସଭାରେ କହିଛନ୍ତି। ବିଧାୟକ ☞ପୃଷ୍ଠା-୨




# ଡା. ଶାହିନଙ୍କ ପ୍ରକୋଷ୍ଠରୁ ୧୮ ଲକ୍ଷ ଜବତ

### ହ୍ୱାଇଟ୍ କଲାର ଟେରର ମଡ୍ୟୁଲ ତଦନ୍ତ ଜୋର୍‌ଦାର

ଫରିଦାବାଦ,୨୯।୧୧

ହ୍ୱାଇଟ୍ କଲାର ଟେରର ମଡ୍ୟୁଲ୍‌ର ତଦନ୍ତ ଚଳାଇଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଫରିଦାବାଦର ଅଲ୍-ଫଲାହ ୟୁନିଭର୍ସିଟିରେ ଗୁରୁବାର ରାତିରେ ଚଢ଼ାଉ କରିଥିଲା। ଆତଙ୍କବାଦୀ ମଡ୍ୟୁଲ ସହ ଜଡ଼ିତ ଡାକ୍ତର ଶାହିନ ଶହିଦଙ୍କ ହଷ୍ଟେଲ୍ ପ୍ରକୋଷ୍ଠରୁ ଏନ୍‌ଆଇଏ ୧୮ ଲକ୍ଷ ଟଙ୍କା ଜବତ କରିଛି। ପ୍ରକୋଷ୍ଠ ନମ୍ବର ୩୨ରେ ଥବା ଏକ ଆଲମିରାରେ ଏହି ଟଙ୍କା ରଖାଯାଇଥିଲା। ଉକ୍ତ ବିଶ୍ୱବିଦ୍ୟାଳୟରୁ ଚାଲିଥିବା ହ୍ୱାଇଟ୍-କଲାର ଟେରର ମଡ୍ୟୁଲ୍‌କୁ ପାଣ୍ଠି ଯୋଗାଣ ପାଇଁ ଏହି ଟଙ୍କା ରଖାଯାଇଥିବା ସନ୍ଦେହ କରାଯାଉଛି।

ଗତ ୧୦ ତାରଖରେ ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣ ଘଟଣା ସହ ସମ୍ପୃକ୍ତି ଅଭିଯୋଗରେ ଶାହିନଙ୍କୁ ଗିରଫ କରାଯାଇଥିଲା। ତାଙ୍କୁ ଜେରା କରାଯିବା ସହ ଅଧିକ ତଦନ୍ତ ପାଇଁ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌କୁ ଅଣାଯାଇଥିଲା। ତାଙ୍କୁ ପ୍ରଶାସନିକ ବ୍ଲକ୍‌କୁ ପ୍ରଥମେ ନିଆଯିବା ବେଳେ ସେ ଏକ ଲକର ବ୍ୟବହାର କରୁଥିବା କହିଥିଲେ। ସେଠାରୁ ଏନ୍‌ଆଇଏ ଅଧିକାରୀମାନେ ଅଧିକ ତଦନ୍ତ ପାଇଁ ତାଙ୍କୁ ହଷ୍ଟେଲ ପ୍ରକୋଷ୍ଠକୁ ନେଇଥିଲେ, ଯେଉଁଠୁ ୧୮ ଲକ୍ଷ ଟଙ୍କା ଜବତ ହୋଇଛି। ଏତେ ପରିମାଣର ଟଙ୍କା କେଉଁଠୁ ଆସିଲା, ଏନ୍‌ଆଇଏ ତାହା ଉପରେ ଖୋଳତାଡ଼ ଚଳାଇଛି। ଟେରର ମଡ୍ୟୁଲ ନେଟ୍‌ୱର୍କ ଜରିଆରେ ଉକ୍ତ ଅର୍ଥ ଆସିଥିବା ସନ୍ଦେହ କରାଯାଉଛି। ଏହା ପରେ ଶାହିନଙ୍କୁ ମେଡିକାଲ ୱାର୍ଡ, ଶ୍ରେଣୀକକ୍ଷ ଏବଂ ଡାକ୍ତରଙ୍କ କ୍ୟାବିନ୍‌କୁ ନିଆଯାଇ ତାଙ୍କର ଦୈନନ୍ଦିନ କାର୍ଯ୍ୟର ରିକନ୍‌ଷ୍ଟ୍ରକ୍ସନ କରାଯିବା ସହ ତାଙ୍କ ସହ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା। ଅଲ୍-ଫଲାହରେ ଶିକ୍ଷାଦାନ କରୁଥିବାବେଳେ ଶାହିନ ଟେରର ମଡ୍ୟୁଲରେ ସକ୍ରିୟ ରହିଥିଲେ। ସେ ବିଶ୍ୱବିଦ୍ୟାଳୟ ଭିତରେ ଏବଂ ବାହାରେ ନିଜ ସମ୍ପର୍କ ବଢ଼ାଇବା ଦିଗରେ କାର୍ଯ୍ୟ କରୁଥିଲେ। ଟେରର ମଡ୍ୟୁଲରେ ସମ୍ପୃକ୍ତ ଅନ୍ୟତମ ଡାକ୍ତର ମୁଜାମିଲ ଅହମଦ ଗନାଇଙ୍କୁ ଗିରଫ କରାଯିବା ପରଦିନ ଶାହିନ ଉକ୍ତ ମଡ୍ୟୁଲ ସହ ଜଡ଼ିତ ବୋଲି ଏନ୍‌ଆଇଏ ଜାଣିବାକୁ ପାଇଥିଲା।


ଡା. ଶାହିନ ଶହିଦ



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- କଳାଞ୍ଜଳି ଲୋକକଳା ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ବିଶ୍ୱ ଏଡ୍ସ ଦିବସ ଉପଲକ୍ଷେ ବନ୍ଦେ ମା ତରମ୍ ପକ୍ଷରୁ ମିଶନ୍ ଜିରୋ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀ ମାର୍ଗ, ସମୟ: ପୂର୍ବାହ୍ନ ୧୧ଟା।

## କଟକ

- ପ୍ରଗତିଶୀଳ ସାହିତ୍ୟ ସମାଜ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମହାନଗର, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ସାହିତ୍ୟ ସମାଜ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ଦର୍ଶନରେ ମାନବୀୟ ଚେତନା ଆଲୋଚନାଚକ୍ର, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ଅସ୍ମିତା ଖେଲୋ ଇଣ୍ଡିଆ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୯ଟା।
- ବାଲେଶ୍ୱର ପ୍ରତିଭା ସମାରୋହ, ସ୍ଥାନ: ମିଶନ ସ୍କୁଲ କମ୍ପାଉଣ୍ଡ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

## ଭଦ୍ରକ

- ମଣ୍ଡଳସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, ସ୍ଥାନ: ଷେଣ୍ଢପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ପକ୍ଷରୁ ମିଶ୍ରଣ ପର୍ବ, ସ୍ଥାନ: କାଙ୍କରା ଗ୍ରାମ ଖେଳପଡ଼ିଆ, ଧାମନଗର ଏନ୍‌ଏସି, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: କାଙ୍କରା ହାଇସ୍କୁଲ ପଡ଼ିଆ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ଧାମନଗର ପୂଜ୍ୟପୂଜା ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ଧାମନଗର ତହସିଲ ନିକଟ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୩ଟା।
- ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍, ଧାମନଗର, ସମୟ: ଅପରାହ୍ନ ୫ଟା।
- ତ୍ୟାଗଭୂମି ମହୋତ୍ସବର ୭ମ ସନ୍ଧ୍ୟା, ସ୍ଥାନ: ମଠସାହି ଗୋପାଳଜୀଉ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ଶ୍ରୀ ଅନୁକୂଳଚନ୍ଦ୍ରଙ୍କ ଆଧାତ୍ମିକ ଆଲୋଚନା ଏବଂ ଭଜନ, ସ୍ଥାନ : ବିଷ୍ଣୁପ୍ରିୟା ବାଳାଶ୍ରମ, ହାଟଡ଼ିହୀ, ସମୟ : ସକାଳ ୮ ଟା।
- ବଡ଼ବିଲ ପୋଲିସର ଲୋକ ସମ୍ପର୍କ ମେଳା ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: କାଶିଆ, ବଡବିଲ, ସମୟ : ପୂର୍ବାହ୍ନ ୧୦ ଟା ୩୦।

## ମୟୂରଭଞ୍ଜ

- ମୟୂରଭଞ୍ଜ ମହୋତ୍ସବର କାର୍ନିଭାଲ ଶୋଭାଯାତ୍ରା, ସ୍ଥାନ: ଦେଉଳସାହି ବଡ଼ ଜଗନ୍ନାଥ ମନ୍ଦିର, ବାରିପଦା, ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର

- ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ସଂଗ୍ରାମର ବାର୍ତ୍ତା ପତ୍ରିକାର ୪୭ତମ ପୂର୍ତ୍ତି ଉତ୍ସବ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ:ମଧ୍ୟାହ୍ନ ୧୨ଟା।

## କନ୍ଧମାଳ

- ସାଇ ପ୍ରଭୁଜୀ ଗ୍ଲୋବାଲ ସ୍କୁଲର ଚତୁର୍ଥ ବାର୍ଷିକୋତ୍ସବ, ସ୍ଥାନ: ସ୍କୁଲ ପରିସର, ବାଲିଗୁଡ଼ା, ସମୟ: ପୂର୍ବାହ୍ନ ୧୦ ଟା।
- ଅମୃତ ମିଳନ, ସ୍ଥାନ: ଦାରିଙ୍ଗବାଡି ମା' ଦଶଭୁଜା ଦୁର୍ଗମଣ୍ଡପ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଜଗତ୍‌ସିଂହପୁର

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉଦଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ଜଗନ୍ନାଥ ଲଳିତ କଳା ସଂସଦର ସାଂସ୍କୃତିକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ନାଟକ 'ସକାଳର ମେଘ', ପରିବେଷଣ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା ।
- କେନ୍ଦ୍ରାପଡା ଜିଲା ଅସ୍ମିତା କ୍ରୀଡା ଉତ୍ସବ, ସ୍ଥାନ:କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡା ସହର, ସମୟ: ସକାଳ ୮ଟା।
- ସାହିତ୍ୟ ଅନୁଷ୍ଠାନ ସତୀର୍ଥର ବାର୍ଷିକ ଉତ୍ସବ, ସ୍ଥାନ:ଗଣକବି ଗୋପାଳ ଦାସ ମଞ୍ଚ, ସିଦ୍ଧବଟ, କୋରୋ, କେନ୍ଦ୍ରାପଡା, ସମୟ:ସକାଳ ୯ଟା ।
- ନିଃଶୁଳ୍କ ଚିକିତ୍ସା ଶିବିର, ସ୍ଥାନ:ସ୍ୱାସ୍ଥ୍ୟ କ୍ଲିନିକ ଆଣ୍ଡ ଡାଇଗ୍ନୋଷ୍ଟିକ, ବଉଳ ବିହାର, ଗରାପୁର ରୋଡ, କେନ୍ଦ୍ରାପଡା ସହର, ସମୟ:ସକାଳ ୯ଟା।
- ଜୟରାଷ୍ଟ୍ର ଚାରିଟେବୁଲ ଟ୍ରଷ୍ଟର ରାଷ୍ଟ୍ରବାଦୀ କବିତା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ:ରାମମନ୍ଦିର, ଗୋପ, କେନ୍ଦ୍ରାପଡା ସହର, ସମୟ: ଅପରାହ୍ନ ୪ଟା ।

## ଯାଜପୁର

- ବରୀ ମହୋତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ: ସନ୍ତନ ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- କୋରେଇ ବ୍ଲକର ପାଟରଙ୍ଗା ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ତଳଗଡ ବାରାନାଥ ପଡ଼ିଆଠାରୁ ପାଟରଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।
- ସାଂସଦ ଖେଳ ମହୋତ୍ସବ–୨୦୨୫ ଟ୍ରଫି ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ : ଧର୍ମଶାଳା ଷ୍ଟାଡିୟମ ପରିସର, ସମୟ : ପୂର୍ବାହ୍ନ ୧୧ଟା।
- କୁରାଳ ପଞ୍ଚମୀ ଉଦ୍‌ଯାପନୀ ଉତ୍ସବ, ସ୍ଥାନ:ସୁଲପୁର ବ୍ଲକ ଭୋଟକା ପଞ୍ଚାୟତର ଇଚ୍ଛାପୁର ଗ୍ରାମ, ସମୟ: ଅପରାହ୍ନ ୩ଟା।

## ନୟାଗଡ଼

- ଘୋଡଲାଗି ପର୍ବର ୪ର୍ଥ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା ।
- ଘୋଡଲାଗି ପର୍ବର ୪ର୍ଥ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା୩୦।
- କଂସାରୀ ସମାଜର ମନ୍‌କି ବାତ୍ କାର୍ଯ୍ୟକ୍ରମ, ସ୍ଥାନ: କଣ୍ଟିଲୋ, ସମୟ: ପୂର୍ବାହ୍ନ ୧୦ଟା।
- ସାମନ୍ତ ମହୋତ୍ସବ ଖଣ୍ଡପଡା ଓ ପଲ୍ଲୀଶ୍ରୀ ମେଳା ୨୦୨୬ର ପ୍ରସ୍ତୁତି ବୈଠକ, ସ୍ଥାନ: ଖଣ୍ଡପଡା ଉମାଦେବୀ ମନ୍ଦିର, ସମୟ: ପୂର୍ବାହ୍ନ ୧୦.୩୦ଟା।
- ମାନବ ଅଧିକାର ସୁରକ୍ଷା ପାଇଁ ବାରର ରୋଲ ଉପରେ କର୍ମଶାଳା, ସ୍ଥାନ:ଓଡଗାଁ ବାର ଆସୋସିଏଶନ ହଲ୍, ସମୟ: ପୂର୍ବାହ୍ନ ୧୧ଟା।
- ଶୂନ୍ୟ ମୃତ୍ୟୁ ସପ୍ତାହ ଉଦ୍‌ଯାପନ ଦିବସରେ ରାସ୍ତା ସୁରକ୍ଷା ସଚେତନତା ଉପରେ ଏକ ପଥପ୍ରାନ୍ତ ନାଟକ, ସ୍ଥାନ: ନୟାଗଡ ସହର ଗୋଲେଇ ଟ୍ରାଫିକ୍ ଛକ, ସମୟ: ପୂର୍ବାହ୍ନ ୧୧ଟା ।
- ଜଳସମ୍ପଦ ବିଭାଗର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଖଣ୍ଡପଡା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନ, ସମୟ: ମଧ୍ୟାହ୍ନ ୧୨ଟା ୩୦ରୁ ଅପରାହ୍ନ ୪ଟା।
- ମାଘମେଳା ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ:କଣ୍ଟିଲୋ ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ:ଅପରାହ୍ନ ୪ଟା ।

## ରାୟଗଡ଼ା

- ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ମିଳିତ ଆନୁକୂଲ୍ୟରେ ଗଣଦୌଡ଼, ସ୍ଥାନ: କପିଳାସ ଛକଠାରୁ ତେଜସ୍ୱୀ ପଡିଆ, ରାୟଗଡା, ସମୟ: ସକାଳ ୬ଟା ।
- ଧନ ଲକ୍ଷ୍ମୀ ପୂଜା ନିମନ୍ତେ କଳସ ଯାତ୍ରା, ସ୍ଥାନ: ଧନଲକ୍ଷ୍ମୀ ପୂଜା ମଣ୍ଡପ, ଗୁଡାରି, ସମୟ: ସକାଳ ୯ଟା।
- ସ୍ୱାମୀ ବିଦ୍ୟାନନ୍ଦ ସାଗର ମହାରାଜାଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକ ଉତ୍ସବ, ସ୍ଥାନ: ଅଦ୍ୱୈତ ବେଦାନ୍ତ ଆଶ୍ରମ, କରାବାଙ୍କ, ଗୁଣପୁର, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ବଟେଶ୍ୱର ମନ୍ଦିର ରତ୍ନମୁଦ ଓ ପ୍ରତିଷ୍ଠା, ସ୍ଥାନ: ଉମରକୋଟ ସିଉନି, ସମୟ: ସମୟ ଅପରାହ୍ନ ୩ଟା।

## କୋରାପୁଟ

- ଜିଲାସ୍ତରୀୟ ଟିଚର୍ସ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ହାଇସ୍କୁଲ ଗ୍ରାଉଣ୍ଡ, ବୈପାରୀଗୁଡ଼ା, ସମୟ: ସକାଳ ୭ଟା ୩୦।
- ବ୍ଲକ୍‌ସ୍ତରୀୟ ପରବ ଶୁଭାରମ୍ଭ, ସ୍ଥାନ: ମା' ଜଗତଜନନୀ ମନ୍ଦିର, ଜୟପୁର, ସମୟ: ସକାଳ ୯ଟା।
- ଓଡ଼ିଶା ଅମଲା ସଂଘର ଜିଲା କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ମଧ୍ୟାହ୍ନ ୧୨ଟା।

## ମାଲକାନଗିରି

- ବ୍ଲକ୍‌ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: କୋରୁକୋଣ୍ଡା, ସମୟ: ସକାଳ ୭ ଟା।
- ସାମ୍ବାଦିକ ବନାମ ଡାକ୍ତରଙ୍କ ମଧ୍ୟରେ କୌତୁକ କ୍ରିକେଟ୍ ପ୍ରତିଯୋଗିତା, ସ୍ଥାନ: ଡିଏନ୍‌କେ ଖେଳ ପଡିଆ, ମାଲାକନଗିରି , ସମୟ: ସକାଳ ୮ ଟା।
- ରୋଟାରି କ୍ଲବ ତରଫରୁ ଜାତୀୟ ନିର୍ମାଣକାରୀ ପୁରସ୍କାର କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ମାଲକାନଗିରି , ସମୟ: ପୂର୍ବାହ୍ନ ୧୧ ଟା।
- ବ୍ଲକ୍‌ସ୍ତରୀୟ ମାଲ୍ୟବନ୍ତ ଆରମ୍ଭ ଉପଲକ୍ଷେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍, ସ୍ଥାନ: ଖଇରପୁଟ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ମାଲ୍ୟବନ୍ତ ମହୋତ୍ସବ ଉପଲକ୍ଷେ ଜିଲାର ୭ଟି ବ୍ଲକରେ କଳଶ ଯାତ୍ରା, ସ୍ଥାନ: ମାଲକାନଗିରି ଭୈରବ ମନ୍ଦିରଠାରୁ ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୩ଟା।

## ସମ୍ବଲପୁର

- ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ରେଙ୍ଗାଲି ପ୍ରଖଣ୍ଡ ଆୟୋଜନରେ ନିଶାମୁକ୍ତି ଅଭିଯାନରେ ସ୍ୱାସ୍ଥ୍ୟ ପାଇଁ ଗଣ ଦୌଡ କାର୍ଯ୍ୟକ୍ରମ, ସ୍ଥାନ : ରେଙ୍ଗାଲି ବାବା ମନ୍ଦିର, ସମୟ : ସକାଳ ୭ଟା ।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆୟୋଜନରେ ସମ୍ବଲପୁରୀ ସଙ୍ଗୀତ ସମ୍ରାଟ ଫକିର ପଟ୍ଟନାୟକଙ୍କ ଶ୍ରଦ୍ଧାଞ୍ଜଳିକାର୍ଯ୍ୟକ୍ରମ, ସ୍ଥାନ : ଜେଲ ଛକ ନିକଟସ୍ଥ ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା ।
- ସମ୍ବଲପୁରୀ ବହି ହାଟ ପ୍ରସ୍ତୁତି କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସକାଳ ୯ଟା ।
- ସମ୍ବଲପୁରୀ ଧନୁଯାତ୍ରା– ୨୦୨୬ କଳାକାର ଚୟନ କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା ।

## ବଲାଙ୍ଗୀର

- ୬୯ ତମ ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ଫୁଟବଲ, ଫେନ୍‌ସିଂ ଏବଂ ଥାଙ୍ଗ୍‌ଟା ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ମଧ୍ୟାହ୍ନ ୧୨ଟା।
- ଟାଇଗର ୟୁଥ୍ କ୍ଲବର ବାର୍ଷିକ ଉତ୍ସବ, ସ୍ଥାନ: ଶାନ୍ତିପଡା, ବଲାଙ୍ଗୀର, ସମୟ: ଅପରାହ୍ନ ୫ଟା।

## ରାଉରକେଲା

- ଏନ୍‌ଆଇଟିରେ ଟିସୁ ଇଞ୍ଜିନିୟରିଂ ଅନ୍ତର୍ଜାତୀୟ ସମ୍ମିଳନୀ, ସ୍ଥାନ: ବାୟୋଟେକ୍‌ନୋଲୋଜି ବିଭାଗ, ସମୟ: ପୂର୍ବାହ୍ନ ୧୦ଟା।
- ତୃତୀୟ ଇସ୍ପାତ ନାଟ୍ୟ ମହୋତ୍ସବର ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର–୬, ସମୟ: ପୂର୍ବାହ୍ନ ୧୧ଟା।
- ୟୁଥ୍ ଫେସ୍‌ଟିଭାଲ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ୟୁଥ୍ ଆସୋସିଏଶନ କ୍ଲବ, ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା।
- ପୁରାଣ ପରମ୍ପରାରେ ଲକ୍ଷ୍ମୀ ପୁରାଣର ମହତ୍ୱ ଆଲୋଚନାଚକ୍ର, ସ୍ଥାନ: ଫର୍ଟିଲାଇଜର, ସମୟ: ଅପରାହ୍ନ ୩ଟା।
- ଗୁରୁକୁଳ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଡିଏଭି ପଡିଆ, ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୬ଟା ୩୦।
- ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ସେକ୍ଟର–୫ କଲଚରାଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା ୩୦।
- ବାସନ୍ତୀ ପାଠାଗାରରେ ସାହିତ୍ୟ ସଭା, ସ୍ଥାନ: ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ହନୁମାନ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ତଳିପଡ଼ା, ବରଗଡ଼, ସମୟ:ସକାଳ ୮ଟା।

## କଳାହାଣ୍ଡି

- ରାଜ୍ୟସ୍ତରୀୟ ସମ୍ବିଧାନ ଦିବସ ମହୋତ୍ସବ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ସହର ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁବର୍ଣ୍ଣପୁର

- ମାଗଣା ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଅଭିଜିତ ସ୍ମୃତି କମିଟି କାର୍ଯ୍ୟାଳୟ ନୂଆବଜାର ବିନିକା, ସମୟ: ସକାଳ ୯ଟା।
- ଦି ଆର୍ଟ ଅଫ ଲିଭିଙ୍ଗ ହେପିନେଶ ସେଣ୍ଟର ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବର, ସ୍ଥାନ: ସୋନପୁର ବ୍ଲକ ଛକ ନିକଟସ୍ଥ ହେପିନେଶ ସେଣ୍ଟର, ସମୟ: ସକାଳ ୯ଟା।

## ନୂଆପଡ଼ା

- ୩ୟ ଫୁଟ୍‌ବଲ ମହାକୁମ୍ଭ ତ୍ରୟୋଦଶ ଦିବସ, ସ୍ଥାନ: ରାଜା ଏଟି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଖଡିଆଳ, ସମୟ: ଅପରାହ୍ନ ୩ଟା ।
- ୨୪ କୁଣ୍ଡିୟ ରାଷ୍ଟ୍ରୀୟ ଶୌର୍ଯ୍ୟ ସମୃଦ୍ଧି ଗାୟତ୍ରୀ ମହାଯଜ୍ଞ ଭୂମି ପୂଜନ ଓ ଦେବଦମ୍ପତି ସମ୍ମିଳନୀ, ସ୍ଥାନ: ସିନାପାଲି ବ୍ଲକ ଗଣ୍ଡାବାହାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଲୋଚନା ପରିସରରେ ବନ୍ଧୁଙ୍କ ବିରୋଧାଭାଷ ରହିଲେ ମଧ୍ୟ ଗଠନମୂଳକ ପରାମର୍ଶ ଅବଶ୍ୟ ପାଇବେ। ଗତକାଲିର ବାକି କାମଗୁଡ଼ିକୁ ଆଜି ସମ୍ପୂର୍ଣ୍ଣ କରିବା ନିଷ୍ପତ୍ତି ନେବେ। କୃତ୍ତିକା ନକ୍ଷତ୍ର ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ହେବାରୁ ଆଶ୍ୱସ୍ତି ଲଭିବେ। କଚେରି ମାମଲାର ସମାଧାନ ସାଙ୍ଗକୁ ବନ୍ଧୁବର୍ଗଙ୍କ ସହାନୁଭୂତି ମିଳିବ।

**ବୃଷ** ପ୍ରତିବନ୍ଧକ କାରଣରୁ ସ୍ଥଗିତ କାମ ସମ୍ପର୍କୀୟଙ୍କ ସହଯୋଗରୁ ସମ୍ପନ୍ନ ହେବ। ବନ୍ଧୁଙ୍କ ନିକଟରୁ ଦୁଃଖଦ ଖବର ଶ୍ରବଣ କରି ମନସ୍ତାପ କରିପାରନ୍ତି। ପାରିବାରିକ ସ୍ଥିତି ପୂର୍ବପରି ରହିବା ସହିତ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଘଟିବ। ମୃଗଶିରା ନକ୍ଷତ୍ର ସକାଶେ ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟା ଦେଖାଦେବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ।

**ମିଥୁନ** କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟରୁ ସହଜ ଓ ସୁବିଧାରେ କାମ ହାସଲ କରିପାରିବେ। ବେଖାତିର ମନୋଭାବ ହେତୁ ଉପର ଅଧିକାରୀମାନେ ରାଗିପାରନ୍ତି। ପୁନର୍ବସୁ ନକ୍ଷତ୍ର ସକାଶେ ପରିବାରର ଆବଶ୍ୟକତା ବୃଦ୍ଧିଜନିତ ଖର୍ଚ୍ଚ ଦିଗୁଣା ହୋଇପାରେ। ବାଣିଜ୍ୟରେ ସଫଳତା, ବିବାଦୀୟ ଘଟଣାରେ ବିଜୟ ଲାଭ ଅବଶ୍ୟମ୍ଭାବୀ।

**କର୍କଟ** କର୍ମକ୍ଷେତ୍ରରେ ସହକର୍ମୀ ଏକଜୁଟ ହୋଇ ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ଘର କଥାନେଇ ସ୍ତ୍ରୀଙ୍କ ସହ ଆଲୋଚନା ପୂର୍ବକ ବିଭିନ୍ନ ସମସ୍ୟା ସମାଧାନର ସୂତ୍ର ବାହାର କରିପାରନ୍ତି। ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ। ପୁଷ୍ୟା ନକ୍ଷତ୍ର ସକାଶେ ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ସିଂହ** ଆଲୋଚନା ପରିସରରେ ବନ୍ଧୁଙ୍କ ଅଶାଳୀନ ମନ୍ତବ୍ୟ ଓ ଅଶୋଭନୀୟ ଆଚରଣରେ ଦୁଃଖ ପ୍ରକାଶ କରିପାରନ୍ତି। ମଘା ନକ୍ଷତ୍ର ପରୋକ୍ଷ ଶତ୍ରୁତା କରୁଥିବା ଲୋକଙ୍କ କଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ବନ୍ଧୁଙ୍କ ଅନୁରୋଧରେ ଦୂରସ୍ଥାନକୁ ଯିବାକୁ ପଡ଼ିପାରେ। ଆଳାପ ଆଲୋଚନା ପରେ ଅଶାନ୍ତ ମନ ଶାନ୍ତ ହୋଇଯାଇପାରେ।

**କନ୍ୟା** କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ହସ୍ତା ନକ୍ଷତ୍ର ସ୍ୱାସ୍ଥ୍ୟରେ ବ୍ୟତିକ୍ରମ ଦେଖାଦେବାରୁ ଚିନ୍ତିତ ରହିବେ। ସୁନା ଜିନିଷ କିମ୍ବା କୌଣସି ଯାନ୍ତ୍ରିକ ଜିନିଷ କିଣାବିକାରେ ଠକାମିରେ ପଡ଼ିପାରନ୍ତି। ଅପରିଚିତ ଲୋକଟି ମିତ୍ରତା ଛଳରେ ପାଖେଇ ଆସିବ, ଯାହାକି ଦୁଶ୍ଚିନ୍ତାକୁ ବୃଦ୍ଧି କରିପାରେ।

**ତୁଳା** କଠିନଶ୍ରମ ଓ ବିଶେଷ ଭ୍ରମଣଜନିତ ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉଥିବାରୁ ମନ ଭଲ ରହିବ ନାହିଁ। କର୍ମ କ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଚିତ୍ରା ନକ୍ଷତ୍ର କାର୍ଯ୍ୟହାନି କାରଣରୁ ମାନସିକ ଉଦ୍‌ବେଗ ବୃଦ୍ଧିଜନିତ ଆଳସ୍ୟ ଅନୁଭବ କରିବେ। ପରିବହନ, ବାଣିଜ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ବିଛା** ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିଥିଲେ ମଧ୍ୟ ଅବହେଳାଜନିତ ସମସ୍ୟା ଦେଖାଦେବ। ଜ୍ୟେଷ୍ଠା ନକ୍ଷତ୍ର ସକାଶେ ଅପୂରଣୀୟ ଆଶା ମାନସିକ ସ୍ତରକୁ ନିରୁତ୍ସାହିତ କରିବ। ପାରିବାରିକ ସାହଚର୍ଯ୍ୟ କାମ ସକାଶେ ଅନୁକୂଳ ରହିପାରେ। ସାହିତ୍ୟ ଚର୍ଚ୍ଚା, ରାଜନୀତି ଏବଂ ସଭାସମିତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**ଧନୁ** ସମୟ ଅନୁକୂଳ ରହିଥିଲେ ମଧ୍ୟ କେତେକ କ୍ଷେତ୍ରରେ ନିଜ ଦୋଷରୁ ସମସ୍ୟା ସୃଷ୍ଟି ହେବ। ବାକ୍‌ସଂଯମ ଅଭାବରୁ ବନ୍ଧୁଙ୍କ ଘରୋଇ ଝାମେଲାକୁ ଟାଣି ହୋଇ ଯାଇପାରନ୍ତି। ପୂର୍ବାଷାଢ଼ା ନକ୍ଷତ୍ରର ସାଧାରଣ ପରିସ୍ଥିତିରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ଯୋଡ଼ି ହୋଇଯିବ। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ ଓ ପ୍ରତିଯୋଗିତାରେ ସଫଳ ହେବେ।

**ମକର** ସ୍ଥଗିତ କାମ ବାରମ୍ବାର ପ୍ରତିରୋଧ ମଧ୍ୟରେ ଅଟକି ଯାଉଥିବା କାରଣରୁ ମନସ୍ତାପ କରିପାରନ୍ତି। ବ୍ୟବସାୟ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଧନିଷ୍ଠା ନକ୍ଷତ୍ର ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ସହଜରେ କାମ ହାସଲ କରିବେ।

**କୁମ୍ଭ** ଶତଭିଷା ନକ୍ଷତ୍ର ବହୁବିଧ କର୍ମରେ ଅନୁପ୍ରବେଶ ପାଇଁ ରାସ୍ତା ଉନ୍ମୁକ୍ତ କରିପାରେ। ଗତକାଲିର ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ। ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ସନ୍ଦେହ ଏବଂ ଭୁଲ୍ ବୁଝାମଣା କାରଣରୁ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ ନାହିଁ।

**ମୀନ** ଉତ୍ତରଭାଦ୍ର ନକ୍ଷତ୍ରର ଆଜିର ଜୀବନଯାତ୍ରା ପ୍ରୀତିପ୍ରଦ ରହିବ। କିନ୍ତୁ ଅନେକ କ୍ଷେତ୍ରରେ ପାରିବାରିକ ପ୍ରତିରୋଧ ଯୋଗୁଁ କେତେକ କାମ ଅଟକି ଯାଇପାରେ। କର୍ମ କ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଘଟିବାର ସୂଚନା ରହିଛି। ପୂର୍ବାଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍‌ଠିକ୍ ହୋଇଯିବ।

ଆଜି ନଭେମ୍ବର ୩୦ ତାରିଖ, ମାର୍ଗଶିର ଶୁକ୍ଳ ଦଶମୀ ରବିବାର, ରାଶିନକ୍ଷତ୍ର–ଉତ୍ତରଭାଦ୍ର/ମୀନ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୫୧ ଗତେ ଘ.୦୯।୦୨ ମଧ୍ୟେ, ଘ.୧୨।୫୭ ଗତେ ଘ.୦୨।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ. ୦୩।୪୦ମି. ଗତେ ଘ.୦୫।୦୨ମି. ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଓଳି ପାଣି ପଡେ ପିଣ୍ଡା ତଳକୁ,
ଝିଅ ଜନମ ପର ଘରକୁ ।**

ଅଲିଅଳରେ ବଢ଼ିଆସିଥିବା ଝିଅଟି ଯେତେବେଳେ ଘରଯୋଗ୍ୟା ହୁଏ ସେତେବେଳେ ତା'ର ପିତାମାତା ଭଲ ଘର, ଭଲ ବର ଦେଖି ଝିଅଟିର ବିବାହ କରାଇ ଦେଇଥାନ୍ତି। ବିବାହ ପରେ ଝିଅଟି ପରଗୋତ୍ରୀ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଲେଇ ଦୁଆରକୁ ଭିକାରୀ ଗଲା
ଚାଉଳଧୁଆ ପାଣି ଚକୁଳି କଲା ।**

ନିପଟ ଓଲା ବା ମୂର୍ଖ ବ୍ୟକ୍ତିଙ୍କଠାରେ ହିତାହିତ ଜ୍ଞାନର ଅଭାବ ରହିଥାଏ। କୌଣସି କାର୍ଯ୍ୟକୁ ଏମାନେ ଠିକ୍ ଢଙ୍ଗରେ କରିପାରି ନ ଥାନ୍ତି। ଏଭଳି ବ୍ୟକ୍ତିଙ୍କଠାରୁ ସାହାଯ୍ୟର ଆଶା ରଖିବା ମୂର୍ଖାମି ହୋଇଥିବା ବେଳେ ପରିସ୍ଥିତିରେ ପଡ଼ି ଏମାନଙ୍କ ଦ୍ୱାରସ୍ଥ ହେଉଥିବା ବ୍ୟକ୍ତିଙ୍କୁ ନିରାଶ ହେବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସବୁ ଅଙ୍ଗନୱାଡି ପାଇଁ ନିଜସ୍ୱ ଗୃହ ହେବ: ଉପମୁଖ୍ୟମନ୍ତ୍ରୀ

**ଯେଉଁଠି ଅସୁବିଧା ଅଛି ବିଭାଗ ନିଜ ପାଣ୍ଠିରୁ ନିର୍ମାଣ କରିବ**

ଭୁବନେଶ୍ୱର, ୨୯।୧୧(ସୁନିତ୍ ମିଶ୍ର) ରାଜ୍ୟରେ ମୋଟ ୭୪ ହଜାର ୨୨୪ ଅଙ୍ଗନୱାଡି କେନ୍ଦ୍ର ରହିଛି। ସେଥିରୁ ୫୪ ହଜାର ୭୪ ଅଙ୍ଗନୱାଡି କେନ୍ଦ୍ର ନିଜସ୍ୱ ଗୃହରେ ଚାଲିଛି। ୨୦ ହଜାର ୧୫୦ ଅଙ୍ଗନୱାଡିର ନିଜସ୍ୱ ଗୃହ ନାହିଁ। ୭ ହଜାର ୩୮୯ ଅଙ୍ଗନୱାଡି ଗୃହ ନିର୍ମାଣ ଚାଲିଛି। ୧୦ ହଜାର ୪୧୬ ମିନି ଅଙ୍ଗନୱାଡି କେନ୍ଦ୍ର ସରକାରଙ୍କ ମୁଖ୍ୟ ଅଙ୍ଗନୱାଡିକୁ ରୂପାନ୍ତର ହୋଇଛି। ୨୦ ହଜାର ୧୫୦ ଅଙ୍ଗନୱାଡିରେ ନିଜସ୍ୱ ଗୃହ ନ ଥିବାରୁ ୪ ହଜାର ୫୭୪ ଅଙ୍ଗନୱାଡି ସ୍କୁଲ ଘରେ ଚାଲିଛି। ୧୦ ହଜାର ୪୬୯ କମ୍ୟୁନିଟି ଗୃହରେ ଚାଲିଛି। ୩ ହଜାର ୮୯୦ ଭଡ଼ାଘରେ ଚାଲିଛି। ସବୁ ଅଙ୍ଗନୱାଡି ପାଇଁ ନିଜସ୍ୱ ଗୃହ ହେବ। ସକ୍ଷମ ଅଙ୍ଗନୱାଡ଼ି ଜରିଆରେ ଗୃହ ନିର୍ମାଣ ପାଇଁ ଯୋଜନା ଚାଲିଛି। ଯେଉଁଠି ସ୍ଥାନ ମିଳିବ ନାହିଁ ପଞ୍ଚାୟତିରାଜ ବିଭାଗଠାରୁ ଜାଗା କିଣି ନିର୍ମାଣ ହେବ। ପୂର୍ବରୁ ୭ ଲକ୍ଷ ଟଙ୍କାରେ ଅଙ୍ଗନୱାଡି ଗୃହ ନିର୍ମାଣ ହେଉଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ୧୨ ଲକ୍ଷ ଓ ଏବେ ୧୫ ଲକ୍ଷରେ ପହଞ୍ଚିଛି। ମହିଳା ଓ ଶିଶୁ ବିକାଶ ବିଭାଗ ନିଜସ୍ୱ ଅର୍ଥରେ ଅଙ୍ଗନୱାଡ଼ି ନିର୍ମାଣ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସେ ଆହୁରି କହିଛନ୍ତି, ବିଧାୟକମାନେ ନିଜ ଅଞ୍ଚଳର ଯେଉଁ ସ୍ଥାନରେ ଅଙ୍ଗନୱାଡି କେନ୍ଦ୍ରକୁ ନେଇ ସମସ୍ୟା ଅଛି ସିଡିପିଓଙ୍କ ଜରିଆରେ ତାଲିକା ଦେଲେ ସେହି କାମ କରାଯିବ। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ମଧ୍ୟ ନିକଟରେ ବୈଠକ ହୋଇଥିଲା। ଅଙ୍ଗନୱାଡି କେନ୍ଦ୍ର ଲାଗି ୨୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବା ନେଇ ନିଷ୍ପତ୍ତି ହୋଇଥିବା ବିଷୟ ସେ କହିଛନ୍ତି। ମୋଟ୍ ୯୬୨.୧୩ ସ୍କୋୟାର ଫିଟ୍ ଜାଗାରେ ଘର ନିର୍ମାଣ ହେବ। ନିକଟରେ ୨ଟି ଜିଲା ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ାର ୩୧ଟି ଅଙ୍ଗନୱାଡି କେନ୍ଦ୍ର ୧୫ ଲକ୍ଷ ଟଙ୍କା ଲେଖା ଖର୍ଚ୍ଚ ହୋଇ କରାଯାଇଛି। ଯେଉଁଠାରେ ଅସୁବିଧା ରହିବ ସେଠାରେ ବିଭାଗ ପକ୍ଷରୁ ନିଜସ୍ୱ ପାଣ୍ଠିରେ କରାଯିବ। ପ୍ରଶ୍ନକାଳ ଆରମ୍ଭରୁ ଏଥିରେ ଭାଗନେଇ ବିଧାୟକ ଅଶ୍ୱିନୀ ପାତ୍ର, ପ୍ରତାପ ଦେବ, କଂଗ୍ରେସ ସଦସ୍ୟ ସି.ଏସ୍. ରାଜନ ଏକ୍କା, ଦୁଷନ୍ତ କୁମାର ନାଏକ, ରମେଶ ଚନ୍ଦ୍ର ବେହେରା, ପବିତ୍ର ସାଉଁନ୍ତା ପ୍ରମୁଖ ଭାଗନେଇଥିଲେ।

# ପ୍ରଥମ ପୃଷ୍ଠାରୁ...

## ଓଡ଼ିଶାରେ ବଢ଼ିଛି ...

୬୫୯, ଗଞ୍ଜାମରେ ୩୧୩, ଜଗତ୍‌ସିଂହପୁରରେ ୨୫୭, ଯାଜପୁରରେ ୩୩୦, ଝାରସୁଗୁଡ଼ାରେ ୩୮୦, କଳାହାଣ୍ଡିରେ ୧୩୨, କନ୍ଧମାଳରେ ୪୩୭, କେନ୍ଦ୍ରାପଡ଼ାରେ ୧୭୮ ଶିଶୁ ନିଖୋଜ ହୋଇଥିବା ରିପୋର୍ଟ ହୋଇଛି। ସେହିପରି କେନ୍ଦୁଝରରେ ୩୭୪, କୋରାପୁଟରେ ୫୭୬, ମାଲକାନଗିରିରେ ୩୦୫, ମୟୂରଭଞ୍ଜରେ ୩୪୩, ନବରଙ୍ଗପୁରରେ ୨୯୦, ନୟାଗଡରେ ୪୫୩, ନୂଆପଡାରେ ୩୬୦, ପୁରୀରେ ୫୯୫, ରାୟଗଡ଼ାରେ ୨୩୧, ସମ୍ବଲପୁରରେ ୨୪୧, ସୁବର୍ଣ୍ଣପୁରରେ ୬୨୦ ଓ ସୁନ୍ଦରଗଡ଼ରେ ୨୮୧ଜଣ ଶିଶୁ ନିଖୋଜ ହୋଇଛନ୍ତି।

ଅପରପକ୍ଷରେ ଅନୁଗୋଳରେ ୨୦୬ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଥିବାବେଳେ ବଲାଙ୍ଗୀରରେ ୨୩୯, ବାଲେଶ୍ୱରରେ ୧୧୪, ବରଗଡରେ ୧୭୮, ଭଦ୍ରକରେ ୩୫୧, ବୌଦ୍ଧରେ ୪୦୭, କଟକରେ ୩୫୦, ଦେବଗଡ଼ରେ ୧୫୫, ଢେଙ୍କାନାଳରେ ୨୦୧, ଗଜପତିରେ ୭୧୫ଜଣଙ୍କୁ ଉଦ୍ଧାର କରାଯାଇଛି। ସେହିପରି ଗଞ୍ଜାମରେ ୫୧୬, ଜଗତ୍‌ସିଂହପୁରରେ ୧୩୦, ଯାଜପୁରରେ ୧୪୦, ଝାରସୁଗୁଡ଼ାରେ ୨୮୨, କଳାହାଣ୍ଡିରେ ୭୦, କନ୍ଧମାଳରେ ୧୫୦, କେନ୍ଦ୍ରାପଡ଼ାରେ ୧୨୫, କେନ୍ଦୁଝରରେ ୧୭୩, ଖୋର୍ଦ୍ଧାରେ ୫୭୬, କୋରାପୁଟରେ ୧୩୫, ମାଲକାନଗିରିରେ ୨୦୫, ମୟୂରଭଞ୍ଜରେ ୨୭୩, ନବରଙ୍ଗପୁରରେ ୨୨୯, ନୟାଗଡ଼ରେ ୨୨୨, ନୂଆପଡ଼ାରେ ୩୭୨, ପୁରୀରେ ୮୧୯, ରାୟଗଡ଼ାରେ ୮୫, ସମ୍ବଲପୁରରେ ୧୭୫, ସୁବର୍ଣ୍ଣପୁରରେ ୬୧୮ ଏବଂ ସୁନ୍ଦରଗଡ଼ଜିଲାରେ ୧୫୧ ଜଣଙ୍କୁ ଉଦ୍ଧାର କରାଯାଇଥିବା ମନ୍ତ୍ରୀ ପ୍ରଭାତୀ ଗୃହରେ ତଥ୍ୟ ରଖିଛନ୍ତି। ଏନେଇ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋଙ୍କ କହିବା କଥା, ସରକାରଙ୍କ ନିଖୋଜ ପିଲାଙ୍କ ଉଦ୍ଧାର ନେଇ ସ୍ପଷ୍ଟ ଆଭିମୁଖ୍ୟ ସହ ନିର୍ଦ୍ଦେଶନାମା ନ ରହିଲେ ତଳସ୍ତରରେ ଥିବା ଅଫିସର କିମ୍ବା କର୍ମଚାରୀମାନେ ତାହାକୁ ଅନୁପାଳନ କରିବେ ନାହିଁ। ପ୍ରଶାସନିକସ୍ତରରେ ଥିବା ଅଧିକାରୀମାନେ ଶିଶୁ, ମହିଳା, ଦଳିତ, ଆଦିବାସୀ, ସଂଖ୍ୟାଲଘୁ ଆଦିଙ୍କ ବିରୋଧରେ ହେଉଥିବା ଅପରାଧ ଘଟଣା, ସେମାନଙ୍କ ପାଇଁ ଏକ ପ୍ରସଙ୍ଗ ହେଉନାହିଁ। ସେମାନଙ୍କ ମଧ୍ୟରେ ମାନବିକ ସମ୍ବେଦନଶୀଳତାର ଘୋର ଅଭାବ ରହିଛି। ସେହିପରି ଥାନାକୁ ନାବାଳକ ଓ ନାବାଳିକା ନିଖୋଜ ଏତଲା ନେଇ ଯାଉଥିବା ଲୋକମାନଙ୍କୁ ଥାନା ଅଧିକାରୀମାନେ ଗୁରୁତ୍ୱ ଦେଉ ନ ଥିବାରୁ ଏଭଳି ସ୍ଥିତି ଉପୁଜିଛି। ଏଯାଏ ଥାନାର ପରିବେଶ ବଦଳି ନ ଥିବା ବେଳେ ପୋଲିସ ମଧ୍ୟ ପିପୁଲ୍ସ ଫ୍ରେଣ୍ଡ୍‌ଲି ହୋଇପାରୁ ନାହିଁ ବୋଲି କାନୁନ୍‌ଗୋ କହିଛନ୍ତି।

## ରାଜ୍ୟରେ ଖୋଲିବ ...

ଚକ୍ରମଣି କହଁର ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ବାଲେଶ୍ୱର, ଭଦ୍ରକ, କଟକ, ଗଞ୍ଜାମର ବ୍ରହ୍ମପୁର, ଯାଜପୁର, କେନ୍ଦୁଝର, ଖୋର୍ଦ୍ଧାର ଭୁବନେଶ୍ୱର, ମୟୂରଭଞ୍ଜ, କନ୍ଧମାଳ, ପୁରୀ, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, ମାଲକାନଗିରି ଏବଂ ସୋନପୁରଠାରେ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟର ଆବଶ୍ୟକତା ଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି। ସେହିପରି ବରଗଡ଼ର ଅତାବିରା, ଭଦ୍ରକର ଭଣ୍ଡାରିପୋଖରୀ, ବାଲେଶ୍ୱରର ରେମୁଣା, ବଲାଙ୍ଗୀରର ଦେଓଗାଁ ଏବଂ ପୁଇଁତଳା, ଦେବଗଡ଼ର ନଈକୂଳ, ଢେଙ୍କାନାଳର ଓଡ଼ାପଡ଼ା, ଗଞ୍ଜାମର ରଙ୍ଗେଇଲୁଣ୍ଡା, ଜଗତ୍‌ସିଂହପୁରର ବିରିଡ଼ି, ରଘୁନାଥପୁର, ଯାଜପୁରର ଦଶରଥପୁର, କେନ୍ଦ୍ରାପଡ଼ାର ଡେରାବିଶ, ମାଲକାନଗିରିର କୋରକୁଣ୍ଡା, ମୟୂରଭଞ୍ଜର ସାମାଖୁଣ୍ଟ ଓ କୁଳିଅଣା, ନବରଙ୍ଗପୁରର ନନ୍ଦାହାଣ୍ଡି, ତେନ୍ତୁଳିଖୁଣ୍ଟି ଓ ପାପଡ଼ାହାଣ୍ଡି, ନୟାଗଡ଼ର ନୂଆଗାଁ, ପୁରୀର ବ୍ରହ୍ମଗିରି, ସମ୍ବଲପୁରର ଧନକୋଉଡ଼ା ଓ ମାନେଶ୍ୱର ଏବଂ ସୁନ୍ଦରଗଡ଼ର ସବ୍‌ଡେଗା ଓ ଟାଙ୍ଗରପାଲିଠାରେ ସିଭିଲ ଜଜ୍–କମ୍–ଜେଏମ୍‌ଏଫ୍‌ସି କୋର୍ଟ ଖୋଲିବ। ସେହିପରି ଖାଲିଥିବା ବିଚାରପତି ପଦବୀଗୁଡ଼ିକ ପୂରଣ ଲାଗି ଉଚ୍ଚ ନ୍ୟାୟାଳୟ ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମନ୍ତ୍ରୀ ହରିଚନ୍ଦନ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।




# ସୁଭଦ୍ରା ଯୋଜନା: ନୂଆ ଯୋଡ଼ି ହୋଇଛନ୍ତି ୧୭ ଲକ୍ଷ ୮୩ ହଜାର ୨୫୧

ଭୁବନେଶ୍ୱର, ୨୯।୧୧(ସୁନିତ୍ ମିଶ୍ର): ସୁଭଦ୍ରା ଯୋଜନାରେ ଅଧିକ ୧୭ ଲକ୍ଷ ୮୩ହଜାର ୨୫୧ ଜଣଙ୍କୁ ଯୋଡ଼ା ଯାଇଛି। ତୃଣମୂଳସ୍ତରରେ ଇନ୍‌କ୍ୱାରି ହେବା ପରେ ଏହି ସଂଖ୍ୟା ବଢ଼ିଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି।

ବିଧାନସଭାରେ ବିଧାୟକ ମାନସ ଦତ୍ତଙ୍କ ପ୍ରଶ୍ନର ଉତ୍ତରରେ ଆବେଦନ କରିଥିବା ହିତାଧିକାରୀଙ୍କ ମଧ୍ୟରୁ ୯ ଲକ୍ଷ ୩୬ ହଜାର ୨୮୩ ଜଣଙ୍କୁ କଟାଯାଇଛି। ଗତ ୨୪ ତାରିଖ ସୁଦ୍ଧା ସୁଭଦ୍ରାରେ ଓଡ଼ିଶାରୁ ସମୁଦାୟ ୧ କୋଟି ୧୨ ଲକ୍ଷ ୨୬ ହଜାର ୭୪୩ ଜଣ ଆବେଦନ କରିଛନ୍ତି। ସେଥିରୁ ୧ କୋଟି ୦୩ ଲକ୍ଷ ୮୯ ହଜାର ୮୦୧ ଜଣ ମହିଳା ସୁଭଦ୍ରା ଅଧୀନରେ ଅର୍ଥ ରାଶି ପ୍ରଥମ ଏବଂ ଦ୍ୱିତୀୟ କିସ୍ତି ପାଇଥିବା ବେଳେ ୯୭ ଲକ୍ଷ ୫୧ ହଜାର ୪୭୯ ଜଣ ସମସ୍ତ ୩ଟି ଯାକ କିସ୍ତି ପାଇଛନ୍ତି। ସେହିପରି ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ମୋଟ୍ ୯୪ ହଜାର ୯୭୩ ଜଣ ଆବେଦନ କରିଥିବା ବେଳେ ୮୨ ହଜାର ୧୩୩ ଜଣ ହିତାଧିକାରୀ ସୁଭଦ୍ରା ଅଧୀନରେ ଆର୍ଥିକ ସହାୟତା ପାଇଛନ୍ତି। ୫୪୮୭ ଜଣ ଆବେଦନକାରୀଙ୍କ ଆବେଦନ ଖାରଜ ହୋଇଛି। ମୋଟ୍ ୧୬ ହଜାର ୭୨୩ ଜଣ ଆବେଦନକାରୀଙ୍କ କ୍ଷେତ୍ରୀୟ ତଦନ୍ତ କରାଯାଇ ୧୬ ହଜାର ୨୮୩ ଜଣଙ୍କୁ ଯୋଗ୍ୟ ଏବଂ ୪୪୦ ଜଣଙ୍କୁ ଅଯୋଗ୍ୟ ଚିହ୍ନଟ କରାଯାଇଛି।


ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

# ୨୦ ଦିନ ପରେ ନିଖୋଜ ବରିଷ୍ଠ ନାଗରିକ ଉଦ୍ଧାର

କେନ୍ଦୁଝର,୨୯।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

ପର୍ଯ୍ୟଟନ ବିଭାଗ ପକ୍ଷରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ତୀର୍ଥଯାତ୍ରା ଭ୍ରମଣରେ ଯାଇଥିବା କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ ଟାଙ୍ଗିରୀ ଗ୍ରାମର ବରିଷ୍ଠ ନାଗରିକ ଜଗନ୍ନାଥ ନାୟକ ନିଖୋଜ ହୋଇଯାଇଥିଲେ। ଦୀର୍ଘ ୨୦ ଦିନ ପରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ସ୍ଥାନୀୟ ପୋଲିସ ସହାୟତାରେ ବରିଷ୍ଠ ନାଗରିକ ଉଦ୍ଧାର ହୋଇଛନ୍ତି। ପ୍ରକାଶ ଯେ, ବରିଷ୍ଠ ନାଗରିକ ଗତ ୬ ତାରିଖରେ ଅନ୍ୟମାନଙ୍କ ସହିତ ବାଲେଶ୍ୱର ଯାଇ ସେଠାରୁ ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ ଉତ୍ତର ପ୍ରଦେଶ ରାଜ୍ୟର ବାରଣାସୀ ଯାଇଥିଲେ। ସେମାନେ ସାରନାଥରେ ରହିଥିବା ବେଳେ ୮ ତାରିଖ ରାତି ୧୦ ଟାରେ ହୋଟେଲରୁ ବାହାରି କୁଆଡ଼େ ଚାଲିଯାଇଥିଲେ। ଖୋଜାଖୋଜି କରାଯାଇଥିଲେ ହେଁ ମିଳି ନ ଥିଲେ। ପରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ଥାନୀୟ ଥାନାରେ ସୂଚନା ଦିଆଯାଇଥିଲା। ତାଙ୍କୁ ଖୋଜିବା ପାଇଁ ସହକାରୀ ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଅନ୍ୟ ଜଣେ କର୍ମଚାରୀ ବିକ୍ରମ କେଶର ପାତ୍ର ଯାଇଥିଲେ। ତାଙ୍କ ପୁଅ ଲକ୍ଷ୍ମଣ ନାୟକ ମଧ୍ୟ ଯାଇଥିଲେ। ଦୀର୍ଘ ୨୦ ଦିନ ପରେ ତାଙ୍କର ପତ୍ତା ସେଠାରୁ ୨୦୦ କିମି ଦୂର ସୁଲତାନପୁର ଫାଣ୍ଡି ଅଞ୍ଚଳରୁ ମିଳିଥିଲା। ସେ ଚାଲି ଚାଲି ଏତେ ବାଟ ଭୁଲି ପଳାଇଥିଲେ। ତାଳଚେର ଆସିଥିବା ଭାବି ଘରକୁ ଚାଲି ଚାଲି ଫେରୁଥିବା କହିଥିଲେ। ସ୍ଥାନୀୟ ପୋଲିସ ଓ ରେଲୱେ ବିଭାଗର ଜିତେନ୍ଦ୍ରଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ତାଙ୍କୁ ରାଜ୍ୟକୁ ଫେରାଇ ଆଣିବାକୁ ଉଦ୍ୟମ ଜାରି ରହିଛି।


ଉଦ୍ଧାର ହୋଇଥିବା ବ୍ୟକ୍ତିଙ୍କ ସହିତ ସାରନାଥ ପୋଲିସ ଓ ଅନ୍ୟ ପ୍ରଶାସନିକ ଅଧିକାରୀ।

## ଇସ୍ତଫା ଦେଲେ ଭଦ୍ରକ, ଭଣ୍ଡାରିପୋଖରୀ ବ୍ଲକ୍ ଅଧ୍ୟକ୍ଷା

ଭଦ୍ରକ, ୨୯।୧୧ (ସନାତନ ରାଉତ)

ଭଦ୍ରକ ଜିଲା ବନ୍ତ ବ୍ଲକ୍ ଅଧ୍ୟକ୍ଷଙ୍କ ପରେ ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ ଓ ଭଣ୍ଡାରିପୋଖରୀ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ ଶନିବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ସେମାନେ ତାଙ୍କ ଇସ୍ତଫାପତ୍ର ଜିଲା ବିଜେଡି ସଭାପତିଙ୍କୁ ପଠାଇଛନ୍ତି। ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିବା ସେମାନେ ଦର୍ଶାଇଛନ୍ତି। କିଛିଦିନ ତଳେ ଭଦ୍ରକ, ବନ୍ତ, ଭଣ୍ଡାରିପୋଖରୀ ଓ ବାସୁଦେବପୁର ବ୍ଲକ୍ ଅଧ୍ୟକ୍ଷ ଭାଜପାରେ ସାମିଲ ହେବା ନେଇ ଭାଜପା ରାଜ୍ୟ ସଭାପତିଙ୍କୁ ଦରଖାସ୍ତ ଦେଇଥିଲେ ବୋଲି ଚର୍ଚ୍ଚା ହେଉଥିଲା। ତେବେ ଗୋଟିଏ ଦିନରେ ୩ ବ୍ଲକ୍ ଅଧ୍ୟକ୍ଷା ଅଧ୍ୟକ୍ଷଙ୍କ ବିଜେଡିରୁ ଇସ୍ତଫା ଦଳ ପାଇଁ କ୍ଷତି ପହଞ୍ଚାଇବ ବୋଲି ଚର୍ଚ୍ଚା ହେଉଛି।

## କଂଗ୍ରେସର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ୩କୁ ଘୁଞ୍ଚିଲା

ଭୁବନେଶ୍ୱର, ୨୯।୧୧(ସୁନିତ୍ ମିଶ୍ର): ଅଖିଳ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ଓଡ଼ିଶାରେ ଆରମ୍ଭ ହୋଇଥିବା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଆବେଦନ ପାଇଁ ଶେଷ ତାରିଖ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ମାଧ୍ୟମରେ ଦଳ ପାଇଁ ଦକ୍ଷ ପ୍ରବକ୍ତା, ଅଧିବକ୍ତା, ଗଣମାଧ୍ୟମ ସଂଯୋଜକ ନିମନ୍ତେ ଆବେଦନର ଶେଷ ତାରିଖ ରବିବାରକୁ ପୂର୍ବରୁ ଧାର୍ଯ୍ୟ କରାଯାଇଥିଲା। ଏହା ମଧ୍ୟରେ ଅନେକ ପ୍ରତିଭାସମ୍ପନ୍ନ ବ୍ୟକ୍ତି ବିଶେଷ ଏଥିପାଇଁ ଆବେଦନ କରିସାରିଛନ୍ତି। ଦରଖାସ୍ତକାରୀ ଏଥିପ୍ରତି ଆଗ୍ରହ ଦେଖି ଏବଂ ଅଧିକ ଲୋକଙ୍କୁ ଏଥିରେ ସୁଯୋଗ ଦେବାପାଇଁ ଆବେଦନର ଶେଷ ତାରିଖକୁ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି ବୋଲି ପିସିସି ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଅରବିନ୍ଦ ଦାସ ଏକ ପ୍ରେସ୍ ବିବୃତିରେ ଶନିବାର ଜଣାଇଛନ୍ତି।

DSPL-382

ସତ୍ୟମେବ ଜୟତେ

ଓଡିଶା ସରକାର

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ

ଶିକ୍ଷାବର୍ଷ ୨୦୨୫-୨୬ ଛାତ୍ରଛାତ୍ରୀମାନଙ୍କର ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ଆବେଦନର ସମୟସୀମା ବୃଦ୍ଧି

ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ଓଡିଶା ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲ୍ (ODISHA STATE SCHOLARSHIP PORTAL) ମାଧ୍ୟମରେ ଯୋଗ୍ୟ ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନଙ୍କର ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ଆବେଦନର ସମୟସୀମା ବୃଦ୍ଧି କରାଯାଇଛି। ପରିବର୍ଦ୍ଧିତ ତାରିଖଗୁଡିକ ନିମ୍ନରେ ପ୍ରଦତ୍ତ କରାଗଲା । ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ନିଜର ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ପାଇଁ ନବୀକରଣ/ ନୂତନ ଆବେଦନ କରିବାକୁ

http://www.scholarship.odisha.gov.in

ୟୁଆରଏଲ୍‌କୁ (URL ) ଯାଇ ଆବେଦନ କରନ୍ତୁ ।

ପରିବର୍ଦ୍ଧିତ ସମୟସୀମା

ଛାତ୍ର ସ୍ତର
ପୋର୍ଟାଲ୍ ୩୧ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଖୋଲା ରହିବ

ଶିକ୍ଷାନୁଷ୍ଠାନ ସ୍ତର
ପୋର୍ଟାଲ୍ ୧୫ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଖୋଲା ରହିବ

ଜିଲ୍ଲା ସ୍ତର
ପୋର୍ଟାଲ୍ ୩୧ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଖୋଲା ରହିବ

OIPR-26001/13/0022/2526






ଆମ ନାକ ଆଗରେ ଯାହା ଯେତିକି ଘଟୁଛି-ତା'ଛଡା ଯେହେତୁ ଆମେ ଆଉ କିଛି ଦେଖିପାରୁନାହୁଁ- ସେଥିପାଇଁ ଆମେ ଏଇସବୁ କୋଳାହଳ ଓ ଦୁର୍ଗନ୍ଧମୟ ବିଷୟ ଭିତରେ ମାତିଯାଇଛୁ। ଆରେ ନିର୍ବୋଧ ହୃଦୟର ମଣିଷମାନେ ! ନୀରବ ରୁହ। ନିଜର କ୍ଷୁଦ୍ର ଅହଂକାରକୁ ବିନାଶକର। ଏବଂ ଉଦାର ଭାବେ, ବିସ୍ତୃତ ଭାବେ ଓ ସାର୍ବଜନୀନ ଭାବେ ସବୁ କଥା ଦେଖିବାକୁ ଶିକ୍ଷାକର। -ଶ୍ରୀଅରବିନ୍ଦ



# ପ୍ରତିଶୋଧାତ୍ମକ ପଦକ୍ଷେପ



ଆକାର ପଟେଲ

ଗତ ମାସରେ ଏସିଆରୁ ପାକିସ୍ତାନ ଓ ଇରାକ ସହିତ ଭାରତ ଜାତିସଂଘ ମାନବାଧିକାର ପରିଷଦ(ୟୁଏନ୍‌ଏଚ୍‌ଆର୍‌ସି)କୁ ନିର୍ବାଚିତ ହୋଇଥିଲା। ୟୁଏନ୍‌ଏଚ୍‌ଆର୍‌ସି କହେ, ସାରା ବିଶ୍ୱରେ ମାନବାଧିକାରର ପ୍ରୋତ୍ସାହନ ଓ ସୁରକ୍ଷାକୁ ସୁଦୃଢ଼ କରିବା ଏହାର ଦାୟିତ୍ୱ। ୟୁଏନ୍‌ଏଚ୍‌ଆର୍‌ସିକୁ ନିର୍ବାଚିତ ହେବା ପାଇଁ ଭାରତ ସରକାର ବହୁ କିଛି କରିଥିଲେ। ଆହୁରି କୁହାଯାଇଛି, ଏହି ନିର୍ବାଚନ ମାନବ ଅଧିକାର ଏବଂ ମୌଳିକ ସ୍ୱାଧୀନତା ପ୍ରତି ଭାରତର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ମୁଁ ଏକ ନିର୍ଦ୍ଦିଷ୍ଟ ଘଟଣା ଉପରେ ଆଲୋକପାତ କରିବାକୁ ଚାହେଁ, ଯାହା ଭାରତରେ ମାନବାଧିକାର ସ୍ଥିତିକୁ ଦର୍ଶାଇବ। ଏହି କ୍ଷେତ୍ରରେ ଯେଉଁମାନଙ୍କ ଅଧିକାରକୁ ଜାଣିଶୁଣି ଉଲ୍ଲଂଘନ କରାଯାଇଛି, ସେମାନଙ୍କ ପ୍ରତି ଭାରତର ଦୃଷ୍ଟିଭଙ୍ଗୀକୁ ବିଚାର କରାଯିବା ଉଚିତ। ୨୨ ନଭେମ୍ବର ୨୦୨୫ରେ ବିନା ବିଚାରରେ ଖୁରାମ ପର୍‌ଭେଜ ୪ ବର୍ଷ ବନ୍ଦୀ ଜୀବନ ପୂରଣ କରିଛନ୍ତି। ସେ ଦିଲ୍ଲୀ ରୋହିଣୀ ଜେଲରେ ବନ୍ଦୀ ଜୀବନ କାଟୁଛନ୍ତି। ତାଙ୍କ ସ୍ତ୍ରୀ ଏବଂ ଦୁଇ ଛୋଟ ପିଲା କଶ୍ମୀରରେ ଏକ ନ୍ୟାୟିକ ବିଚାର ପାଇଁ ଅପେକ୍ଷା କରିଥିଲେ ବି ତାହାକୁ ସ୍ଥାନାନ୍ତର କରାଯିବାକୁ ମନାକରାଯାଇଛି। ଭାରତର ଆତଙ୍କବାଦ ବିରୋଧୀ ଆଇନଭାବେ ଜଣାଶୁଣା ବେଆଇନ କାର୍ଯ୍ୟକଳାପ (ପ୍ରତିକାର) ଆଇନ ବା ୟୁଏପିଏକୁ ମାନବାଧିକାର ସୁରକ୍ଷାକାରୀଙ୍କ ମୁହଁ ବନ୍ଦକରିବା ପାଇଁ ବ୍ୟବହାର କରାଯିବାରେ ତାଙ୍କ ଜେଲଦଣ୍ଡ ଏକ ବଡ଼ ତଥା ପ୍ରତୀକାତ୍ମକ ଉଦାହରଣ। ଏପରିକି ନୂତନ ଭାରତରେ ଜମ୍ମୁ ଏବଂ କଶ୍ମୀର ଅବୈଧ ହତ୍ୟା, ଦଣ୍ଡମୂଳକ ଘର ଭାଙ୍ଗିବା, ମନମୁଖି ଗିରଫଦାରି, ବେଆଇନ ନଜରବନ୍ଦୀ ଏବଂ ଯାତ୍ରା ପ୍ରତିବନ୍ଧକର ପ୍ରତ୍ୟକ୍ଷ ସାକ୍ଷୀ ସାଜିଛି। ଏଠାରେ ଏକ ନିର୍ବାଚିତ ସରକାରଙ୍କୁ କେନ୍ଦ୍ର ସରକାର କ୍ଷମତା ଶୂନ୍ୟ କରିଦେଇଛନ୍ତି, ଯାହା ଚଳିତ ସପ୍ତାହରେ ଜଣେ ସାମ୍ବାଦିକଙ୍କ ଘର ଭାଙ୍ଗିବା ଘଟଣାରୁ ଜାଣିପାରିବା। ଏହିସବୁ କାରଣରୁ ଖୁରାମ ପର୍‌ଭେଜ ସେଠାକାର ନିର୍ଯାତନାକୁ ଲିପିବଦ୍ଧ କରିବା ଆବଶ୍ୟକତା ଥିଲା, ଅପରିହାର୍ଯ୍ୟ ମଧ୍ୟ। ୨ ଦଶନ୍ଧି ଧରି ପର୍‌ଭେଜ କଶ୍ମୀରର ଜଣେ ସମ୍ମାନିତ ଏବଂ ଜଣାଶୁଣା ମାନବାଧିକାର ସ୍ୱର ଥିଲେ ବୋଲି ମୁଁ ଏହା ନିଶ୍ଚିତକରି କହିପାରେ। କାରଣ ମୁଁ ଯେଉଁ ବିଶ୍ୱସ୍ତରୀୟ ପ୍ୟାନେଲରେ ଅଛି ସେଠାରେ ତାଙ୍କ ଜେଲଦଣ୍ଡ ବିଷୟରେ ଗମ୍ଭୀର ଆଲୋଚନା କରାଯାଇଛି।

ଜମ୍ମୁ-କଶ୍ମୀର କୋଆଲିସନ ଅଫ୍ ସିଭିଲ ସୋସାଇଟି (ଜେକେସିସିଏସ୍)ର କାର୍ଯ୍ୟକ୍ରମ ସଂଯୋଜକ ଭାବେ ପରଭେଜ ଏକ ସବୁଠୁ ବିଶ୍ୱସନୀୟ ମାନବାଧିକାର ଗୋଷ୍ଠୀ ଗଠନ କରିବାରେ ସାହାଯ୍ୟ କରିଥିଲେ। ନିର୍ଯାତନା, ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଟକ ଏବଂ ନିଖୋଜ ସମ୍ପର୍କିତ ତଥ୍ୟ ସଂଗ୍ରହ କରିବାରେ ଜେକେସିସିଏସ୍ କାର୍ଯ୍ୟ କରିଥିଲା। ଫଳରେ ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତ ଏ ସଂକ୍ରାନ୍ତୀୟ କଶ୍ମୀରର ୨୦୧୮ ଏବଂ ୨୦୧୯ ରିପୋର୍ଟ ଉପରେ ଅଧିକ ନିର୍ଭର କରିଥିଲେ। ଏହା ସ୍ପଷ୍ଟ ଯେ, ଏହି କାର୍ଯ୍ୟ ପାଇଁ ପର୍‌ଭେଜଙ୍କୁ ଟାର୍ଗେଟ କରାଯାଇଥିଲା। ୨୧ ନଭେମ୍ବର ୨୦୨୧ରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ତାଙ୍କୁ ଆତଙ୍କବାଦୀ ପାଣ୍ଠି ସଂଗ୍ରହ କରିବା, ଷଡ଼ଯନ୍ତ୍ର ଏବଂ ରାଷ୍ଟ୍ର ବିରୋଧୀ କାର୍ଯ୍ୟ କରିବା ଅଭିଯୋଗରେ ଗିରଫ କରିଥିଲା। ହେଲେ ୪ବର୍ଷ ପରେ ତାଙ୍କ ମାମଲାର ବିଚାର ଆରମ୍ଭ ହୋଇନାହିଁ। ପର୍‌ଭେଜ ଏବେ ଜେଲରେ ଅଛନ୍ତି ଏବଂ କେବେ ଓ କେତେବେଳେ ତାଙ୍କୁ କୋର୍ଟ ରୁମ୍‌ରେ ଦେଖିବାକୁ ମିଳିବ ତାହା କହିହେଉନାହିଁ। ସେ ଏକା ନୁହନ୍ତି, ମାର୍ଚ୍ଚ ୨୦୨୩ରେ ଜେକେସିସିଏସ୍ ସହ ଜଡ଼ିତ ସାମ୍ବାଦିକ ଇର୍‌ଫାନ ମେହରାଜଙ୍କୁ ମଧ୍ୟ ସେହି ମାମଲାରେ ଗିରଫ କରାଯାଇଥିଲା। ସେହି ବର୍ଷ ଅଗଷ୍ଟରେ ଜେକେସିସିଏସ୍ ପ୍ରତିଷ୍ଠାତା ପର୍‌ଭେଜ ଇମ୍‌ରୋଜ୍‌ଙ୍କ ଘରେ ଏନ୍‌ଆଇଏ ଚଢ଼ାଉକରି ପଚରାଉଚରା ପାଇଁ ତାଙ୍କୁ ଦିଲ୍ଲୀ ଡକାଇଥିଲା। ଆଇନର ଆଧାର ନ ଥାଇ ଚଢ଼ାଉ ଏବଂ ସମନ ଜାରି କରିବା ବାସ୍ତବରେ ସଙ୍ଗଠନ ଏବଂ ଅଭିବ୍ୟକ୍ତି ସ୍ୱାଧୀନତାର ବାଧକ।

ଅନ୍ତର୍ଜାତୀୟ ମାନବାଧିକାର ସଙ୍ଗଠନଗୁଡ଼ିକ ଏ ସମ୍ପର୍କରେ ବାରମ୍ବାର ଚିନ୍ତା ପ୍ରକଟ କରିଛନ୍ତି। ଜୁନ୍ ୨୦୨୩ରେ ମନମୁଖି ଅଟକ ଉପରେ କାର୍ଯ୍ୟକରୁଥିବା ଜାତିସଂଘର ୱାର୍କିଂଗ୍ରୁପ୍ ପର୍‌ଭେଜଙ୍କ ଅଟକକୁ ମନମୁଖି କହିବା ସହ ତାଙ୍କୁ ମୁକ୍ତ କରିବାକୁ ଦାବି କରିଥିଲା। ହେଲେ ଆଜି ପର୍ଯ୍ୟନ୍ତ ଭାରତୀୟ କର୍ତ୍ତୃପକ୍ଷ ୱାର୍କିଂଗ୍ରୁପ୍‌ର ନିର୍ଦ୍ଦେଶ ପାଳନ କରିନାହାନ୍ତି କିମ୍ବା ଏବକାର ସ୍ଥିତି ବିଷୟରେ କିଛି ବି ଜଣାଇନାହାନ୍ତି। ପର୍‌ଭେଜ ଜାତିସଂଘ ସହ ଜଡ଼ିତ ହୋଇ ପ୍ରତିଶୋଧର ସମ୍ମୁଖୀନ ହେବା ପ୍ରଥମ ଘଟଣା ନୁହେଁ। ସେପ୍ଟେମ୍ବର ୨୦୧୬ରେ ମାନବାଧିକାର ପରିଷଦ ଅଧିବେଶନରେ ଯୋଗଦେବା ପାଇଁ ତାଙ୍କ ଜେନେଭା ଗସ୍ତକୁ ରୋକାଯାଇ ୭୬ ଦିନ ଅଟକ ରଖାଯାଇଥିଲା। ବିଭିନ୍ନ ପ୍ରତିଶୋଧାତ୍ମକ ପଦକ୍ଷେପ ସମ୍ପର୍କିତ ଜାତିସଂଘ ମହାସଚିବଙ୍କ ବାର୍ଷିକ ରିପୋର୍ଟରେ ୨୦୧୮ରୁ ପ୍ରତିବର୍ଷ ପର୍‌ଭେଜଙ୍କ ମାମଲା ଅନ୍ତର୍ଭୁକ୍ତ କରାଯାଇଆସିଛି। ୟୁଏପିଏରେ ବିଚାର ପୂର୍ବରୁ ୧୮୦ ଦିନ ଅଟକ ଅବଧି ଏବଂ ଏହାର ବୃଦ୍ଧିକୁ ନେଇ ଅକ୍ଟୋବର ୨୦୨୩ରେ ଜାତିସଂଘର ମାନବାଧିକାର ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଥିଲେ। ଏହା ଅତ୍ୟଧିକ ବୋଲି ସେମାନେ କହିଥିଲେ ଏବଂ ଭାରତକୁ ଅନ୍ତର୍ଜାତୀୟ ମାନବାଧିକାର ମାନଦଣ୍ଡ ଅନୁଯାୟୀ ଏହି ଆଇନରେ ସଂସ୍କାର ଆଣିବାକୁ ଅନୁରୋଧ କରିଥିଲେ।

ପ୍ରାୟ ୨ ଦଶନ୍ଧି ଧରି ଅନେକ ଲକ୍ଷ କଶ୍ମୀରୀ ସମ୍ମୁଖୀନ ହେଉଥିବା ମାନବାଧିକାର ଉଲ୍ଲଂଘନକୁ ପର୍‌ଭେଜ ଏବଂ ଜେକେସିସିଏସ୍ ସାମ୍ନାକୁ ଆଣିଥିଲେ। ଏବେ ଭାରତରେ ଆତଙ୍କବାଦ ନିରୋଧୀ ଆଇନର ଅପବ୍ୟବହାରରେ ସର୍ବାଧିକ ଶିକାର ହୋଇଛନ୍ତି ପର୍‌ଭେଜ। ତାଙ୍କ ମାମଲା ଦର୍ଶାଏ, ସବୁଠି ମାନବାଧିକାର ସୁରକ୍ଷା କର୍ମୀ ବିପଦର ସମ୍ମୁଖୀନ ହେଉଛନ୍ତି। ସେମାନେ କ୍ଷମତାକୁ ଚ୍ୟାଲେଞ୍ଜ କରି ଦେଶର ଶତ୍ରୁ ପାଲଟିଛନ୍ତି। ଭାରତରେ ଆଇନର ଅପବ୍ୟବହାର ବିଷୟରେ ଯେଉଁମାନେ ତଦନ୍ତ କରି ରିପୋର୍ଟ ପ୍ରସ୍ତୁତ କରନ୍ତି କିମ୍ବା କୁହନ୍ତି ସେମାନଙ୍କୁ ପ୍ରତିଶୋଧାତ୍ମକ ପଦକ୍ଷେପର ସାମ୍ନା କରିବାକୁ ପଡ଼ୁଛି। ଏଣୁ ଭାରତ ନିଜକୁ ଆଇନର ଶାସନ ଦ୍ୱାରା ପରିଚାଳିତ ଏକ ଦେଶ ବୋଲି ଦାବି କରିପାରିବ ନାହିଁ। ଖୁରାମ ପର୍‌ଭେଜଙ୍କୁ ଗିରଫ କରାଯିବା ଉଚିତ ନୁହେଁ। ଜଣେ ମାନବାଧିକାର ସୁରକ୍ଷା କର୍ମୀଙ୍କୁ ଗୋଟିଏ ଦିନ ଅଟକ ରଖିବା ଅନ୍ୟାୟ। ତଥାପି ସେ ୪ବର୍ଷରୁ ଅଧିକ ସମୟ ଜେଲରେ ବିତାଇସାରିଲେଣି। ମାନବ ଅଧିକାର ଉପରେ ଭାରତ ଯେଉଁ ଗଳାଫଟେଇ କହୁଛି ଏହା ତାହାର ବିପରୀତ ସ୍ଥିତିକୁ ଦର୍ଶାଉଛି। ଏହା ସହ ଜାତିସଂଘ ମାନବାଧିକାର ପରିଷଦରେ ନିଜର ସ୍ଥାନ ହାସଲକରି ସାରା ବିଶ୍ୱରେ ମାନବାଧିକାର ପ୍ରଚାର ଏବଂ ସୁରକ୍ଷାକୁ ମଜଭୁତ କରୁଛି ବୋଲି ଯାହା ଦର୍ଶାଉଛି ତାହା କେବଳ ଏକ ଛଳନା।

Email:aakar.patel@gmail.com

# ଗଣତନ୍ତ୍ରର ସଂଜ୍ଞା ଓ ସ୍ୱରୂପ



ହରିଶଙ୍କର ମିଶ୍ର

ଆମର ପ୍ରାଥମିକ ଶିକ୍ଷା ସମୟରେ ଗଣତନ୍ତ୍ରର ସଂଜ୍ଞାରେ କୁହାଯାଇଥାଏ ଯେ ଏହା ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଏବଂ ଲୋକମାନଙ୍କ ପାଇଁ ଶାସନ। ଏହା ମଧ୍ୟ କୁହାଯାଏ ଯେ ସୁଶାସନଠାରୁ ସ୍ୱଶାସନ ଭଲ। ସ୍କୁଲଗୁଡ଼ିକରେ ସ୍ୱାଧୀନତା ଓ ଗଣତନ୍ତ୍ର ଦିବସରେ ଯେଉଁମାନଙ୍କ ବଳିଦାନ ଏବଂ ନେତୃତ୍ୱ ଦେଶକୁ ପରାଧୀନ ଶୃଙ୍ଖଳାରୁ ମୁକ୍ତ କରିବାରେ ସହାୟକ ହୋଇଥିଲା ତାଙ୍କର ସ୍ମୃତିଚାରଣ କରାଯାଏ। କିନ୍ତୁ ଉଚ୍ଚ ଶିକ୍ଷା ପରେ ସେଇ ଛାତ୍ରୀଛାତ୍ରମାନେ ଜାଣନ୍ତି ଯେ ଭାରତର ସ୍ୱାଧୀନତା ସଂଗ୍ରାମ ଏବଂ ସ୍ୱାଧୀନୋତ୍ତର ବିଖଣ୍ଡିତ ଭାରତ ସମ୍ପର୍କରେ ଇତିହାସ ସ୍ପଷ୍ଟ ଏବଂ ନିରପେକ୍ଷ ନୁହେଁ। ଏବେ ବି ଦେଶର ସ୍ୱାଧୀନତା ଆନ୍ଦୋଳନ ସମ୍ପର୍କରେ ଅନେକ ଘଟଣା ଅନାଲୋଚିତ ଏବଂ ରହସ୍ୟମୟ ତଥା ବିବାଦୀୟ ହୋଇ ରହିଛି। ସାଧୀନୋତ୍ତର ଭାରତ ଓ ସାମ୍ପ୍ରତିକ ସ୍ଥିତିକୁ ଗଭୀର ଭାବେ ଅନୁଶୀଳନ କଲେ ଆମ ଦେଶର ଗଣତାନ୍ତ୍ରିକ ସ୍ଥିତି ଓ ଉପଯୋଗ ସମସ୍ତ ଲୋକ ପରିବର୍ତ୍ତେ କିଛି ଲୋକଙ୍କ ଦ୍ୱାରା କିଛି ଲୋକଙ୍କ ପାଇଁ ଏବଂ କିଛି ଲୋକଙ୍କର ବେଶ୍ ଉପଭୋଗ୍ୟ ହୋଇଥିବା ଜଣାଯାଏ।

ଦେଶ ସ୍ୱାଧୀନତା ପ୍ରାପ୍ତିର ଦୀର୍ଘ ବର୍ଷ ପରେ ମଧ୍ୟ ଏପରି କିଛି ଲୋକ ଅଛନ୍ତି ଯେଉଁମାନଙ୍କ ପାଇଁ କୌଣସି ବ୍ୟକ୍ତି ବା ରାଜନୈତିକ ଦଳର ଆଭିମୁଖ୍ୟ ଏବେ ଅବୋଧ। ସେମାନଙ୍କ ପାଇଁ ଗଣତନ୍ତ୍ରର ସ୍ୱାଦ ଖଟା ବା ମିଠା ତାହା ଜାଣିବାର ଅବକାଶ ବା ଆବଶ୍ୟକତା ନ ଥାଏ। ସେମାନେ ଅନୁଭବ କରନ୍ତି ଯେ କ୍ଷମତା ଧନ ପ୍ରତିପତ୍ତିରେ କିଛି ଲୋକ ନିଶ୍ଚିତ ସ୍ୱତନ୍ତ୍ର। ଦେଶର ଅମୃତ ମହୋତ୍ସବ ପାଳନ ସମ୍ପର୍କରେ ଜାଣିବା ସେମାନଙ୍କ ପାଖରେ ମୂଲ୍ୟହୀନ। କିଛି ଲୋକ ମଧ୍ୟ ପାଉଥିବା ସମସ୍ତ ସରକାରୀ ସୁବିଧାର ଶ୍ରେୟ ସାମୂହିକ ବା ସରକାର ପରିବର୍ତ୍ତେ କୌଣସି ବ୍ୟକ୍ତିଙ୍କୁ ଦେଇଥାନ୍ତି ଏବଂ ମାନସିକ ସ୍ତରରେ ତାଙ୍କୁ ସରକାର ବୋଲି ସ୍ୱୀକାର କରନ୍ତି। ଗଣତନ୍ତ୍ର ଶାସନରେ କୌଣସି ନିର୍ଦ୍ଦିଷ୍ଟ ଶାସକ ନ ଥିବାରୁ ଯିଏ ଲୋକଙ୍କ ପାଖରେ ଗ୍ରହଣୀୟ ସେ ହିଁ ସରକାର କିନ୍ତୁ ତାଙ୍କ ଉପରେ ଉତ୍ତର ଦାୟିତ୍ୱ ନଥାଏ। ସେଥିପାଇଁ ଗଣତନ୍ତ୍ର ଶାସନରେ ସମସ୍ତଙ୍କ ଅଧିକାର ସମାନ ବୋଲି କେବଳ ପାଠ୍ୟପୁସ୍ତକ ଓ ରାଜନୈତିକ ନେତାଙ୍କ ଭାଷଣରେ ସୀମିତ ରହିଥିବା ବେଳେ ଆମ ଦେଶର ନାଗରିକ କେବଳ ଭୋଟ ଦାନ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ସମାନ ଅଧିକାର ପ୍ରାପ୍ତ ନୁହନ୍ତି। ଗଣତନ୍ତ୍ର ଶାସନରେ ଏଇ ଅନୁଭବ ମଧ୍ୟ ଆସେ ଯେ ରାଜନୈତିକ ପୃଷ୍ଠଭୂମି ବା ଆର୍ଥିକ ସ୍ଥିତିରେ ଦୃଢ଼ ଥିବା ନତୁବା ଶାସନକୁ ଯେକୌଣସି ଭାବରେ ପ୍ରଭାବିତ କରିପାରୁଥିବା ବିବିଧ କ୍ଷମତାପ୍ରାପ୍ତ ଗୋଷ୍ଠୀର ଅଧିକାର ସତନ୍ତ୍ର ଏବଂ ଉପଭୋଗ୍ୟ। ଗଣତାନ୍ତ୍ରିକ ରାଷ୍ଟ୍ରର ପ୍ରତ୍ୟେକ ନାଗରିକ ରାଷ୍ଟ୍ର ସ୍ୱାର୍ଥ ପ୍ରତି ସମର୍ପିତ ହେବା ଜରୁରୀ। କିନ୍ତୁ ଏପର୍ଯ୍ୟନ୍ତ ଦେଶକୁ ଶାସନ କରିଥିବା କୌଣସି ରାଜନୈତିକ ଦଳ ଲୋକଙ୍କ ମନରେ ଏହା ସୃଷ୍ଟି କରି ପାରିନାହାନ୍ତି ବା କରିବା ସେମାନଙ୍କ କର୍ତ୍ତବ୍ୟ ବୋଲି ମନେ କରିନାହାନ୍ତି। ବରଂ ସେମାନେ ଲୋକଙ୍କ ପ୍ରଦତ୍ତ ରାଜସ୍ୱର କିୟଦଂଶ ସେମାନଙ୍କ ପାଇଁ ବିନିମୟରେ ନିରଙ୍କୁଶ କ୍ଷମତା ଭୋଗ ଲକ୍ଷ୍ୟ ରଖନ୍ତି। ସେମାନେ ଜାଣନ୍ତି ଯେ ରାଷ୍ଟ୍ରର ପ୍ରତ୍ୟେକ ନାଗରିକ ସେମାନଙ୍କ ଦାୟିତ୍ୱ ଓ ଅଧିକାର ପ୍ରତି ସଚେତନ ହୋଇଗଲେ ରାଷ୍ଟ୍ର ବା ରାଜ୍ୟର ପ୍ରତ୍ୟେକ ନିର୍ବାଚନ ନିଶ୍ଚିତ ଗୋଟିଏ ଗୋଟିଏ ନୀରବ ସଂଗ୍ରାମରେ ରୂପାନ୍ତର ହୋଇଯିବ। ଦେଶ ସ୍ୱାଧୀନ ହେବା ସମୟରେ କ୍ଷମତାପ୍ରାପ୍ତ ବ୍ୟକ୍ତି ବିଶେଷ ଏହାକୁ ଦୃଷ୍ଟିରେ ରଖି ବୋଧହୁଏ ନିର୍ବାଚନରେ ପ୍ରାର୍ଥୀ, ଦଳର ଆଭିମୁଖ୍ୟ ପରିବର୍ତ୍ତେ ନିର୍ବାଚନରେ ଚିହ୍ନକୁ ଗୁରୁତ୍ୱ ଦେଇଥିଲେ।

ଗଣତନ୍ତ୍ର ଶାସନରେ ସମସ୍ତ ତଥ୍ୟ ଜାଣିବା ବା ନୀତି ନିର୍ଣ୍ଣୟରେ ସଂଶ୍ଳିଷ୍ଟ ହେବାର ଅଧିକାର ସଭିଙ୍କର ଥାଏ। କିନ୍ତୁ ଆମ ଦେଶରେ ସ୍ୱାଧୀନତା ଏପରି ବଣ୍ଟନ ହୋଇଛି ଯେ ପ୍ରତିନିଧି ଭାବରେ ନିର୍ବାଚିତ ସାଂସଦ ଓ ବିଧାୟକଙ୍କ ପ୍ରାପ୍ୟ ଏବଂ ସମସ୍ତ ଆଚରଣ ବ୍ୟବସ୍ଥା ବା ମାନ୍ୟକ୍ରମ ଓ ଦାପ୍ତରିକ ସୁଯୋଗ ସହ ପେନସନ ପାଇଁ ନିୟମ ସେଇମାନେ ପ୍ରଣୟନ କରନ୍ତି। ପ୍ରଶାସନର ମୁଖ୍ୟ ଭାଗରେ ଥିବା ଉଚ୍ଚ ପ୍ରଶାସନିକ ଅଧିକାରୀମାନେ ନିଜର ପ୍ରାପ୍ୟ ସହ ସମସ୍ତ ସରକାରୀ ସୁଯୋଗ ଏବଂ ଦାପ୍ତରିକ ଆଦବ କାଇଦା ନିର୍ଣ୍ଣୟ କରନ୍ତି। ଗଣତନ୍ତ୍ରର ଅନ୍ୟ ସ୍ତମ୍ଭ କୁହାଯାଉଥିବା ବିଚାର ବିଭାଗ ମଧ୍ୟ ସେମାନଙ୍କ ମାସିକ ବେତନ ସହ ଅନ୍ୟାନ୍ୟ ପ୍ରାପ୍ୟ ଏବଂ ନିଜ ପାଇଁ ମାନ୍ୟକ୍ରମ ତଥା ସାମାଜିକ ଓ ଦାପ୍ତରିକ ନିରାପତ୍ତା ନିଜେ ନିର୍ଣ୍ଣୟ କରିପାରନ୍ତି ଏବଂ ଦେଶର ସାଧାରଣ ନାଗରିକ ନ୍ୟାୟ ପାଇଁ ଡହଳବିକଳ ହେଉଥିବା ବେଳେ ମାମଲାର ଗୁରୁତ୍ୱ ପରିବର୍ତ୍ତେ ସେମାନେ ନିଜ ପାଇଁ ଶକ୍ତ ସୁରକ୍ଷା ବଳୟ ସୃଷ୍ଟିକୁ ନିଜର ମର୍ଯ୍ୟାଦା ଭାବରେ ବିବେଚନା କରନ୍ତି। ଏଥିରେ ପ୍ରତିବାଦ ବା ଅସନ୍ତୋଷକୁ ବ୍ୟବସ୍ଥାର



ଅବମାନନା ଭାବରେ ବିଚାର ହୁଏ। ବେଳେ ବେଳେ ଏଇ ତିନି ବର୍ଗ ମଧ୍ୟରେ କ୍ଷମତାର ମାତ୍ରାକୁ ନେଇ ଏଭଳି ପ୍ରତିଯୋଗିତା ଚାଲିଥାଏ ଯେ ସେମାନେ ନିଜ ଉପରେ ନ୍ୟସ୍ତ ସମସ୍ତ ନୈତିକ ଦାୟିତ୍ୱର ହିତାଧିକାରୀ ସ୍ୱୟଂ ଜନସାଧାରଣ ବୋଲି ଭୁଲିଯାଆନ୍ତି। ବରଂ ଉତ୍ତରଦାୟୀ ହୋଇ ନିଜର ମର୍ଯ୍ୟାଦା ହାନି ଭାବରେ ଗ୍ରହଣ କରନ୍ତି। ସେଥିପାଇଁ ଦେଶକୁ ସ୍ୱାଧୀନ କରିବାକୁ ଜୀବନ ବାଜିରେ ଲଗାଇଥିବା ସେଇ ଦିବଂଗତ ବା ବିଦ୍ୟମାନ ବ୍ୟକ୍ତି ବିଶେଷ କେବେ ବି ଦେଶର ଏପରି ଭବିଷ୍ୟତ ଆଶା କରିନଥିବେ।

ଏହା ସତ୍ୟ ଯେ ଏଯାବତ ଆମର ସଂସ୍କୃତି ସମ୍ପନ୍ନ ସାଧୀନ ରାଷ୍ଟ୍ର ଗଠନର ସ୍ୱାଦ ଅନୁଭ ବା ଫଳପ୍ରଦ ହୋଇନାହିଁ। ବରଂ ଶାସନ ତନ୍ତ୍ରଠାରୁ ବିଚାର ବ୍ୟବସ୍ଥାରେ ସାହେବୀ ଢାଞ୍ଚା ଏବେ ବି ପୂର୍ଣ୍ଣ ମାତ୍ରାରେ ପରିସ୍ଫୁଟ ହେଉଛି। ଦେଶ ସ୍ୱାଧୀନ ହେବାପରେ ବହୁ ଦେଶର ଶାସନ ଖସଡ଼ା ଅନୁକରଣରେ ପ୍ରସ୍ତୁତ ସମ୍ବିଧାନ ୭୫ ବର୍ଷରେ ୧୨୪ ଥର ସଂଶୋଧନ ହୋଇସାରିଛି ଏବଂ ଭବିଷ୍ୟତରେ ମଧ୍ୟ ଏକାଧିକବାର ସଂଶୋଧନ ହୋଇପାରେ। ସାଧୀନତା ପରେ ଆମ ଦେଶ ନିଜସ୍ୱ ଜ୍ଞାନ କୌଶଳ ଉଦ୍ଭାବନ ଓ ଉପଯୋଗରେ ଯଥେଷ୍ଟ ଉନ୍ନତି କରିଛି। ଖାଦ୍ୟ ଉତ୍ପାଦନ ସହ ଅନେକ କ୍ଷେତ୍ରରେ ସ୍ୱାବଲମ୍ବୀ ହେବାସହ ପୃଥିବୀରେ ଏକ ଉନ୍ନତ ଦେଶ ଓ ବିକଶିତ ଶକ୍ତି ଭାବରେ ନିଜର ସ୍ଥିତି ଜାହିର କରିପାରିଛି। କିନ୍ତୁ ଯେଉଁମାନେ ଦେଶର ଉନ୍ନତି ଓ ନୂତନ ଜ୍ଞାନ କୌଶଳକୁ ପରିବର୍ଦ୍ଧିତ କରିଛନ୍ତି ସେମାନଙ୍କ ସଫଳତାର ଶ୍ରେୟ ଶାସନ ଖସଡ଼ା ଧରିଥିବା ବ୍ୟକ୍ତିଙ୍କ ଦ୍ୱାରା ଅପହୃତ ହୋଇ ଚାଲିଛି। ଦେଶର ନାଗରିକଙ୍କ କର୍ତ୍ତବ୍ୟ ଓ ଅଧିକାର କେବଳ ନିର୍ବାଚନ ସମୟରେ ଖଣ୍ଡିଏ ଭୋଟରେ ସୀମିତ ରହୁଛି।

ଆମ ଗଣତନ୍ତ୍ରର ପରିଭାଷା ଏପରି ନିର୍ଣ୍ଣିତ ହୋଇଛି ଯେ ମାତ୍ର ୩୦ ଶତାଂଶ ନାଗରିକଙ୍କ ସମର୍ଥନ ପାଇ ୭୦ ଶତାଂଶ ନାଗରିକଙ୍କ ବିରୋଧ ସତ୍ତ୍ୱେ କୌଣସି ରାଜନୈତିକ ଦଳ ସଂଖ୍ୟାଗରିଷ୍ଠ ହୋଇ ଶାସନ ତନ୍ତ୍ରକୁ ନିୟନ୍ତ୍ରଣ କରିପାରୁଛି। ଲୋକଙ୍କ ଟିକସ ଦେୟ ଓ ପ୍ରାକୃତିକ ସମ୍ପଦର ସୁପରିଚାଳନା ପରିବର୍ତ୍ତେ ଦୁର୍ନୀତି ଓ ରାଜସ୍ୱ ଲୁଣ୍ଠନ ପାଇଁ ଖସଡ଼ା ପ୍ରସ୍ତୁତ ହେଉଛି। ଅର୍ଥ ଓ କ୍ଷମତାର ବଳ ମାଧ୍ୟାକର୍ଷଣ ଶକ୍ତିଠାରୁ ଅଧିକ ବଳଶାଳୀ ସାବ୍ୟସ୍ତ ହେଉଛି। ବୈଦେଶିକ ଋଣ ଭାରରୁ ରାଜ୍ୟରେ ଜନ୍ମ ନେଉଥିବା ପ୍ରତ୍ୟେକ ଶିଶୁ ମୁଣ୍ଡରେ ତିନି ହଜାର ଟଙ୍କା ବୈଦେଶିକ ଋଣ ରହୁଛି। ଏସବୁ କେବଳ ଗଣତାନ୍ତ୍ରିକ ରାଷ୍ଟ୍ର ଯୋଗୁସମ୍ଭବ ହୋଇ ପାରିଥିବାରୁ ଗଣତନ୍ତ୍ରର ଜୟଗାନ ତଥାକଥିତ ଜନ ସେବକଙ୍କଠାରୁ ପ୍ରଶାସନିକ ବା ଆଇନ ରକ୍ଷକଙ୍କ ପାଇଁ ରକ୍ଷା କବଚ ହୋଇଛି। ଦେଶ ସ୍ୱାଧୀନ ହେବାପରେ ଯେଉଁମାନେ ଗଣତନ୍ତ୍ରର ସ୍ୱାଦ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଦାୟିତ୍ୱ ନେଲେ ସେମାନେ ଗଣତନ୍ତ୍ର ରୁପୀ ଡଙ୍ଗାର ମଙ୍ଗକୁ ଏଭଳି ମୋଡ଼ି ଦେଇଛନ୍ତି ଯେ ତାହା ନିର୍ବାଚନକୁ ବ୍ୟୟବହୁଳ କରିବା ସହ ଦାପ୍ତରିକ ବା ନ୍ୟାୟାଳୟ ପରିସର ଜନସାଧାରଣଙ୍କ ପାଇଁ ଦୟାର କ୍ଷେତ୍ର ପରିବେଶକୁ ସୁସ୍ପଷ୍ଟ କରୁଛି। ପ୍ରତ୍ୟେକ ସମସ୍ୟାର ସରଳ ସମାଧାନ ପରିବର୍ତ୍ତେ ତାକୁ ଜଟିଳତା ମଧ୍ୟକୁ ନେବା ମଧ୍ୟ ଆମ ଗଣତନ୍ତ୍ର ଅନ୍ୟତମ ସଫଳତା ହୋଇସାରିଛି।


୧୧୩-ଗୁଣ୍ଡିଚା ବିହାର, ପୁରୀ
ମୋ: ୭୯୭୮୭୮୫୪୭୮

# ନିଷ୍କ୍ରିୟ ଜମାଖାତାର ଅର୍ଥରାଶି



ଡ. ତପନ କୁମାର ପାଳ

ଭାରତର ଅର୍ଥନୀତିକୁ ସୁଦୃଢ଼ କରିବାରେ ବ୍ୟାଙ୍କଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ବ୍ୟାଙ୍କିଙ୍ଗ ସେବା ଦିନକୁ ଦିନ ଏପରି ବ୍ୟବସ୍ଥିତ ହେଉଛି ଯେ ଯାହାଦ୍ୱାରା ଲୋକମାନେ ହାତପାହାନ୍ତାରେ ନିଜ ମୋବାଇଲ ଦ୍ୱାରା ସମସ୍ତ ଦେଣନେଣ କରିପାରୁଛନ୍ତି। ତେବେ ବ୍ୟାଙ୍କରେ ଅର୍ଥ କାରବାର ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ କେବଳ ଗ୍ରାହକମାନଙ୍କ ଭିତରେ ନୁହେଁ ପ୍ରାୟ ସମସ୍ତଙ୍କ ଭିତରେ ସୃଷ୍ଟି ହୋଇଥାଏ, ତାହା ହେଉଛି ଦୀର୍ଘ ଦିନ ଧରି ବ୍ୟାଙ୍କରେ ପଡ଼ିରହିଥିବା ନିଷ୍କ୍ରିୟ ଇନ୍‌ଅପରେଟିଭ ଓ ବେୱାରିସ ଜମାଖାତାଗୁଡ଼ିକର ପଇସା ଯାଏ କୁଆଡ଼େ? ଏହାକୁ କିଏ ହଡ଼ପ କରି ନେଇଯାଏ ନାହିଁ ତ? ବହୁ ବର୍ଷ ପରେ ଯଦି ଉତ୍ତରାଧିକାରୀମାନେ ମୃତକଙ୍କର ବ୍ୟାଙ୍କ ଜମାଖାତାରେ ଥିବା ଟଙ୍କାର ସନ୍ଧାନ ପାଆନ୍ତି ତା'ହେଲେ ତାହାକୁ ଆଦାୟ କରାଯାଇ ପାରିବ ନା ନାହିଁ?



ସାଧାରଣରେ ବ୍ୟବସ୍ଥାଟି ହେଉଛି ଏହା ଯେ ଜଣେ ବ୍ୟାଙ୍କରେ ଖାତା ଖୋଲିଥିବା ବା ଜମାକାରୀ ଜଣଙ୍କର ମୃତ୍ୟୁ ହୋଇଯିବା ପରେ ତାଙ୍କ ନିକଟ ପରିଜନ ବିଶେଷକରି ଉତ୍ତରାଧିକାରୀମାନଙ୍କ ପାଖରେ ସୂଚନା ନ ଥିବା କାରଣ ପାଇଁ ବର୍ଷ ବର୍ଷ ଧରି ବ୍ୟାଙ୍କ ଜମାଖାତାରେ ଟଙ୍କା ଅଯଥାରେ ପଡ଼ିରହେ। ଏହା ବ୍ୟତୀତ କେତେକ କ୍ଷେତ୍ରରେ ପାସ୍‌ବୁକଧାରୀ ବା ଜମାକାରୀ ଜଣକ କୌଣସି ଅବହେଳା ବଶତଃ ଅନେକ ଦିନ ଧରି ବ୍ୟାଙ୍କରେ ରହିଥିବା ଅର୍ଥର କୌଣସି କାରବାର ଅର୍ଥାତ୍ ଡିପୋଜିଟ ବା ଉଠାଣ କରି ନ ଥାନ୍ତି। ଏଭଳି ଖାତା ବର୍ଷ ବର୍ଷ ଧରି ବ୍ୟାଙ୍କରେ ନିଷ୍କ୍ରିୟ ହୋଇପଡ଼ିରହେ। ମାତ୍ର ତାହା ଜମାକାରୀଙ୍କ ସମ୍ପତ୍ତି। ଏଣୁ ବ୍ୟାଙ୍କ ବା ଅନ୍ୟ କେହି ତାହାକୁ ନେଇ ଅନ୍ୟତ୍ର ବିନିଯୋଗ କରିପାରିବେ ନାହିଁ। ତେବେ ସମସ୍ତଙ୍କ ଅଜ୍ଞାତରେ ବ୍ୟାଙ୍କ ଖାତାରେ ଦୀର୍ଘଦିନ ପଡ଼ି ରହିଥିବା ଏଭଳି ଅର୍ଥ ଉପରେ କୌଣସି ହଡ଼ପକାରୀଙ୍କ ନଜର ପଡ଼ିଯିବା ଅସମ୍ଭବ ନୁହେଁ। ତେଣୁ ଏହାକୁ ସୁରକ୍ଷିତ ରଖିବା ପାଇଁ ଅଧିକ ସତର୍କତା ଅବଲମ୍ବନ ଜରୁରୀ।

ଭାରତୀୟ ରିଜର୍ଭ ବ୍ୟାଙ୍କ ଏ ନେଇ ବିଭିନ୍ନ ନିର୍ଦ୍ଦେଶନାମାକୁ ସମୀକ୍ଷା କରି ଚଳିତ ବର୍ଷ ଜାନୁଆରୀରେ ଏକ ସମନ୍ୱିତ ସର୍କୁଲାର ଘୋଷଣା କରି ଏହାକୁ ବିଜ୍ଞପ୍ତି ଭାବେ ଜଣାଇଛନ୍ତି। ସେଗୁଡ଼ିକ ଭିତରେ ପ୍ରମୁଖ ହେଉଛି ଯେ ସର୍ବନିମ୍ନ ଲଗାତର ଭାବେ ଦୁଇବର୍ଷ ଧରି ବ୍ୟାଙ୍କ ଖାତାଧାରୀ ଯଦି କୌଣସି କାରଣବଶତଃ ଆର୍ଥିକ କାରବାର ବା ଦେଣନେଣ କରି ନ ଥାନ୍ତି ତେବେ ଏହି ବ୍ୟାଙ୍କ ଖାତାକୁ ନିଷ୍କ୍ରିୟ ବ୍ୟାଙ୍କ ଖାତା ଭାବେ ବିଚାର କରାଯିବ। ସେହିପରି କ୍ରମାଗତ ଭାବେ ଦଶ ବର୍ଷ ଧରି ଦେଣନେଣ କାରବାର ବା ଦେଣନେଣ ହେଉ ନ ଥିବା କିମ୍ବା ଜମାରାଶି ଉପରେ କୌଣସି ଦାବିଦାର ନ ଥିଲେ ତାହାକୁ ବେୱାରିସ ଧରିନିଆଯିବ। ବ୍ୟାଙ୍କଗୁଡ଼ିକ ଏହି ଜମାରାଶିକୁ ନିଜ ପାଖରେ ନ ରଖି ୨୦୧୪ ମେ' ୨୪ ତାରିଖ ନିର୍ଦ୍ଦେଶନାମା ମୁତାବକ ତାହାକୁ ରିଜର୍ଭ ବ୍ୟାଙ୍କର ଜମାକାରୀ ଶିକ୍ଷା ଓ ସଚେତନତା ଫଣ୍ଡରେ ଜମା କରିବ। ପରେ କେବେ ଯଦି ଜମାକାରୀ ବା ନ୍ୟାଯ୍ୟ ଦାବିଦାର ଆସନ୍ତି, ତେବେ ବ୍ୟାଙ୍କ ବିଧି ମୁତାବକ କେୱାଇସି ତନଖି କରି ସୁଧ ସମେତ ଏହି ଅର୍ଥରାଶି ଫେରସ୍ତ କରିବେ ଏବଂ ରିଜର୍ଭ ବ୍ୟାଙ୍କରୁ ସେତିକି ଅର୍ଥ ଫେରାଇ ଆଣିପାରିବେ। ସମସ୍ତ ନିଷ୍କ୍ରିୟ ସଞ୍ଚୟ ଜମା ଅର୍ଥର ବ୍ୟାଙ୍କିଙ୍ଗ ନିୟମ ଅନୁଯାୟୀ ଯାହା ସୁଧରାଶି ରହିଛି ଏହାକୁ ବ୍ୟାଙ୍କଗୁଡ଼ିକ ପ୍ରଦାନ କରିବେ ଓ ଏ ନେଇ ଏହାକୁ ସକ୍ରିୟ କରାଇଥିବାରୁ କୌଣସି ଅର୍ଥରାଶି ଫି'ବା ଶୁଳ୍କ ଭାବେ ଗ୍ରହଣ କରିବେ ନାହିଁ। ସେହିପରି ୧ ବର୍ଷରୁ ଊର୍ଦ୍ଧ୍ୱ କାଳ କୌଣସି ବ୍ୟାଙ୍କର ଜମାଖାତାରେ କାରବାର ନ ହୋଇଥିଲେ ବ୍ୟାଙ୍କ ପକ୍ଷରୁ ଉକ୍ତ ଜମାକାରୀଙ୍କୁ ଚିଠି କିମ୍ବା ଇ-ମେଲ୍ କିମ୍ବା ମୋବାଇଲ ବାର୍ତ୍ତା ଦ୍ୱାରା ସୂଚନା ପ୍ରଦାନ କରାଯାଇଥାଏ। ବର୍ତ୍ତମାନ ସମସ୍ତ ସରକାରୀ ସାହାଯ୍ୟପ୍ରାପ୍ତ ଅର୍ଥରାଶିର କାରବାର ପାଇଁ ବ୍ୟାଙ୍କରେ ଖାତା ବ୍ୟବସ୍ଥା ବାଧ୍ୟତାମୂଳକ ରହିବା ସହ ଏହି ଜମାଖାତାର ନିଷ୍କ୍ରିୟ ଘୋଷଣା ପାଇଁ ଦୁଇବର୍ଷ ଉପରୋକ୍ତ ନେଣଦେଣର ନିୟମ ଲାଗୁ ନ ହେବାର ବ୍ୟବସ୍ଥା ରହିଛି। ଏହା ଏକ ସ୍ୱତନ୍ତ୍ର ବ୍ୟବସ୍ଥା।

ଏଠାରେ ଏକ ସ୍ୱାଭାବିକ ପ୍ରଶ୍ନ ଉଠୁଛି ଆମ୍ଭେମାନେ ଦିନକୁ ଦିନ ସଚେତନ ହେଉଛେ ଏବଂ ଆମ ବ୍ୟବସ୍ଥିତ ସେବାଗୁଡ଼ିକ ମଧ୍ୟ ପ୍ରାୟତଃ ମୋବାଇଲ ଦ୍ୱାରା ହାତପାଆନ୍ତାରେ ଅତ୍ୟନ୍ତ ସୁବିଧାଜନକ ହୋଇପାରୁଛି। ଏପରି ସ୍ଥଳେ କୌଣସି ପରିସ୍ଥିତିରେ ଯେପରି ଆମର ଆକାଉଣ୍ଟ ନିଷ୍କ୍ରିୟ ଘୋଷିତ ନ ହୁଏ ଆମ୍ଭେମାନେ ଏ ଦିଗକୁ ଦେଖିବା କଥା। କାରଣ ପ୍ରଥମତଃ ଏହା ଅବହେଳା ବଶତଃ ହୋଇଥିଲେ ମଧ୍ୟ ବାସ୍ତବ ଦୃଷ୍ଟିକୋଣରୁ ନିଷ୍କ୍ରିୟ ହେବାଦ୍ୱାରା ଅଯଥା ବ୍ୟାଙ୍କ ଉପରେ ଆମ୍ଭେମାନେ ଏକ ପ୍ରକାର ଚାପ ସୃଷ୍ଟି କରିଥାଉ। ଦ୍ୱିତୀୟତଃ ଭାରତର ଅର୍ଥନୀତି ପାଇଁ ଏହା ଏକ ଖରାପ ପ୍ରସଙ୍ଗ। ଆମ୍ଭମାନଙ୍କ ପାଇଁ ଏହି ନିଷ୍କ୍ରିୟଜନିତ କାରଣରୁ ବ୍ୟାଙ୍କରେ ଯେଉଁ ଟଙ୍କା ପଡ଼ିରହେ ଏହା ଦ୍ୱାରା ବ୍ୟାଙ୍କଗୁଡ଼ିକ ଏହାକୁ ପରିଚାଳନାଗତ କ୍ଷେତ୍ର ପାଇଁ ଅଯଥାରେ ସେମାନଙ୍କ ମୂଲ୍ୟବାନ ସମୟ ନଷ୍ଟ କରିଥାନ୍ତି। ସେହିପରି ଆମ୍ଭମାନଙ୍କ ଟଙ୍କା ପଡ଼ିରହିବା ଦ୍ୱାରା କିଛି ଲୋକଙ୍କ ମତରେ କିଛି ସୁଧରାଶି ଆମେ ପାଇଥାଉ ସତ କିନ୍ତୁ ମୂଳତଃ ଏହା ଆମର ଅର୍ଥଗତ କ୍ଷେତ୍ରରେ ସେପରି ଉଦ୍‌ଯୋଗ କାମ ପାଇଁ ଲାଗିପାରି ନ ଥାଏ। ତେବେ ଯାହାହେଉନା କାହିଁକି ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ କିନ୍ତୁ ଉପରୋକ୍ତ ବ୍ୟବସ୍ଥା ରହିଛି ବ୍ୟାଙ୍କରେ ପଡ଼ିରହିଥିବା ନିଷ୍କ୍ରିୟ ଖାତାର ଅର୍ଥରାଶିକୁ ନେଇ।

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଷ୍ଟାଫ୍ କଲୋନୀ,
ଦେଉଳ ସାହି, ତୁଳସୀପୁର, କଟକ
ମୋ: ୯୯୩୭୬୫୮୩୬୨

## ଏଇ ଭାରତରେ

ଗାଁରେ ରହି କୌଣସି କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଅଣାଯାଇପାରେ, ଯାହା ପ୍ରମାଣ କରି ପାରିଛନ୍ତି ବିହାରର ପ୍ରିନ୍ସ ଶୁକ୍ଳା। ସେ ଶିକ୍ଷା ଶେଷ କରି ବେଙ୍ଗାଲୁରୁରେ କାମ କରୁଥିଲେ। କୋଭିଡ୍ ମହାମାରୀ ଆସିବାରୁ ସେ କାମ ଛାଡ଼ି ତାଙ୍କ ଗାଁକୁ ଫେରି ଆସିଲେ। ଗାଁରେ କୃଷକଙ୍କ ଦୁର୍ଦ୍ଦଶା ଦେଖି ସେମାନଙ୍କୁ ସାହାଯ୍ୟ କରିବା ଲାଗି ଯୋଜନା ପ୍ରସ୍ତୁତ କରିଥିଲେ। ତାଙ୍କ ବାପାଙ୍କଠାରୁ ୧ ଲକ୍ଷ ଟଙ୍କା ଧାର ଆଣି 'ଆଗ୍ରେଟ' ସଂସ୍ଥା ଗଠନ କରି ଗାଁର କୃଷକଙ୍କୁ ସହଯୋଗ କଲେ। ସେ ପ୍ରଥମେ କ୍ଷୁଦ୍ର କୃଷକଙ୍କୁ ଭଲ କିସମର ମଞ୍ଜି, ଜଳ ସିଞ୍ଚନର ବ୍ୟବସ୍ଥା ଏବଂ ପରିବେଶ ଉପଯୋଗୀ ସାର ଯୋଗାଇଥିଲେ। ପରେ କୃଷକମାନେ କିଭଳି ଅଧିକ ଲାଭ ପାଇବେ, ସେଥିପାଇଁ ସେ ଆଧୁନିକ କୃଷି ପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷଣ ଦେବା ଆରମ୍ଭ କରିଥିଲେ। ସେ ଆଗ୍ରେଟ୍ ମାଧ୍ୟମରେ ୧୦,୦୦୦ରୁ ଊର୍ଦ୍ଧ୍ୱ କୃଷକଙ୍କୁ ସାମିଲ କରିବା ସହ ଆଇଟିସି, ଗୋଦ୍‌ରେଜ ଏବଂ ପାର୍ଲେ ସହଭାଗୀଦାରି ହେବା ଫଳରେ କୃଷକମାନେ ବ୍ୟାପକ ମାର୍କେଟିଂ ବ୍ୟବସ୍ଥା ସହ ଯୋଡ଼ି ହୋଇପାରିଛନ୍ତି। ଏବେ ତାଙ୍କ କମ୍ପାନୀର କାରବାର ୨.୫ କୋଟିରେ ପହଞ୍ଚିଛି ଓ ତାହା ବୃଦ୍ଧି ପାଇବାରେ ଲାଗିଛି।

## ୫୦ ବର୍ଷ ତଳର ଧରିତ୍ରୀ

୩୦ ନଭେମ୍ବର ୧୯୭୬

- ଆଫ୍ରିକାର ନାଇରୋବି ଓ ମୋମ୍ବାସା ମଧ୍ୟରେ ଏକ ଟ୍ରେନ୍ ଲାଇନ୍‌ଚ୍ୟୁତ ହେବା ଫଳରେ ଶତାଧିକ ଯାତ୍ରୀଙ୍କ ମୃତ୍ୟୁ।
- କାର୍ ଦୁର୍ଘଟଣାରେ ଢାକାସ୍ଥିତ ଲିବ୍ୟା ରାଷ୍ଟ୍ରଦୂତ ଚାର୍ଜ-ଡି-ଆଫାୟାର୍ସ ଅବଦୁଲ ଓହାବ ଏଲ୍-ଆରବୀ ନିହତ।
- ଆନ୍ଧ୍ରପ୍ରଦେଶର ବାତ୍ୟା ବିପନ୍ନମାନଙ୍କ ନିମନ୍ତେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ତାଙ୍କ ରିଲିଫ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଦେଇଛନ୍ତି।

## su | do | ku
Puzzles by Srikant Ghosh
ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 1 | | | | | | 9 | |
| | 2 | 6 | 9 | 1 | | | 3 | |
| | | | | 2 | | | | |
| | | | | | 5 | | 8 | 3 |
| 7 | | | | 6 | | | | 4 |
| | 3 | 5 | | | 2 | | | |
| | | | 6 | 7 | 4 | | | |
| | | | | | | | 2 | 5 |
| | | 4 | | | 3 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 4 | 2 | 9 | 6 | 3 | 8 | 7 |
| 9 | 2 | 8 | 1 | 3 | 7 | 4 | 6 | 5 |
| 6 | 7 | 3 | 4 | 5 | 8 | 1 | 2 | 9 |
| 4 | 8 | 6 | 9 | 7 | 1 | 2 | 5 | 3 |
| 5 | 3 | 9 | 8 | 4 | 2 | 7 | 1 | 6 |
| 2 | 1 | 7 | 5 | 6 | 3 | 9 | 4 | 8 |
| 3 | 6 | 1 | 7 | 2 | 5 | 8 | 9 | 4 |
| 7 | 9 | 2 | 6 | 8 | 4 | 5 | 3 | 1 |
| 8 | 4 | 5 | 3 | 1 | 9 | 6 | 7 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶକ୍ତି ସଂରକ୍ଷଣ କରାଯାଉ

ମହାଶୟ,

ରାଜ୍ୟ ଜନସଂଖ୍ୟାକୁ ଦୃଷ୍ଟିରେ ଦେଖି ଶକ୍ତି ଆବଶ୍ୟକତା ପୂରଣ କରାଯାଇପାରୁନାହିଁ। ଅଥଚ ରାଜ୍ୟରେ ସରକାରୀ ହେଉ କିମ୍ବା ବେସରକାରୀ କ୍ଷେତ୍ରରେ ଶକ୍ତି ଅପଚୟ ହେବାରେ ଲାଗିଛି। ଶକ୍ତି ଅପଚୟ ନ ରୋକିଲେ ଆଗାମୀ ଦିନରେ ବଡ଼ ସଙ୍କଟର ସମ୍ମୁଖୀନ ହେବାକୁ ପଡ଼ିବ। ଜଳବାୟୁ ପ୍ରଭାବରେ ବର୍ଷା ଓ ନଦୀ ଜଳଧାରଣ କ୍ଷମତା କମୁଥିବାରୁ ବିଦ୍ୟୁତ୍ ଉତ୍ପାଦନ ଆଗାମୀ ଦିନରେ ଚାହିଦା ପୂରଣ କରିପାରିବ ନାହିଁ। ଏଣୁ ଶକ୍ତି ସଂରକ୍ଷଣ କରିବା ସମସ୍ତଙ୍କର ଦାୟିତ୍ୱ ରହିଛି। ବିଦ୍ୟୁତ୍ ବ୍ୟବହାର ଆବଶ୍ୟକ ନ ଥିଲେ ସୁଇଚ୍ ଅଫ୍ କରିବାକୁ ଆଦୌ ଭୁଲିବା ଉଚିତ ନୁହେଁ। କିନ୍ତୁ ଦେଖାଯାଉଛି, ସରକାରୀ କର୍ମଚାରୀମାନେ ଫ୍ୟାନ୍ ଲାଇଟ୍ ଅଫ୍ ନ କରି ଚାଲିଯାଇଥାନ୍ତି। କେବଳ ଶକ୍ତି ନୁହେଁ, ଜଳାଭାବ ମଧ୍ୟ ଦେଖାଗଲାଣି। ଏଣୁ ପାଣି ନେବା ପରେ ଟ୍ୟାପକୁ ବନ୍ଦ କରିବା ଉଚିତ। ପାଣିର ଆଦୌ ଅପଚୟ କରା ନ ଯାଉ।

**- ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଭୁଲି ଗଲି ବିଶ୍ୱମୟ ଲାଗିଲା କି ପ୍ରାସ ଯେ,
ନ ବୁଝିଲି ତୁମେ କିମ୍ବା କର ଉପହାସ ହେ ।
ମୋର ସବୁ ଛନ୍ଦର ଯେ ତୁମେ ପରା ନାୟିକା,
ସବୁ ସ୍ୱର ସାଧନାର ତୁମେ ଚାରୁ ଗାୟିକା ।
ତେବେ କିମ୍ପା ଉପହାସ କର ରହି ରହି ଗୋ,
ନ ପାରଇଁ ବୁଝି କିଛି କହ ପ୍ରିୟସହୀ ଗୋ !
-(ଛନ୍ଦ ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ୱିଣ୍ଟର ୱାର୍କଆଉଟ୍



**ବର୍ଷସାରା ୱାର୍କଆଉଟ୍ କରୁଥିବା ଯୁବପିଢ଼ି ଶୀତଦିନେ ବି ନିଜର ଏହି ରୁଟିନ୍ ମେଣ୍ଟେନ୍ କରିବାକୁ ଚେଷ୍ଟା କରନ୍ତି। ହେଲେ କେବେକେବେ ଅଧିକ ଥଣ୍ଡା ତ ଆଉ କେବେ ଘନ କୁହୁଡି ସେମାନଙ୍କ ଏକ୍ସରସାଇଜ୍‌ରେ ବାଧା ସୃଷ୍ଟି କରିଥାଏ। ଏମିତିରେ କେତେକ ଦିଗ ପ୍ରତି ସଜାଗ ରହିଲେ ଏଦିନେ ବି ଠିକ୍ ଭାବେ ୱାର୍କଆଉଟ୍ କରି ନିଜ ଫିଟ୍‌ନେସ୍‌କୁ ବଜାୟ ରଖାଯାଇପାରିବ...**

ବର୍ତ୍ତମାନ ଅଧିକାଂଶ ଯୁବପିଢି ନିଜ ଫିଟ୍‌ନେସ୍‌କୁ ନେଇ ବେଶ୍ ସଜାଗ। ଯେଉଁଥିପାଇଁ ସେମାନେ ପ୍ରତିଦିନ ଘରେ ହେଉ ଅବା ପାର୍କ କିମ୍ବା ଜିମ୍ ଯାଇ ୱାର୍କଆଉଟ୍ କରୁଛନ୍ତି। ହେଲେ ଶୀତଦିନ ଆସିଲେ ଥଣ୍ଡା ଯୋଗୁ ଅନେକଙ୍କ ୱାର୍କଆଉଟ୍ ରୁଟିନ୍ ବାଧାପ୍ରାପ୍ତ ହୋଇଥାଏ। ହେଲେ କେତୋଟି ଦିଗ ପ୍ରତି ବିଶେଷ ଦୃଷ୍ଟିଦେଲେ ଶୀତଦିନେ ବି ସେମାନେ ନିଜ ୱାର୍କଆଉଟ୍ ରୁଟିନ୍ ମେଣ୍ଟେନ୍ ରଖିପାରିବା ସହିତ ନିଜକୁ ଫିଟ୍ ବି ରଖିପାରିବେ। ଜାଣି ରଖନ୍ତୁ ସେ ସମ୍ପର୍କରେ...

**ମର୍ନିଂୱାକ୍ ବେଳେ ରୁହନ୍ତୁ ସତର୍କ:** ପ୍ରତିଦିନ ମର୍ନିଂୱାକ୍ କରିବା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ତେଣୁ ଅଧିକାଂଶ ଯୁବତୀଯୁବକ ମର୍ନିଂୱାକ୍ କିମ୍ବା ଜଗିଂ କରିବାକୁ ପସନ୍ଦ କରନ୍ତି। ହେଲେ ଶୀତଦିନେ ତାପମାତ୍ରା ହ୍ରାସ ହେବା କାରଣରୁ ବାୟୁମଣ୍ଡଳର ଘନତ୍ୱ ବୃଦ୍ଧି ପାଇଥାଏ। ଯେଉଁଥିପାଇଁ ଧୂଳିକଣାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ବିଷାକ୍ତ ଉପାଦାନ ବାୟୁମଣ୍ଡଳରେ ରହିଯାଏ ଏବଂ ପ୍ରଦୂଷଣ ବୃଦ୍ଧି ପାଇଥାଏ। ବିଶେଷକରି ସକାଳ ସମୟରେ କୁହୁଡ଼ି ବା ଫଗ୍ ସହିତ ଧୂଆଁ ମିଶି ସ୍ମଗ୍ ସୃଷ୍ଟି କରିଥାଏ। ତେଣୁ ଏଦିନେ ମର୍ନିଂୱାକ୍ ସମୟରେ ନିଃଶ୍ୱାସରେ ଶରୀର ମଧ୍ୟକୁ କାର୍ବନ ମନୋକ୍ସାଇଡ୍, କାର୍ବନ ଡାଇଅକ୍ସାଇଡ୍, ସଲ୍‌ଫର୍ ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍ ଭଳି ବିଷାକ୍ତ ପଦାର୍ଥ ଯାଇ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜାଇଥାଏ। ତେଣୁ ଏଦିନେ ସକାଳ ସମୟରେ ବାହାରେ ନ କରି ଇନ୍‌ଡୋର ୱାକିଂ, ବ୍ରିସ୍କ ୱାକିଂ କରିବା ଭଲ। ଯଦି ବାହାରେ କରୁଛନ୍ତି, ତେବେ ସୂର୍ଯ୍ୟୋଦୟର କିଛି ସମୟ ପରେ ଅର୍ଥାତ୍ କୁହୁଡ଼ି କମିବା ପରେ କରନ୍ତୁ। ମନେରଖନ୍ତୁ, ରାସ୍ତା କଡ଼ ଅପେକ୍ଷା ଅଧିକ ଗଛ ଥିବା ସ୍ଥାନ ଯେପରିକି ପାର୍କ ଆଦି ଅପେକ୍ଷାକୃତ କମ୍ ପ୍ରଦୂଷିତ ହୋଇଥିବାରୁ ୱାକିଂ ପାଇଁ ଭଲ।

**ଘରେ କରିପାରିବେ ଏକ୍ସରସାଇଜ୍:**

❖ଶୀତରେ ଯଦି ବାହାରକୁ ଯାଇ ଏକ୍ସରସାଇଜ୍ କରିବାକୁ ଇଚ୍ଛା ନ ହେଉଛି, ତେବେ ଘରେ ରହି କପାଳଭାତି, ସୂର୍ଯ୍ୟ ନମସ୍କାର, ପ୍ରାଣାୟାମ ଭଳି ବିଭିନ୍ନ ଯୋଗାସନ କରିପାରିବେ। ଏହା ମଧ୍ୟ ଶରୀରକୁ ଫୁର୍ତ୍ତି ରଖିବା ଓ ଉର୍ଜା ଯୋଗାଇବା ପାଇଁ ବେଶ୍ ଉପକାରୀ।

❖ଯଦି ଶୀତରେ ଜିମ୍ ନ ଯାଇ ପାରୁଛନ୍ତି, ତେବେ ସେହି ସମୟକୁ ଶୋଇବା କିମ୍ବା ଅନ୍ୟ କୌଣସି କାର୍ଯ୍ୟରେ ବ୍ୟବହାର ନ କରି ଘରେ ଏକ୍ସରସାଇଜ୍ ନିହାତି କରନ୍ତୁ। ଘରେ ଜମ୍ପିଂ ଜ୍ୟାକ୍, ପୁସ୍ ଅପ୍ସ, ୱାର୍କଆଉଟ୍, ଲଞ୍ଜେସ୍, ହାଇନିଜ୍, ବର୍ପିଜ୍ ଭଳି ଇଣ୍ଡୋର କାର୍ଡିଓ କଲେ ହେଲ୍‌ଥ ଏବଂ ଫିଗର ମେଣ୍ଟେନ୍ ରହିବ।







❖ଅଧିକ ଶୀତରେ ବାହାରକୁ ପାର୍କ କିମ୍ବା ଜିମ୍ ନ ଯାଇପାରିଲେ ଘରେ କରିବା ଲାଗି ଏକ ଭଲ ଏକ୍ସରସାଇଜ୍ ହେଉଛି ଏରୋବିକ୍ସ ଏବଂ ଜୁମ୍ବା। ଟିଭି କିମ୍ବା ୟୁଟ୍ୟୁବ୍‌ରେ କୌଣସି ଟ୍ରେନରଙ୍କ ଭିଡିଓ ଦେଖି ମ୍ୟୁଜିକ୍ ତାଳେ ତାଳେ ଏହି ଡ୍ୟାନ୍ସ ଏକ୍ସରସାଇଜ୍ କରିପାରିବେ। ଏହାଦ୍ୱାରା କ୍ୟାଲୋରି ବର୍ନ ହେବା ସହ ଦିନସାରା ଆକ୍ଟିଭ୍ ଫିଲ୍ କରିପାରିବେ।

❖ଯଦି ଶୀତରେ ଅନ୍ୟ ଏକ୍ସରସାଇଜ୍ କରି ନ ପାରୁଛନ୍ତି ତେବେ ସ୍କିପିଂ କରିପାରିବେ। ଏହା ମଧ୍ୟ କ୍ୟାଲୋରୀ ବର୍ନ କରିବା ସହ ବଡିକୁ ଆକ୍ଟିଭ୍ ଏବଂ ଏନର୍ଜେଟିକ୍ ରଖିବାରେ ସାହାଯ୍ୟ କରିଥାଏ। ଏହାଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇଥାଏ ଏବଂ ହୃତ୍‌ପିଣ୍ଡ ସୁସ୍ଥ ରହିଥାଏ।

**ଜାଣିରଖନ୍ତୁ:**

❖ଶୀତଦିନେ ପରିବେଶ ତାପମାତ୍ରା ସହିତ ଶରୀରର ତାପମାତ୍ରା ମଧ୍ୟ କମ୍ ଥାଏ। ତେଣୁ ହଠାତ୍ ଏକ୍ସରସାଇଜ୍ ଆରମ୍ଭ କରିବା ମାତ୍ରେ ଶରୀରର ତାପମାତ୍ରା ବଢ଼ିଯାଏ। ଫଳରେ କେତେକ କ୍ଷେତ୍ରରେ ଶରୀର ଥଣ୍ଡାରୁ ଗରମ ହୋଇଯିବା ବା ତାପମାତ୍ରା ଅସନ୍ତୁଳନ ହୋଇଯିବା ଯୋଗୁ ବ୍ଲଡ୍ ସର୍କୁଲେଶନ୍ ବାଧାପ୍ରାପ୍ତ ହୁଏ, ଅକ୍ସିଜେନ୍ ମାତ୍ରା ପ୍ରଭାବିତ ହୁଏ ଏବଂ ହାର୍ଟ ଉପରେ ଚାପ ପଡ଼ିଥାଏ। ଫଳରେ ବିଭିନ୍ନ ଶାରୀରିକ ସମସ୍ୟା ଦେଖାଦେଇଥାଏ। ତେଣୁ ଏକ୍ସରସାଇଜ୍ ଆରମ୍ଭ କରିବା ପୂର୍ବରୁ ପ୍ରଥମେ ୱାର୍ମଅପ୍ କରି ଶରୀରର ତାପମାତ୍ରା ନର୍ମାଲ୍ ବା ରୁମ୍ ଟେମ୍ପରେଚରକୁ ଆଣନ୍ତୁ। ଏହାପରେ ଏକ୍ସରସାଇଜ୍ କରିବା ନିରାପଦ।


❖ଏଦିନେ ବାହାରକୁ ୱାକିଂ କିମ୍ବା ଏକ୍ସରସାଇଜ ପାଇଁ ଯାଉଥିଲେ ଫୁଲ୍ ୱିଣ୍ଟର ଡ୍ରେସ୍ ପିନ୍ଧିବା ସହ କାନ ଘୋଡାଇ ରଖିବା ଲାଗି କ୍ୟାପ୍ କିମ୍ବା ଇୟର ମଫ୍ ବ୍ୟବହାର କରନ୍ତୁ।

❖ବର୍ଷସାରା ଯେପରି ୱାର୍କଆଉଟ୍ ବେଳେ ଖାଦ୍ୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ, ଶୀତରେ ମଧ୍ୟ ସେହିପରି ଖାଦ୍ୟକୁ ଅଧିକ ଗୁରୁତ୍ୱ ଦେବା ଜରୁରୀ। ତା'ଛଡା ଏଦିନେ ପାଣିପାଗ ପରିବର୍ତ୍ତନ ସାଙ୍ଗକୁ ପ୍ରଦୂଷଣ ହେତୁ ଅଧିକାଂଶଙ୍କଠାରେ ଥଣ୍ଡା, ଜ୍ୱର, କାଶ ଭଳି ସିଜିଓନାଲ୍ ଇଫେକ୍ଟିଭ୍ ଡିସ୍‌ଅର୍ଡର ସମସ୍ୟା ଦେଖାଦିଏ। ତେଣୁ ପ୍ରତିରୋଧକ ଶକ୍ତି ବୃଦ୍ଧି କରି ନିଜକୁ ଫିଟ୍ ରଖିବା ଲାଗି ସୁଷମ ଆହାର ଗ୍ରହଣ କରନ୍ତୁ। ବିଶେଷକରି ପ୍ରୋଟିନ୍, ଆଇରନ୍, ଜିଙ୍କ୍, ଭିଟାମିନ୍ ସି ଯୁକ୍ତ ଖାଦ୍ୟ ସହିତ ଋତୁଭିତ୍ତିକ ସବୁଜ ପନିପରିବା, ଫଳ ଓ ଶାଗ ଭଳି ଆଣ୍ଟିଅକ୍ସିଡାଣ୍ଟଯୁକ୍ତ ଖାଦ୍ୟ ଖାଆନ୍ତୁ। ଖାଦ୍ୟ ତାଲିକାରେ ଗାଈଘିଅକୁ ସାମିଲ କରନ୍ତୁ। ଭିଟାମିନ୍ ଡି'ର ତତ୍ତ୍ୱ ଏବଂ ଓମେଗା-୩ ଫ୍ୟାଟି ଏସିଡ୍ ଥିବା ଖାଦ୍ୟ ଯଥା ମାଛ ଖାଆନ୍ତୁ। ଏଦିନେ ତଟକା ପନିପରିବା, ଫଳ ଅଧିକ ଖାଆନ୍ତୁ।

❖ଯଦି ଶୀତଦିନେ ରେଗୁଲାର୍ ଘରେ ହେଉ ଅବା ଜିମ୍ ଯାଇ ୱାର୍କଆଉଟ୍, ୱେଟ୍ ଟ୍ରେନିଂ ଆଦି କରୁଛନ୍ତି, ତେବେ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ। କାରଣ ଏଦିନେ ଶରୀର ଖୁବ୍ ଶୀଘ୍ର ଡିହାଇଡ୍ରେଟ୍ ହୋଇଯାଏ। ତା'ଛଡା ଏଦିନେ ଶୋଷ କମ୍ ଲାଗିବା ସହ ଅଧିକ ପରିସ୍ରା ଲାଗିଥାଏ। ଏମିତିରେ ଏକ୍ସରସାଇଜ୍ କରିବା ଯୋଗୁ ଝାଳ ବାହାରିଲେ ଶରୀରରୁ ଖୁବ୍‌ଶୀଘ୍ର ଜଳୀୟାଂଶ କମିଯାଏ, ଯଦ୍ଦ୍ୱାରା ଦୁର୍ବଳ ଲାଗିବା ଭଳି ସମସ୍ୟା ଉପୁଜିପାରେ। ତେଣୁ ଅଧିକ ପାଣି ପିଇବା ସହ ଜୁସ୍, ପଇଡ ପାଣି ଆଦି ପିଇବା ବି ଭଲ।

❖ଶୀତଦିନେ ଜିମ୍ ଯାଉଥିଲେ ୱାର୍କଆଉଟ୍ କରିବାର ତୁରନ୍ତ ପରେ ବାହାରକୁ ନ ବାହାରି କିଛି ସମୟ ବସିବା ପରେ ବାହାରନ୍ତୁ। କାରଣ ୱାର୍କଆଉଟ୍ ପରେ ଶରୀରର ତାପମାତ୍ରା ଗରମ ଥାଏ। ଏ ସମୟରେ ବାହାରେ ଥଣ୍ଡା ଥିବାରୁ ହଠାତ୍ ବାହାରିପଡ଼ିଲେ ତାପମାତ୍ରା ସହ ବ୍ଲଡ୍ ସର୍କୁଲେଶନ୍‌ରେ ଅସନ୍ତୁଳନ ଦେଖାଦେବା କାରଣରୁ ଦେହ ଖରାପ ହୋଇପାରେ।





## ଏ ସପ୍ତାହର ପ୍ରଶ୍ନ ?

୧- ଭାରତ-ଶ୍ରୀଲଙ୍କା ସଂସ୍କୃତ ମହୋତ୍ସବ ୨୦୨୫ .......... ଠାରେ ଅନୁଷ୍ଠିତ ହୋଇଯାଇଛି ?
୨- ଆମେରିକା ଏବଂ ............. ଦୁଇ ଦେଶ ମିଳିତ ଭାବେ ଓମେନ୍ ଡ୍ରୋନ୍ ନିର୍ମାଣ କରିଛନ୍ତି ?
୩- ମରମ ଜନଜାତି ମୁଖ୍ୟତଃ .......... ରାଜ୍ୟରେ ବସବାସ କରନ୍ତି ?
୪- ଇ-ଜାଗୃତି ପ୍ଲାଟ୍‌ଫର୍ମ ମିନିଷ୍ଟ୍ରି ଅଫ୍ .............. ପକ୍ଷରୁ ଆରମ୍ଭ କରାଯାଉଛି ?
୫- ସାକୁରାଜିମା ଭଲ୍‌କାନୋ ............ ଦେଶରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ନ୍ୟାଶନାଲ୍ କୋଅପରେଟିଭ୍ ଡେଭେଲପ୍‌ମେଣ୍ଟ କର୍ପୋରେଶନ୍
୨ ଭାରତ ମହାସାଗର
୩ ଚାଇନା
୪ କ୍ରିକେଟ୍
୫ ନ୍ୟାଶନାଲ୍ ମିସନ୍ ଫର୍ କ୍ଲିନ୍ ଗଙ୍ଗା

## ଉତ୍ତରଦାତା



ଅନ୍ନଦା ପ୍ରସାଦ ପଟ୍ଟନାୟକ, କଟକ



ଶେଖ୍ ଅମିନୁଲ୍ ଇରଫାନ୍, ଢେଙ୍କାନାଳ

## ଟପ୍ ଟେନ୍ ୧୦

**ସର୍ବାଧିକ ସବ୍‌ସ୍କ୍ରାଇବର୍ ଥିବା ୟୁଟ୍ୟୁବ ଚ୍ୟାନେଲ୍-୨୦୨୫**

୧ . ମିଷ୍ଟର ବିଷ୍ଟ ............ ୪୫୨ ମିଲିଅନ୍
୨. ଟି-ସିରିଜ୍ ............ ୩୦୭ ମିଲିଅନ୍
୩. କୋକୋମେଲନ୍- ନର୍ସରୀ ରାଇମ୍ସ............ ୧୯୮ ମିଲିଅନ୍
୪. ସେଟ୍ ଇଣ୍ଡିଆ ............ ୧୮୭ ମିଲିଅନ୍
୫. ଭ୍ଲାଡ୍ ଆଣ୍ଡ ନିକି ............ ୧୪୭ ମିଲିଅନ୍
୬. କିଡ୍ସ ଡିଆନା ଶୋ ............ ୧୩୭ ମିଲିଅନ୍
୮. ଷ୍ଟକ୍ସ ଓ୍ୱିକ୍ସ ............ ୧୩୨ ମିଲିଅନ୍
୯. କିମ୍ବ୍ରୋ............ ୧୨୩ ମିଲିଅନ୍
୧୦. ଜୀ ମ୍ୟୁଜିକ୍ କମ୍ପାନୀ ............ ୧୨୧ ମିଲିଅନ୍

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
ଇ-ମେଲ୍ ଠିକଣା: dharitriagamiasha@gmail.com

### ୟୁଥ୍ ଆଲର୍ଟ

# ଚିନାବାଦାମ ଖାଉଥିଲେ...

**ଚିନାବାଦାମରେ ପ୍ରଚୁର ପରିମାଣରେ ପୋଷକତତ୍ତ୍ୱ ଭରି ରହିଥିବାରୁ ଏହାକୁ ପାୱାର ଫୁଡ୍ ବୋଲି କୁହାଯାଏ। ହେଲେ ଏହାକୁ ଖାଇବା ବେଳେ କେତୋଟି ଦିଗ ପ୍ରତି ଅଣଦେଖା କଲେ ଏହାର ସମ୍ପୂର୍ଣ୍ଣ ଲାଭ ପାଇବା ପରିବର୍ତ୍ତେ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିପାରେ। ଜାଣିରଖନ୍ତୁ ସେ ସମ୍ପର୍କରେ...**

➔ଚିନାବାଦାମରେ ପ୍ରଚୁର ପରିମାଣରେ ପ୍ରୋଟିନ୍, ହେଲ୍‌ଦି ଫ୍ୟାଟ୍, ଭିଟାମିନ୍ ଇ, ଭିଟାମିନ୍ ବି, ମ୍ୟାଗ୍ନେସିୟମ, ଫସ୍‌ଫରସ୍, କ୍ୟାଲ୍‌ସିୟମ, ସୋଡିୟମ ଭରି ରହିଛି, ଯାହାକି ଶରୀରକୁ ସୁସ୍ଥ ରଖିବା ଲାଗି ବେଶ୍ ଉପକାରୀ। ବିଶେଷକରି ଶୀତଦିନେ ଏହାକୁ ଖାଇଲେ ଶରୀରର ତାପମାତ୍ରା ନିୟନ୍ତ୍ରଣରେ ରଖିବାରେ



ସାହାଯ୍ୟ କରେ। ହେଲେ ଏହାକୁ ଖାଇବା ପରେ ତୁରନ୍ତ ପାଣି ପିଇବା ଠିକ୍ ନୁହେଁ। କାରଣ ଏହାଦ୍ୱାରା ଶ୍ୱାସନଳୀ ଏବଂ ପେଟରେ ବିଭିନ୍ନ ସମସ୍ୟା ଦେଖାଦେଇପାରେ।

➔ଚିନାବାଦାମରେ ଭରପୂର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ଭରି ରହିଛି, ଯାହାକି ମସ୍ତିଷ୍କର କାର୍ଯ୍ୟକ୍ଷମତା ବୃଦ୍ଧି କରିଥାଏ। ହେଲେ ଏହାକୁ ଦିନ,ରାତି ଯେକୌଣସି ସମୟରେ ନ ଖାଇ ଏକ ନିର୍ଦ୍ଦିଷ୍ଟ ସମୟରେ ଖାଇବା ଆବଶ୍ୟକ। କାରଣ ସନ୍ଧ୍ୟା ପରେ କିମ୍ବା ରାତିରେ ଏହାକୁ ଖାଇଲେ ବଦହଜମି, ଗ୍ୟାସ୍, ଏସିଡିଟି ଭଳି ବିଭିନ୍ନ ସମସ୍ୟା ଉପୁଜିଥାଏ। ତେଣୁ ବାଦାମ ଖାଇବା ଲାଗି ସର୍ବଦା ସକାଳ ସମୟ ସବୁଠୁ ଭଲ।

➔ପାଟିକୁ ସ୍ୱାଦିଷ୍ଟ ଲାଗୁଥିବାରୁ ଅନେକେ ବାଦାମ ଛାଣି କିମ୍ବା ପକୋଡ଼ା କରି ଖାଇଥାନ୍ତି। ହେଲେ ଏହାଦ୍ୱାରା ମଧ୍ୟ ଗ୍ୟାସ୍ ଏସିଡିଟି ଭଳି ସମସ୍ୟା ଦେଖାଦିଏ। ଏହା ବଦଳରେ ବାଦାମକୁ ଭାଜି, ସିଝାଇ ଖାଇଲେ ଭଲ। ତେବେ ବାଦାମକୁ ରାତିରେ ଭିଜାଇ ସକାଳୁ ଖାଇଲେ ଏଥିରେ ଥିବା ସମସ୍ତ ପୋଷାକ ତତ୍ତ୍ୱ ଶରୀରକୁ ମିଳିଥାଏ।

➔ପ୍ରତିଦିନ ଅଧିକ ପରିମାଣରେ ବାଦାମ ଖାଇବା ମେଦବହୁଳତାର କାରଣ ସାଜିପାରେ। ତେଣୁ ଅଳ୍ପ ପରିମାଣର ବାଦାମ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ।

### ଜାଣନ୍ତୁ ଦୁନିଆ

# ଭାରତର ହଣ୍ଟେଡ୍ ରେଲୱେ ଷ୍ଟେଶନ୍

**ଭାରତରେ ଏଭଳି ଅନେକ ସ୍ଥାନ ରହିଛି, ଯେଉଁଠି ଭୂତ ପ୍ରେତ ଥିବା କଥା ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଭୂତିରୁ ଜଣାପଡ଼େ। ତେବେ ଜାଣନ୍ତୁ ସେହିଭଳି କେତେକ ହଣ୍ଟେଡ୍ ରେଲ୍‌ୱେ ଷ୍ଟେଶନ୍ ସମ୍ପର୍କରେ, ଯେଉଁଠାକୁ ଭୂତ ଭୟରେ ସନ୍ଧ୍ୟା ପରେ ଯାତ୍ରୀମାନେ ଯିବାକୁ ଭୟ କରିଥା'ନ୍ତି ...**



**ରବୀନ୍ଦ୍ର ସରୋବର ମେଟ୍ରୋ ଷ୍ଟେଶନ୍, ପଶ୍ଚିମବଙ୍ଗ:** କଲିକତାସ୍ଥିତ ଏହି ଷ୍ଟେଶନ୍‌ରେ ପ୍ରତିଦିନ ବହୁସଂଖ୍ୟାରେ ଯାତ୍ରୀ ଯାତାୟାତ କରିଥାନ୍ତି। ହେଲେ ରାତି ୧୦.୩୦ରେ ଶେଷ ଟ୍ରେନ୍ ଯିବାପରେ ଏଠାକୁ ଯିବା ପାଇଁ ଯାତ୍ରୀଙ୍କୁ ଭୟ ଲାଗିଥାଏ। କାରଣ ଏଠାରେ ଅନ୍ଧାର ରାତିରେ ଭୂତ ବୁଲୁଥିବା, ଟ୍ରେନ୍‌ଲାଇନ୍ ଉପରେ ଠିଆ ହୋଇଥିବାର କେତେଜଣ ଦେଖିଥିବା ଦାବି କରନ୍ତି।

**ଦ୍ୱାରକା ସେକ୍ଟର ୯ ମେଟ୍ରୋ ଷ୍ଟେଶନ, ଦିଲ୍ଲୀ:** ଏଠାରେ ରାତି ସମୟରେ ଟ୍ରେନ୍ ଚାଲିଯିବା ପରେ ଏହା ପଛେ ପଛେ ଏକ ମହିଳା ଚାଲୁଥିବା ଦୃଶ୍ୟ ଅନେକେ ଦେଖିଥିବା ପ୍ରକାଶ କରନ୍ତି। କେତେକ ଯାତ୍ରୀଙ୍କର ସେଠାରେ କିଛି ଅଦୃଶ୍ୟ ଶକ୍ତି ସେମାନଙ୍କୁ ଶବ୍ଦ କରି ଡାକିବା, ଚାପୁଡ଼ା ମାରିବା ଭଳି ଅନୁଭୂତି ମଧ୍ୟ ରହିଛି। ଏମିତିକି ଏଭଳି ଘଟଣା ଯୋଗୁ ଭୟରେ ସେଠାରେ କେତେ ଜଣଙ୍କ ମୃତ୍ୟୁ ମଧ୍ୟ ହୋଇସାରିଛି। ତେଣୁ ରାତିରେ ଜନଗହଳି କମିବା ପରେ ସେଠାକୁ କେହି ଯିବା ପାଇଁ ଭୟ କରନ୍ତି।

**ନୈନୀ ରେଲ୍‌ୱେ ଷ୍ଟେଶନ୍, ଉତ୍ତରପ୍ରଦେଶ:** ଏହି ରେଲ୍‌ୱେ ଷ୍ଟେଶନ୍ ଉତ୍ତରପ୍ରଦେଶ ରାଜ୍ୟର ପ୍ରୟାଗରାଜ ଜିଲାରେ ଅବସ୍ଥିତ। ଏଠାରେ ରାତିରେ ରେଲ୍‌ୱେ ଟ୍ରାକ୍ ଉପରେ ବିଭିନ୍ନ ପ୍ରକାରର ଅଦ୍ଭୁତ ଜିନିଷ ଏବଂ ଦୃଶ୍ୟ ଦେଖିବାର ନଜିର ରହିଛି। କୁହାଯାଏ, ଷ୍ଟେଶନ୍‌ଠୁ ଅଳ୍ପ ଦୂରରେ ଥିବା ନୈନୀ ଜେଲ୍‌ରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ବନ୍ଦୀ କରି ରଖାଯାଇଥିଲା ଏବଂ ବହୁ ଅତ୍ୟାଚାର କରାଯାଉଥିଲା। ପରେ ସେମାନଙ୍କ ମୃତ୍ୟୁ ହୋଇଥିଲା। ଆଉ ସେମାନଙ୍କ ଅତୃପ୍ତ ଆତ୍ମା ସେହିଠାରେ ହିଁ ରହିଯାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ସେଠାରେ ସେହି ଆତ୍ମାଗୁଡ଼ିକର ଉପସ୍ଥିତି ଅନୁଭବ କରାଯାଇଥାଏ, ହେଲେ ସେମାନେ କାହାର କ୍ଷତି ପହଞ୍ଚାଇ ନ ଥାନ୍ତି।



**ଏମ୍‌ଜି ରୋଡ଼ ମେଟ୍ରୋ ଷ୍ଟେଶନ୍, ଗୁରଗାଓଁ:** ଏହାକୁ ଭାରତର ସବୁଠୁ ପୁରୁଣା ହଣ୍ଟେଡ୍ ରେଲ୍‌ୱେ ଷ୍ଟେଶନ୍ ବୋଲି କୁହାଯାଏ। ଏଠାରେ ରାତି ସମୟରେ ଯାତ୍ରୀମାନେ ବିଭିନ୍ନ ପ୍ରକାରର ଅସାଧାରଣ ଗତିବିଧି ଅନୁଭବ କରୁଥିବା ପ୍ରକାଶ କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସେଠାରେ ଜଣେ ୪୦ ବର୍ଷୀୟା ମହିଳାଯାତ୍ରୀଙ୍କ ଛୁଆ ହଜିଯାଇଥିଲା ଏବଂ ସେ ତାକୁ ଖୋଜୁ ଖୋଜୁ ରେଲ୍ ଟ୍ରାକ୍‌ରେ ପଡ଼ିଯାଇଥିଲେ। ଟ୍ରେନ୍ ଚଢ଼ିଯିବାରୁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଆଉ ସେବେଠୁ ତାଙ୍କର ଅତୃପ୍ତ ଆତ୍ମା ସେଠାରେ ଘୂରି ବୁଲୁଛି। ତେବେ ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ଏ ପର୍ଯ୍ୟନ୍ତ ଅନେକ ଯାତ୍ରୀ ସେହି ସ୍ତ୍ରୀ ଲୋକ ମୁକୁଳା କେଶରେ ବୁଲୁଥିବାର ଭୂତ ସେଠାରେ ଦେଖିଛନ୍ତି, ଯାହାକି କେବଳ ମେଟ୍ରୋ ଟ୍ରେନ୍‌ର ଦର୍ପଣ କିମ୍ବା ଗ୍ଲାସ୍‌ରେ ଦେଖାଯାଇଥାଏ।

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ନଭେମ୍ବର ୩୦/୨୦୨୫ Bhubaneswar, Sunday, November 30/ 2025

# ପାଣ୍ଡିଆନ୍ ବେଳେ କାଗଜବାଘ ଥିଲେ, ଏବେ ଚିତ୍କାର କରୁଛନ୍ତି'

## ବିରୋଧୀ ସଦସ୍ୟଙ୍କୁ ଶାସକ ଦଳ ସଦସ୍ୟଙ୍କ ଟାର୍ଗେଟ

ଭୁବନେଶ୍ୱର,୨୯।୧୧(ସୁନିତ୍ ମିଶ୍ର)

ବିରୋଧୀ ଆଣିଥିବା 'ଇ-କେୱାଇସି ପରେ ସର୍ଭେ ଆଳରେ ଲୋକଙ୍କ ରାଶନ କାର୍ଡ କାଟୁଛନ୍ତି ସରକାର, ଲୋକେ ହନ୍ତସନ୍ତ' ସମ୍ପର୍କିତ ମୁଲତବୀ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ ବର୍ଷିଛନ୍ତି ଶାସକ ଦଳର ସଦସ୍ୟ। ପୂର୍ବ ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ରାଶନକାର୍ଡ କାଟିବାରେ ମାହିର ଥିଲା ବୋଲି କହିଛନ୍ତି। ଭାଜପା ସଦସ୍ୟମାନେ ବିଜେଡି ସରକାର ସମୟ କଥା କହି ବିରୋଧୀଙ୍କୁ ଟାର୍ଗେଟ କରିଥିବା ବେଳେ ପାଣ୍ଡିଆନ୍ ସମୟରେ କାଗଜ ବାଘ ଥିଲେ, ପାଟି ଫିଟୁ ନ ଥିଲା। ଏବେ ବାଘ ଭଳି ଚିତ୍କାର କରୁଛନ୍ତି କହି ଶାସକ ଦଳ ସଦସ୍ୟ ତାଚ୍ଛଲ୍ୟ କରିଛନ୍ତି।

ଭାଜପା ସଦସ୍ୟ ପ୍ରତାପ ଚନ୍ଦ୍ର ନାଏକ କହିଛନ୍ତି, ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯେଉଁ ଗପ କହିଲେ ତାହା ସେ ଶୁଣିଲେ। ନବୀନବାବୁ ଗୋଟିଏ ଗପ ଲେଖନ୍ତୁ ଏବଂ ତା'ର ମୁଖ୍ୟ ଚରିତ୍ରରେ ପାଣ୍ଡିଆନ୍‌ଙ୍କ ରଖନ୍ତୁ। ଗତ ସରକାର ୧୦ ଲକ୍ଷ ୩୦ ହଜାର ୬୯ ଜଣଙ୍କ ରାଶନକାର୍ଡ କାଟିଥିଲେ। ଏବେ ସରକାର ଅଯୋଗ୍ୟ ହିତାଧିକାରୀଙ୍କୁ କାଟିବା କାର୍ଯ୍ୟ କରୁଛନ୍ତି। ସେଥିରେ ବିରୋଧୀ ସଦସ୍ୟମାନେ ସରକାରରେ ଥିବାବେଳେ ଯେଉଁ ମାମୁପୁଅ, ମାଉସୀ ପୁଅମାନଙ୍କୁ ପୂରାଇଛନ୍ତି ସେମାନଙ୍କର ନାଁ କାଳେ କଟିଯିବ ବୋଲି ଡରୁଛନ୍ତି। ସେଥିଲାଗି ମିଛଟାରେ ଚିତ୍କାର କରୁଛନ୍ତି। ଯେଉଁ ବିରୋଧୀ ସଦସ୍ୟ ଏବେ ଚିତ୍କାର କରୁଛନ୍ତି ପାଣ୍ଡିଆନ୍ ଶାସନ ବେଳେ ସେମାନଙ୍କ ପାଟି ଫିଟୁନଥିଲା, ଖାଲି କାଗଜବାଘ ଥିଲେ। କିନ୍ତୁ ଏବେ ସତସତିକା ବାଘ ହୋଇଗଲା ଭଳି ଚିତ୍କାର କରୁଛନ୍ତି ବୋଲି ପ୍ରତାପ କହିଛନ୍ତି। ଭାଜପା ସଦସ୍ୟ ପଦ୍ମଲୋଚନ ପଣ୍ଡା କହିଛନ୍ତି, ବିଜେଡି ସଦସ୍ୟମାନେ ନୂଆପଡ଼ା ଉପନିର୍ବାଚନ ପରେ ହତୋତ୍ସାହିତ ହୋଇପଡ଼ିଛନ୍ତି। ଗତ ବିଧାନସଭା ପର୍ଯ୍ୟନ୍ତ ସେମାନଙ୍କ ଯେଉଁ ସ୍ୱର ଥିଲା ସେଥିରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଛି। ଆକାଶ ପାତାଳ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଗତ ୧୭ ମାସ ଭିତରେ ସେମାନଙ୍କର ଯେଉଁ ଉତ୍ପାତ ଥିଲା ସେକଥା ଆଉ ଏବେ ନାହିଁ। ଆଉ ନୂଆପଡ଼ା ଉପନିର୍ବାଚନବେଳେ ନବୀନବାବୁଙ୍କୁ ଯେଉଁ ଅବସ୍ଥାରେ ୨ ଥର ନେଇ ପ୍ରଚାର କରାଇଲେ ତାହା ଦେଖି ଦୁଃଖ ଲାଗୁଥିଲା ବୋଲି ପଦ୍ମଲୋଚନ କହିଛନ୍ତି।

ଭାଜପା ସଦସ୍ୟ ଆଶ୍ରିତ ପଟ୍ଟନାୟକ କହିଛନ୍ତି, ପୂର୍ବ ସରକାର କେବଳ ରାଜନୈତିକ ଉଦ୍ଦେଶ୍ୟ ରଖି ରାଶନ କାର୍ଡ କାଟୁଥିଲେ। ୨୦୧୫ରୁ ୨୦୨୪ ମଧ୍ୟରେ ରାଜ୍ୟର ପ୍ରାୟ ୩୦ ଲକ୍ଷ ହିତାଧିକାରୀଙ୍କ ରାଶନକାର୍ଡ କଟାଯାଇଛି। ଭାଜପା ସରକାର ଆସିବା ପରେ ୧୫ ଲକ୍ଷରୁ ଅଧିକ ଆବେଦନକାରୀଙ୍କ ମଧ୍ୟରୁ ୬ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଯୋଗ୍ୟ ବିବେଚିତକରି କାର୍ଡ ପ୍ରଦାନ କରିଛି। ଭାଜପା ସଦସ୍ୟ ଅମର ନାୟକ କହିଛନ୍ତି, ୧୫ ଲକ୍ଷ ହିତାଧିକାରୀଙ୍କୁ ଇ-କେୱାଇସି ଦେବାକୁ ଅବଧି ଦେଇଛୁ। ବାକି ୩ କୋଟିରୁ ଅଧିକ ହିତାଧିକାରୀଙ୍କ ଇ-କେୱାଇସି ସରିଲାଣି। ହେଲେ ବିରୋଧୀ ସେହି ୧୫ ଲକ୍ଷ ହିତାଧିକାରୀଙ୍କ କଥା କହି ରାଜନୀତି କରିବାକୁ ଚାହୁଁଛନ୍ତି। ଗତ ସରକାର ବହୁ ଯୋଗ୍ୟ ଲୋକଙ୍କୁ ମାଗଣା ଚାଉଳ ପାଇବାରୁ ବଞ୍ଚିତ ରଖିଥିଲେ। କେବଳ ସେତିକି ନୁହେଁ, ଅନେକଙ୍କୁ ଅଯୋଗ୍ୟ ବିବେଚିତ କରିବା ସହ ଜରିମାନା ବାବଦରେ ୪୨ କୋଟି ଟଙ୍କା ଆଦାୟକରି ଜେଲ ପଠାଇଥିବା ସେ କହିଛନ୍ତି।

## ବିଧାନସଭା ଖବର

### ସୁଭଦ୍ରା ମେଣ୍ଟେନାନ୍ସ ପାଇଁ ଖର୍ଚ୍ଚ ହୋଇଛି ୧୩ କୋଟି ୮ ଲକ୍ଷ

#### ୧୩ ଜିଲାରେ ୩୩୮ରୁ ସମ୍ପୂର୍ଣ୍ଣ ହୋଇଛି ୩୩୨ ସୁଭଦ୍ରା ଶକ୍ତି କେନ୍ଦ୍ର

ଭୁବନେଶ୍ୱର, ୨୯।୧୧(ସୁନିତ୍ ମିଶ୍ର): ସୁଭଦ୍ରା ମେଣ୍ଟେନାନ୍ସ ପାଇଁ ୧୩ କୋଟି ୮ ଲକ୍ଷ ଟଙ୍କା ସରକାର ଖର୍ଚ୍ଚ କରିଛନ୍ତି। ସୁଭଦ୍ରା ପୋର୍ଟାଲର ମେଣ୍ଟେନାନ୍ସ, ହଷ୍ଟିଙ୍ଗ୍ ଏବଂ ଡାଟା ସୁରକ୍ଷା ପାଇଁ ଏହି ଅର୍ଥ ଖର୍ଚ୍ଚ ହୋଇଛି। ସୁଭଦ୍ରା ପୋର୍ଟାଲ, ଡେଭଲପମେଣ୍ଟ ଓ ସୁରକ୍ଷା ପାଇଁ ୧ କୋଟି ୫୪ ଲକ୍ଷ ୭୮ ହଜାର ଟଙ୍କା ବିଭାଗ ଖର୍ଚ୍ଚ କରିଛି। ବିଭାଗ ପକ୍ଷରୁ କ୍ଲାଉଡ୍ ହୋଷ୍ଟିଂ ପାଇଁ ୧୨ କୋଟି ୨୮ ଲକ୍ଷ ୧୫ ହଜାର ଟଙ୍କା ଖର୍ଚ୍ଚ ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହା ଲିଖିତ ଭାବେ ଦେଇଛନ୍ତି। ସେହିପରି ସେ ଆଉ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି, ରାଜ୍ୟର ୧୩ଟି ଜିଲାରେ ୩୩୮ଟି ସୁଭଦ୍ରା ଶକ୍ତି କେନ୍ଦ୍ର ମଞ୍ଜୁର ହୋଇଥିବା ବେଳେ ୩୨୨ଟି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ମୟୂରଭଞ୍ଜରେ ସର୍ବାଧିକ ୨୫ଟି, ଗଞ୍ଜାମରେ ୨୪ଟି, ସୁନ୍ଦରଗଡ଼ରେ ୨୧ଟି ନିର୍ମାଣ ହୋଇଛି।

### ଉପଭୋକ୍ତାଙ୍କୁ ଠକୁଛି ଟାଟା ପାୱାର: ସାରଦା

ବିଧାନସଭା ଶୂନ୍ୟକାଳ ଆଲୋଚନା ସମୟରେ ବିଜେଡି ବିଧାୟକ ସାରଦା ପ୍ରସନ୍ନ ଜେନା କହିଛନ୍ତି, ଓଇଆର୍‌ସି ସମୀକ୍ଷା ରିପୋର୍ଟ ଅନୁସାରେ ଟାଟା ପାୱାର ରାଜ୍ୟର ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଠକୁଛନ୍ତି। ଚାରୋଟି ବିଦ୍ୟୁତ୍ ସଂସ୍ଥା ମିଳିତ ଭାବେ ଟାଟା ପାୱାର ଦ୍ୱାରା ୧ ହଜାର ୬୫ କୋଟି ଟଙ୍କା ଠକିଛନ୍ତି। ଓଇଆର୍‌ସି ଯେଉଁ ଦର ଧାର୍ଯ୍ୟ କରିଛି ୟୁନିଟ୍ ପିଛା ଟାଟା ପାୱାର ତା'ଠାରୁ ଅଧିକ ୩୬ ପଇସା ଲେଖା ଆଦାୟ କରୁଛି। ଲୋକଙ୍କ ମିଟର ଲଗାଇବାଠାରୁ ଟ୍ରାନ୍ସଫର୍ମର ବସାଇବା ଆଦି ବିଭିନ୍ନ କଥାରେ ଟାଟା ପାୱାର ଠକିବାରେ ଲାଗିଛି। ୨ ଲକ୍ଷରୁ ଅଧିକ ଟ୍ରାନ୍ସଫର୍ମର ୬୫ କେଭିରୁ କମ୍ ଅଛି। ଉପକୂଳ ଓଡ଼ିଶାରେ ମାସକୁ ୨୩ ଘଣ୍ଟା, ଉତ୍ତର ଓଡ଼ିଶାରେ ମାସକୁ ୨୭ ଘଣ୍ଟା ବିଦ୍ୟୁତ୍ କାଟ୍ ହେଉଛି। ଓଏଚ୍‌ପିସି, ଓପିଜିସି ସେମାନଙ୍କ ବାର୍ଷିକ ରିପୋର୍ଟ ମଧ୍ୟ ଦେଉନାହାନ୍ତି। ସେହି ସଂସ୍ଥା ବିରୋଧରେ ତଦନ୍ତକରି ସରକାର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଏହା ସହ ହିତାଧିକାରୀଙ୍କୁ ସୁଧ ସହ ଅର୍ଥ ଫେରାଇବାକୁ ସେ ନିବେଦନ କରିଛନ୍ତି।

### ବିଧବାଭତ୍ତା ୩୫୦୦ ଟଙ୍କା ହେଉ: ବଦ୍ରି

ରାଜ୍ୟରେ ଥିବା ବିଧବା ମହିଳାଙ୍କ ଭତ୍ତା ବୃଦ୍ଧି ଲାଗି ରାଜ୍ୟ ସରକାରଙ୍କ ନିକଟରେ ବିଜେଡି ବିଧାୟକ ବଦ୍ରିନାରାୟଣ ପାତ୍ର ନିବେଦନ କରିଛନ୍ତି। ବିଧାନସଭାର ଶୂନ୍ୟକାଳରେ ବିଧାୟକ ପାତ୍ର କହିଛନ୍ତି, ବିଧବାମାନଙ୍କୁ ୩୫୦୦ ଟଙ୍କା ଭତ୍ତା ଯୋଗାଇ ଦିଆଯାଉ। ସରକାର ୮୦ ବର୍ଷରୁ ଊର୍ଦ୍ଧ୍ୱବୟସ୍କ ଏବଂ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମଙ୍କୁ ୩୫୦୦ ଟଙ୍କା ଭତ୍ତା ଦେଉଛନ୍ତି। ହେଲେ ପରିତାପର ବିଷୟ, ବିଧବାମାନଙ୍କୁ ଯେଉଁ ଭତ୍ତା ମିଳୁଛି ତାହା ସେମାନଙ୍କୁ ଅଣ୍ଟୁନାହିଁ। ଫଳରେ ବାରଦୁଆର ବୁଲିବାକୁ ପଡୁଛି। ତେଣୁ ସରକାର ୩,୫୦୦ ଟଙ୍କା ଭତ୍ତା କାହାକୁ ଦିଅନ୍ତୁ ବା ନ ଦିଅନ୍ତୁ କିନ୍ତୁ ପ୍ରାଥମିକତା ଦେଇ ବିଧବାମାନଙ୍କୁ ପ୍ରଦାନ କରନ୍ତୁ ବୋଲି ବଦ୍ରି କହିଛନ୍ତି।

ଏହି ଶୂନ୍ୟକାଳ ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗାପ୍ରସନ୍ନ ନାୟକ, ଭାଦବ ହାଁସଦା, ଅଭିମନ୍ୟୁ ସେଠୀ, ପବିତ୍ର ସାଉଁତା, ରଘୁନାଥ ଜଗଦଲା, ଆକାଶ ଦାସନାୟକ, ପ୍ରଦୀପ କୁମାର ଦିଶାରୀ, କହ୍ନେଇ ଚରଣ ଡାଙ୍ଗ,ରୂପୁ ଭାତ୍ରା, ରମେଶ ବେହେରା, ନରସିଂହ ମାଡକାମୀ, ସି.ଏସ୍. ରାଜନ ଏକ୍କା,ଫକୀର ମୋହନ ନାଏକ, ବିଭୂତି ଭୂଷଣ ପ୍ରଧାନ, ଗଣେଶ୍ୱର ବେହେରା, ସନାତନ ବିଜୁଳି, ପ୍ରଦୀପ ସାହୁ ଏବଂ ସୋଫିଆ ଫିର୍ଦୋସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବିଜେଡି ଛାଡ଼ିଲେ ବନ୍ତ ବ୍ଲକ୍ ଅଧ୍ୟକ୍ଷ

## ନିଲମ୍ବନ କଲା ଦଳ



ବକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ

ଭଦ୍ରକ,୨୯।୧୧(ସନାତନ ରାଉତ): ଭଦ୍ରକ ଜିଲା ରାଜନୀତି କିଛିଦିନ ଧରି ସରଗରମ ଥିବାବେଳେ ଶନିବାର ଏହା ନାଟକୀୟ ମୋଡ଼ ନେଇଛି। ଶନିବାର ବନ୍ତ ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଅଣାଯାଇଥିଲା। ବ୍ଲକ ଅଧ୍ୟକ୍ଷ ଭେଣ୍ଡର କୋଡ୍ ଖୋଲି ଟଙ୍କା ଆତ୍ମସାତ୍ କରୁଥିବା ଅଭିଯୋଗ ସହ ଦଳ ଓ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିଲା। ଏହାର କିଛି ସମୟ ପରେ ବ୍ଲକ ଅଧ୍ୟକ୍ଷ ଘଡ଼େଇ ବ୍ୟକ୍ତିଗତ କାରଣ ଦର୍ଶାଇ ତାଙ୍କ ଇସ୍ତଫା ପତ୍ର ବିଜେଡି ଜିଲା ସଭାପତିଙ୍କୁ ପଠାଇଥିଲେ। ଏହାର କିଛି ସମୟ ପରେ ରାଜ୍ୟ ବିଜେଡି ଉପସଭାପତି ପ୍ରତାପ ଜେନା ବନ୍ତ ବ୍ଲକ ଅଧ୍ୟକ୍ଷ ଘଡ଼େଇଙ୍କୁ ଦଳରୁ ନିଲମ୍ବନ କରିଥିବା ନେଇ ଶଙ୍ଖ ଭବନରୁ ପ୍ରକାଶ ପାଇଥିବା ଚିଠି ଏବେ ସୋସିଆଲ ମିଡିଆରେ ଘୂରି ବୁଲୁଛି।

ଖବରଦାତା ସମ୍ମିଳନୀ, ଇସ୍ତଫା ଓ ନିଲମ୍ବନ ଏସବୁ ଗୋଟିଏ ଦିନରେ ନାଟକୀୟ ଢଙ୍ଗରେ ହୋଇଥିବାବେଳେ ସୋସିଆଲ ମିଡିଆରେ ଏହାକୁ ନେଇ ଜୋରଦାର ଭାଇରାଲ ହେଉଛି। ପ୍ରକାଶଥାଉ କି, କିଛିଦିନ ତଳେ ବିଜେଡିରୁ ଇସ୍ତଫା ଦେଇଥିବା ପ୍ରୟାସକାନ୍ତି ସାମଲଙ୍କ ସହ ବନ୍ତ, ଭଣ୍ଡାରିପୋଖରୀ, ଭଦ୍ରକ ଓ ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ଏକ ବୈଠକ କରିବା ସହ ଏମ୍‌ପି ଅଭିମନ୍ୟୁ ସେଠୀଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ। ଭାଜପାରେ ମିଶିବା ପାଇଁ ଏମାନେ ଏମ୍‌ପିଙ୍କୁ ଦରଖାସ୍ତ ଦେଇଥିବା ଚର୍ଚ୍ଚା ହେବା ପରେ ଜିଲା ରାଜନୀତି ଚଳଚଞ୍ଚଳ ହୋଇଥିଲା। ତେବେ ଆଜିର ଏହି ନାଟକୀୟ ମୋଡ଼ ଏଠାକାର ରାଜନୀତିକୁ ଆହୁରି ସରଗରମ କରିଛି।

# ମହିଳାଙ୍କ ଘରେ ପଶି ସୁନା ଓ ଟଙ୍କା ଲୁଟ, ଜାଳିଦେଲେ କାର୍

ବ୍ରହ୍ମପୁର,୨୯।୧୧ (ସୁବାସ ଚନ୍ଦ୍ର ପାଢ଼ୀ): ବଡ଼ବଜାର ଥାନା ଅନ୍ତର୍ଗତ ଶାନ୍ତିନଗରରେ ରହୁଥିବା ଜଣେ ମହିଳାଙ୍କ ଘରେ ପଶି ଦୁର୍ବୃତ୍ତମାନେ ଲୁଟ କରିବା ପରେ ଘର ବାହାରେ ଥିବା କାରକୁ ଜାଳି ଦେଇଛନ୍ତି। ଅଭିଯୋଗ ପରେ ପୋଲିସ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ବଡ଼ବଜାର ନିକଟ ଶାନ୍ତିନଗର ପ୍ରଥମ ଲାଇନରେ ଲିଜା ନାହାକ ଓ ତାଙ୍କ ପୁଅ ରହୁଛନ୍ତି । ଶୁକ୍ରବାର ସନ୍ଧ୍ୟାରେ ଲିଜା ନିଜ ଘରେ ଥିବାବେଳେ ଏକାଧିକ ଦୁର୍ବୃତ୍ତ ଘର ନିକଟକୁ ଆସି କଲିଂ ବେଲ୍ ବଜାଇଥିଲେ । ଲିଜା କବାଟ ଖୋଲିବା ପରେ ଦୁର୍ବୃତ୍ତମାନେ ତାଙ୍କୁ ମାରପିଟ କରିଥିଲେ । ଏହାପରେ ସେମାନେ ଘର ଭିତରେ ରଖା ଯାଇଥିବା ନଗଦ ୧୨ ହଜାର ଟଙ୍କା, ସୁନା ମୁଦି, ସୁନା କାନଫୁଲ ଓ ସୁନା ଚେନ ଲୁଟ କରି ନେଇଯାଇଥିଲେ । ତେବେ ଦୁର୍ବୃତ୍ତମାନେ ଗଲାବେଳେ ଘର ବାହାରେ ରଖାଯାଇଥିବା ତାଙ୍କ କାର ଉପରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଥିଲେ ବୋଲି ଲିଜା ନିଜ ଅଭିଯୋଗରେ ଦର୍ଶାଇଛନ୍ତି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି । ପୋଲିସ ବିଭିନ୍ନ ଦିଗରୁ ଘଟଣାର ତଦନ୍ତ ଜାରି ରଖିଥିବା କହିଛି ।

# ଦୁର୍ନୀତି ଅଭିଯୋଗ ଆଣିଲା ବିଜେଡି



ବିଜେଡି ପକ୍ଷରୁ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତା।

ଭଦ୍ରକ,୨୯।୧୧(ସନାତନ ରାଉତ)

କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରିଥିବା ନେଇ ନିଜ ଦଳ ସମର୍ଥିତ ବନ୍ତ ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ବ୍ଲକ ବିଜେଡି ଅଭିଯୋଗ ଆଣିଛି। କିଛିଦିନ ପୂର୍ବରୁ ଭାଜପାରେ ମିଶିବା ପାଇଁ ୪ ବ୍ଲକ ଅଧ୍ୟକ୍ଷ ଭାଜପା ରାଜ୍ୟ ସଭାପତିଙ୍କୁ ଦରଖାସ୍ତ ଦେଇଥିଲେ। ଏହାକୁ ନେଇ ବିଜେଡି ମଧ୍ୟରେ କମ୍ପନ ସୃଷ୍ଟି ହୋଇଥିବା ବେଳେ ଏବେ ତାହା ବିସ୍ଫୋରଣର ରୂପ ନେଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ନିଜ ନାମରେ ଭେଣ୍ଡର କୋଡ୍ ଖୋଲି ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଏହି ଟଙ୍କା ଆତ୍ମସାତ୍ କରିଥିବା ଭଣ୍ଡାରିପୋଖରୀ ବିଧାୟକଙ୍କ ଭଦ୍ରକ ଅପର୍ତ୍ତିବିନ୍ଧାସ୍ଥିତ ବାସଭବନରେ ଶନିବାର ଅପରାହ୍ନ ୧ଟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଜଣେ ନିର୍ବାଚିତ ପ୍ରତିନିଧି ଓ ବ୍ଲକ ଅଧ୍ୟକ୍ଷ ଭାବେ ନିଜ ନାମରେ ଭେଣ୍ଡର କୋଡ୍ ଖୋଲିବା ୧୯୮୭ ଓଡ଼ିଶା ପଞ୍ଚାୟତ ସମିତି ଆକ୍ଟର ଉଲ୍ଲଂଘନ ବୋଲି ରାଜ୍ୟ ଯୁବ ବିଜେଡି ସମ୍ପାଦକ ସ୍ମୃତିରଞ୍ଜନ ସ୍ୱାଇଁ ଅଭିଯୋଗ କରିଛନ୍ତି। ବ୍ଲକ ଅଧ୍ୟକ୍ଷଙ୍କ ଏହି ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରାଯିବା ପାଇଁ ସ୍ମୃତିରଞ୍ଜନ ଦାବି କରିଛନ୍ତି। ଏହି ଦୁର୍ନୀତି ସମ୍ପର୍କରେ ବିଜେଡି ସୁପ୍ରିମୋଙ୍କ ସହ ବିଧାୟକ ଓ ବ୍ଲକ ବିଜେଡି ସଭାପତିଙ୍କୁ ଅବଗତ କରାଯାଇଛି। ଏହି ଦୁର୍ନୀତି ଦଳକୁ ବଦ୍‌ନାମ କରିବା ସହ ବିଧାୟକଙ୍କ ଭାବମୂର୍ତ୍ତିକୁ କ୍ଷତି ପହଞ୍ଚାଇଛି। ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଦଳୀୟ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଥିଲେ। ସେହିପରି ଏହି ଦୁର୍ନୀତିର ତଦନ୍ତ କରି ତାଙ୍କ ଅଧ୍ୟକ୍ଷ ପଦ ରଦ୍ଦ କରାଯିବାକୁ ଦଳୀୟ ନେତୃବୃନ୍ଦ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବିଜେଡି ଜିଲା ଉପସଭାପତି ପ୍ରଶାନ୍ତ ଦାସ, ବନ୍ତ ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ବ୍ଲକ ଯୁବ ସଭାପତି ସତ୍ୟସାଧନ ବେଜ, ସରପଞ୍ଚ ଗଜେନ୍ଦ୍ର ସେଠୀ, ଧୀରେନ୍ଦ୍ର ଖିଲାର, ଚିତ୍ତରଞ୍ଜନ ଦାସ, ଭବେନ୍ଦ୍ର ସାହୁ, ଅକ୍ଷୟ ଦାସ, ରାଜୀବ ଲୋଚନ ଜେନା, ଦୀପକ ମହାନ୍ତି, ବନମାଳୀ ବେହେରାଙ୍କ ସମେତ ବିଭିନ୍ନ ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ଅପରପକ୍ଷେ ଅଧ୍ୟକ୍ଷ ଘଡ଼େଇ କହିଛନ୍ତି, ସେ ବ୍ଲକ ଅଧ୍ୟକ୍ଷ ହେବା ପୂର୍ବରୁ ତାଙ୍କ ବ୍ୟବସାୟ ପାଇଁ ସେ ୨୦୦୯ରେ ଭେଣ୍ଡର କୋଡ୍ ଖୋଲିଥିଲେ। ଏବେ ତାଙ୍କ ସହ ଜଣେ ଆସିଷ୍ଟାଣ୍ଟ ଇଞ୍ଜିନିୟର ଓ ଜେଇଙ୍କ ମିଳିତ ଆକାଉଣ୍ଟରେ ଭେଣ୍ଡର କୋଡ୍ ଖୋଲାଯାଇଛି। ଏଥିରେ କୌଣସି ଦୁର୍ନୀତି ହୋଇନାହିଁ। ରାଜନୈତିକ ଆକ୍ରୋଶରୁ ଏପରି ଅଭିଯୋଗ କରାଯାଇଛି। ଏହାର ତଦନ୍ତ କରାଗଲେ ସତ୍ୟ ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି।

# ୨୭ବର୍ଷର ପୁରୁଣା ଫାଇଲ୍, ରେକର୍ଡପତ୍ର ଗାଏବ

## ଜିଲା ନିର୍ବାଚନ କାର୍ଯ୍ୟାଳୟ ଷ୍ଟୋର୍ ରୁମ୍‌ରୁ ଚୋରି

ବାଲେଶ୍ୱର, ୨୯।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଅସୁରକ୍ଷିତ ହୋଇପଡ଼ିଛି। ସିକ୍ୟୁରିଟି ଗାର୍ଡ ଓ ସିସିଟିଭି ଲାଗିଥିବା ବେଳେ ଜିଲା ନିର୍ବାଚନ କାର୍ଯ୍ୟାଳୟ ଷ୍ଟୋର୍ ରୁମ୍‌ରୁ ୨୭ବର୍ଷର ପୁରୁଣା ଫାଇଲ୍ ଓ ରେକର୍ଡପତ୍ର ଗାଏବ ସହ ବିଭିନ୍ନ ସାମଗ୍ରୀ ଚୋରି ହେବା ପ୍ରଶାସନ ଓ ପୋଲିସର ପାରିବାପଣିଆ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହୋଇଛି। ଏହା ବିଭାଗୀୟ ଅଧିକାରୀଙ୍କ ସଲାସୁତରାରେ ଗାଏବ କରାଯାଇଛି ନା ପ୍ରକୃତରେ ଚୋରି ହୋଇ ତାହା ତଦନ୍ତସାପେକ୍ଷ। ବାଲେଶ୍ୱର ଜିଲା ନିର୍ବାଚନ କାର୍ଯ୍ୟାଳୟ ଷ୍ଟୋର୍ ରୁମ୍‌ରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଡେପୁଟି କଲେକ୍ଟର (ନିର୍ବାଚନ) ସହଦେବଖୁଣ୍ଟା ଥାନାରେ ଶନିବାର ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ. ୪୪୬/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଦୀର୍ଘବର୍ଷ ଧରି ଏହି ଷ୍ଟୋର୍ ରୁମ୍‌ରେ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ରେକର୍ଡ ପତ୍ର ଓ ସାମଗ୍ରୀ ରହିଥିଲା। ୧୯୯୫ରୁ ୨୦୨୧ ମସିହା ପର୍ଯ୍ୟନ୍ତ ପୁରୁଣା ଫାଇଲ୍ ଓ ରେକର୍ଡପତ୍ର ସହ ଇ-ରୋଲ୍ ସିଡି, କମ୍ପ୍ୟୁଟର, ପ୍ରିଣ୍ଟର, ଲ୍ୟାଣ୍ଡ ଫୋନ୍, ଟାଇପ୍ ରାଇଟର, ଲଣ୍ଠନ ଆଦି ସାମଗ୍ରୀ ଚୋରି ହୋଇଥିବା ଏତଲାରେ ଦର୍ଶାଯାଇଛି। ତେବେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏହି ଷ୍ଟୋର ରୁମ୍‌ରୁ କିଭଳି ଚୋରି ହେଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲାର ସମସ୍ତ ନିର୍ବାଚନମଣ୍ଡଳୀର ନିର୍ବାଚନ ସମ୍ବନ୍ଧୀୟ ରେକର୍ଡପତ୍ର ଏଠାରେ ରହୁଥିବା ବେଳେ ଅକସ୍ମାତ୍ ଏସବୁ କିଏ ଗାଏବ କଲା ତାହା ତଦନ୍ତସାପେକ୍ଷ। ଅଭିଯୋଗ କ୍ରମେ ଆଇଆଇସି ବିଜୟ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।





Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ଶତପଥୀ

ଧରିତ୍ରୀ
DHARITRI
୫୨ Years
ପୃଷ୍ଠା–୮+୮
ଭୁବନେଶ୍ୱର, ରବିବାର, ନଭେମ୍ବର ୩୦/୨୦୨୫ (୮+୮=୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, November 30/2025 Page 16 ₹ 7.00 | DHENKANAL
୫୨ଶ ଭାଗ ୭ ସଂଖ୍ୟା www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada VOLUME 52 ISSUE 7 ମୂଲ୍ୟ ₹୭/-

# ରାଶନ କାର୍ଡରୁ ନାଁ ବାଦ୍: ବିରୋଧୀଙ୍କ ହଙ୍ଗାମା

ରାଜ୍ୟରେ ଯେଉଁ କେତେକ ପ୍ରସଙ୍ଗ ଉପରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଜାରି ରହିଛି ସେଥିମଧ୍ୟରେ ରାଶନ କାର୍ଡ ଅନ୍ୟତମ। ରାଶନ କାର୍ଡ ହିତାଧିକାରୀଙ୍କ ପାଇଁ ଅନେକ ସରକାରୀ ସୁବିଧା ସୁଯୋଗ ରହିଥିବାରୁ ଏହାକୁ ନେଇ ରାଜନୀତି ଚାଲିଆସିଛି। ଏହାସହ ଏଥିରେ ମୃତ ହିତାଧିକାରୀଙ୍କ ନାଁରେ ସାମଗ୍ରୀ ଓ ଅର୍ଥ ହଡ଼ପ ଭଳି ଅନେକ ଅନିୟମିତତା ହୋଇଆସୁଥିବାବେଳେ ଯୋଗ୍ୟଙ୍କୁ ବାଦ୍ ଦେଇ ଅଯୋଗ୍ୟଙ୍କୁ ରାଶନ କାର୍ଡ ମିଳିଥିବା ଅଭିଯୋଗ ମଧ୍ୟ ବେଶ୍ ପୁରୁଣା। ଏଭଳିସ୍ଥଳେ ଶାସକ ଦଳକୁ ସୁହାଇଲା ଭଳି ହିତାଧିକାରୀ ଚୟନ ହେଉଥିବା ବିରୋଧୀ ଦଳ ଅର୍ଥାତ୍ ୨୦୨୪ ପୂର୍ବରୁ ଭାଜପା, କଂଗ୍ରେସ ଏବଂ ଏବେ ବିଜେଡି, କଂଗ୍ରେସ ଅଭିଯୋଗ କରୁଛନ୍ତି। ସମ୍ପ୍ରତି ସରକାର ରାଶନ କାର୍ଡ ହିତାଧିକାରୀ ତାଲିକାରୁ ଅଯୋଗ୍ୟଙ୍କ ନାଁ କାଟିବା ଏବଂ ନୂଆ ଯୋଗ୍ୟ ହିତାଧିକାରୀଙ୍କ ନାଁ ଯୋଡ଼ିବାକୁ ଉଦ୍ୟମ ଚଳାଇଥିବାବେଳେ ପୁଣି ଜୋର ଧରିଛି ରାଜନୀତି। ଏହାକୁ ନେଇ ଶନିବାର ବିଧାନସଭାରେ ବିରୋଧୀଙ୍କ ପକ୍ଷରୁ ମୁଲତବୀ ଆଲୋଚନା ହୋଇଥିବାବେଳେ ବିରୋଧୀ ଏବଂ ଶାସକ ଦଳ ସଦସ୍ୟମାନେ ପରସ୍ପରର ଦୋଷଦୁର୍ବଳତା ବଖାଣିଛନ୍ତି।

ଭୁବନେଶ୍ୱର,୨୯।୧୧(ସୁନିତ୍ ମିଶ୍ର)

ବିଧାନସଭାରେ ଶନିବାର ରାଶନକାର୍ଡ ତାଲିକାରୁ ନାମ ବାଦ୍ ପ୍ରସଙ୍ଗରେ ବିରୋଧୀ ସରକାରଙ୍କୁ ଘେରିଛନ୍ତି। ଇ-କେୱାଇସି ନେଇ ଯେଉଁ ତଥ୍ୟ ମନ୍ତ୍ରୀ ଦେଉଛନ୍ତି ତାହା ସି-ଗ୍ରେଡ୍‌ରେ ଯିବ, ଯାହା ଗ୍ରହଣଯୋଗ୍ୟ ନୁହେଁ। ମହଙ୍ଗା ଦର ଆକାଶଛୁଆଁ ହେଲାଣି ତଥାପି ରାଜ୍ୟର ସରକାର 'ଚାଙ୍ଗାସୀ'(ସବୁ ଠିକ୍)। ଯିଏ ଏବେ ସରକାରଙ୍କୁ ପ୍ରଶ୍ନ କରିବ ସେ ଦେଶଦ୍ରୋହୀ ହୋଇଯିବ। ଏବେ ରାଜ୍ୟରୁ ରାଶନକାର୍ଡ ହିତାଧିକାରୀଙ୍କ ସଂଖ୍ୟା କମ୍ କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ପାଲଟିଛି। ସାରା ଦେଶରେ ବିଭିନ୍ନ ଯୋଜନାରୁ ୨ କୋଟି ହିତାଧିକାରୀଙ୍କୁ ନାନା ପ୍ରକାର କାରଣ ଦର୍ଶାଇ ବାଦ୍ ଦିଆସରିଲାଣି। ରାଜ୍ୟରୁ ବହୁ ଯୋଗ୍ୟ ରାଶନକାର୍ଡ ହିତାଧିକାରୀ କଟିସାରନ୍ତେଣି। ହେଲେ ନୂଆପଡା ଉପନିର୍ବାଚନ ଲାଗି ଆସନ୍ତା ଡିସେମ୍ବର ୩୧ ପର୍ଯ୍ୟନ୍ତ ଏହି ସମୟ ଗଡ଼ାଯାଇଛି। ବିଭିନ୍ନ ଜିଲାରୁ ଏବେ ରାଶନକାର୍ଡ ରଖିଥିବା ହିତାଧିକାରୀଙ୍କ ସଂଖ୍ୟା କମାଇବା ପାଇଁ ଏହା ଭିତରେ ରାଜ୍ୟ ସରକାର ସବୁ ଜିଲାପାଳଙ୍କୁ ୨ ଥର ଚିଠି ଦେଲେଣି। ଜିଲାପାଳମାନେ ପଞ୍ଚାୟତ ଅଧିକାରୀଙ୍କୁ ଚିଠି ଲେଖି ଯେତେ ଅଧିକ ହିତାଧିକାରୀଙ୍କୁ କଟାଯାଇପାରିବ ସେଦିଗରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବିରୋଧୀ ଦଳ ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।



## ମୁଲତବୀ ଆଲୋଚନା

### ଯେତେ ଅଧିକ ହିତାଧିକାରୀଙ୍କୁ କାଟିପାରିବ ବୋଲି ଜିଲାପାଳଙ୍କୁ ନିର୍ଦ୍ଦେଶ: ରଣେନ୍ଦ୍ର

ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏବଂ ଅନ୍ୟ ସଦସ୍ୟମାନେ ଶନିବାର ଗୃହରେ 'ଇ-କେୱାଇସି ପରେ ଏବେ ସର୍ଭେ ଆଳରେ ଲୋକଙ୍କ ରାଶନ କାର୍ଡ ସରକାର କାଟୁଛନ୍ତି, ଲୋକେ ହନ୍ତସନ୍ତ' ମୁଲତବୀ ପ୍ରସ୍ତାବ ଆଗତ କରିଥିଲେ। ଏହା ଉପରେ ଆଲୋଚନାରେ ପ୍ରଥମେ ଭାଗନେଇ ରଣେନ୍ଦ୍ର କହିଛନ୍ତି, ଜିଲାପାଳ ପଞ୍ଚାୟତ ଅଧିକାରୀମାନଙ୍କୁ ଯେଉଁ କେତୋଟି ପଏଣ୍ଟରେ ହିତାଧିକାରୀ ☞ପୃଷ୍ଠା–୩

## ଅଯୋଗ୍ୟ କଟିବାରୁ ୨୧୦ କୋଟି ବଞ୍ଚିଛି: ମନ୍ତ୍ରୀ

ଭୁବନେଶ୍ୱର,୨୯।୧୧(ସୁନିତ୍ ମିଶ୍ର)

- ୮ ଲକ୍ଷ ୧୬ ହଜାର ୦୫୬ ଅଯୋଗ୍ୟ କଟିଛନ୍ତି
- ୬ ଲକ୍ଷ ୩୯ ହଜାର ୮୨୭ ନୂଆ କାର୍ଡ ଦିଆଯାଇଛି
- ସେପ୍ଟେମ୍ବର, ଅକ୍ଟୋବର, ନଭେମ୍ବରରେ ମାଗଣା ୫ କେଜି ଚାଉଳ ଦିଆଯାଇଛି
- ରାଜ୍ୟରେ ୧୫ ଲକ୍ଷ ନୂଆ ହିତାଧିକାରୀଙ୍କୁ ଯୋଡ଼ିବାକୁ ନିର୍ଦ୍ଦେଶ

ମୁଲତବୀ ପ୍ରସ୍ତାବରେ ବିରୋଧୀ ଆଣିଥିବା ଅଭିଯୋଗକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଖଣ୍ଡନ କରିଛନ୍ତି। ସେ ଏହାର ଜବାବରେ କହିଛନ୍ତି, ଇ-କେୱାଇସି ସର୍ଭେ ଆଳରେ ଗତ ଜୁନ୍‌ଠାରୁ ଜଣେ ହେଲେ ଯୋଗ୍ୟ ବ୍ୟକ୍ତିଙ୍କ ରାଶନକାର୍ଡ କଟାଯାଇନାହିଁ। ଗତ ଜୁନ୍‌ରୁ ଅଦ୍ୟାବଧି ଏନ୍‌ଏଫ୍‌ଏସ୍(ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା) ୨୦୧୩ ଆଇନ ଅନୁଯାୟୀ ୯୯ ଲକ୍ଷ ୫୨ ହଜାର ୧୫୩ ପରିବାରର ୩ କୋଟି ୨୭ ଲକ୍ଷ ୮୭ ହଜାର ୨୬୩ ଜଣଙ୍କୁ ଚାଉଳ ବଣ୍ଟନ କରାଯାଉଛି। ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କିଛି ନୂଆ କଥା ନୁହେଁ। ୨୦୧୫ରୁ ୨୦୨୪ ମଧ୍ୟରେ ଏହି ପ୍ରକ୍ରିୟା ଗତ ସରକାର କରିଥିଲେ। ସେଥିରେ ୧୦ ଲକ୍ଷରୁ ଅଧିକ ପରିବାରର ୩୦ ଲକ୍ଷ ହିତାଧିକାରୀଙ୍କ କାର୍ଡ କଟାଯାଇଥିଲା। କେବଳ ସେତିକି ନୁହେଁ, ଲୋକଙ୍କୁ ଅକଥନୀୟ ଅତ୍ୟାଚାର କରାଯିବା ସହ ମହିଳାଙ୍କୁ ମଧ୍ୟ ଛଡ଼ାଯାଇ ନ ଥିଲା, ଜେଲରେ ପୂରାଯାଇଥିଲା। ଏହାସହ ଲୋକଙ୍କୁ ଅର୍ଥଦଣ୍ଡ ମଧ୍ୟ ଦେଇ ଭୟର ବାତାବରଣ ସୃଷ୍ଟି କରାଯାଇଥିଲା। ୬ ଲକ୍ଷ ୯୫ ହଜାର ୫୩୦ ମୃତ ହିତାଧିକାରୀ ଚିହ୍ନଟ କରାଯାଇ ସେମାନଙ୍କ କାର୍ଡ କଟାଯାଇଛି, ଯେଉଁମାନଙ୍କୁ ଭୂତ ହିତାଧିକାରୀ କୁହାଯାଉଛି। ୭୫,୦୩୦ ସରକାରୀ ଚାକିରିଆ କାର୍ଡ ହାତେଇଥିଲେ, ସେମାନଙ୍କ କାର୍ଡ କଟାଯାଇଛି। ଇନ୍‌କମ୍ ଟ୍ୟାକ୍ସ ଦେଉଥିବା ୪୫ ହଜାର ୪୯୬ ଜଣଙ୍କ କାର୍ଡ କଟାଯାଇଛି। ଏହିପରି ମୋଟ୍ ୮ ଲକ୍ଷ ୧୬ ହଜାର ୦୫୬ ଜଣଙ୍କ ରାଶନ କାର୍ଡ କଟାଯାଇଛି। ଏହାଦ୍ୱାରା ☞ପୃଷ୍ଠା–୩









## ଦେଶୀ ବନ୍ଧୁକ ଜବତ, ଜଣେ ଗିରଫ

**ବଇଣ୍ଡା, (ପରିକ୍ଷିତ ସାହୁ):** ଆଠମଲ୍ଲିକ ପୋଲିସ ଟାଙ୍ଗିଆନିଶା ଅଞ୍ଚଳରେ ଶିକାର ପାଇଁ ବନ୍ଧୁକ ଧରି ବୁଲୁଥିବା ସଲେଇଡିପ ଗ୍ରାମର ସୁବ୍ରତ ବାରିକଙ୍କୁ ଶନିବାର ଗିରଫ କରିଛି। ତାଙ୍କ ନିକଟରୁ ଦେଶୀ ବନ୍ଧୁକ ଜବତ କରାଯାଇଛି। ଏ ନେଇ ଥାନାରେ ନଂ. ୩୩୪/୨୫ରେ ଏକ ମାମଲା ରୁଜୁ କରାଯାଇଛି ବୋଲି ଆଇଆଇସି ପ୍ରକାଶ ମାଝୀ ସୂଚନା ଦେଇଛନ୍ତି।

## ୨ ବାଲି ବୋଝେଇ ଟ୍ରକ୍ ଜବତ, ୨ ଗିରଫ

**ସନ୍ତ୍ରିଛକ,୨୯।୧୧ (ସନ୍ତୋଷ ପରିଡ଼ା)**

ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ଜିଏମ୍ଆର୍ ରୋଡ୍‌ରେ ପୋଲିସ ଚଢ଼ାଉ କରି ଗୋଟିଏ ବାଲି ବୋଝେଇ ଟ୍ରକ୍ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ସେହିପରି ୫୫ନଂ. ଜାତୀୟ ରାଜପଥର ଇଟପା ପାଖରେ ଚଢ଼ାଉ କରି ଆଉ ଗୋଟିଏ ହାଇୱା ଜବତ ସହ ଚାଳକଙ୍କୁ ଗିରଫ କରିଛି। ଗିରଫ ଚାଳକ ଦ୍ୱୟ ହେଲେ ଲମ୍ବୋଦର ନାୟକ ଓ ବସନ୍ତ କୁମାର ସାହୁ। ଏ ସଂକ୍ରାନ୍ତରେ ଥାନାରେ ନଂ. ୧୯୪/୨୫ ଓ ୧୯୫/୨୫ରେ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଥିବା କଣ୍ଟାବଣିଆ ଏସ୍ଆଇ ତସର୍ ଅଲି ଖାଁ ପ୍ରକାଶ କରିଛନ୍ତି।

## ବ୍ରାଉନସୁଗାର ଜବତ, ଜଣେ ଗିରଫ

**ଅନୁଗୋଳ,୨୯।୧୧ (ଜ୍ୟୋତିରଞ୍ଜନ ସାହୁ)**



ଅନୁଗୋଳ ପ୍ରଗତିନଗରସ୍ଥିତ ପଶ୍ଚିମେଶ୍ୱର ଶିବମନ୍ଦିର ନିକଟରେ ଶନିବାର ଅବକାରୀ ବିଭାଗର ଏକ ଟିମ୍ ଚଢ଼ାଉ କରି ୨୩ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏଥିସହ କୁମଣ୍ଡ ଅଞ୍ଚଳର କ୍ରିଷ୍ଣା ଗୋଚ୍ଛାୟତଙ୍କୁ ଗିରଫ କରାଯାଇଛି। ଏ ନେଇ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଶିକ୍ଷାର ଉନ୍ନତି ଦିଗରେ କାର୍ଯ୍ୟ କରନ୍ତୁ ଶିକ୍ଷକ



ପଞ୍ଚ ଦିବସୀୟ ଆବାସିକ ପ୍ରଧାନ ଶିକ୍ଷକ ସମ୍ମିଳନୀ ଅବସରରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ଅନୁଗୋଳ,୨୯।୧୧(ମାନସ ବିଶ୍ୱାଳ)**

### ଜିଲାସ୍ତରୀୟ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମ୍ମିଳନୀ

ଅନୁଗୋଳ ସହରସ୍ଥିତ ନବକୃଷ୍ଣ ଚୌଧୁରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟଠାରେ ପଞ୍ଚ ଦିବସୀୟ ଆବାସିକ ପ୍ରଧାନ ଶିକ୍ଷକ ସମ୍ମିଳନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ଅବଦଲ ମୁହମ୍ମଦ ଅଖତାର, ମୁଖ୍ୟବକ୍ତା ଭାବେ ନବକୃଷ୍ଣ ଚୌଧୁରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ ଅଧ୍ୟକ୍ଷା ଦ୍ରୌପଦୀ ପଟେଲ, ସମ୍ମାନିତ ଅତିଥି ଭାବେ ଅନୁଗୋଳ ଏସ୍‌ପି ରାହୁଲ ଜୈନ, କାର୍ଯ୍ୟକାରୀ ଉପସଭାପତି ପ୍ରସନ୍ନ କୁମାର ପଣ୍ଡା ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକ ଏବଂ ସଭାପତି ଭାବେ ଅନୁଗୋଳ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ମୁଖ୍ୟବକ୍ତା ପଟେଲ କହିଥିଲେ, ପ୍ରଧାନ ଶିକ୍ଷକ ବିଦ୍ୟାଳୟର ମାର୍ଗଦର୍ଶୀ। ଶିକ୍ଷା, ଶୃଙ୍ଖଳା ଓ ଉନ୍ନତିର ସେନାଧ୍ୟକ୍ଷ। ତାଙ୍କ ନେତୃତ୍ୱରେ ଦେଶର ଭବିଷ୍ୟତ ଆକାର ପାଇଥାଏ। ସମ୍ମାନିତ ଅତିଥି ଜୈନ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ସାଇବର ଅପରାଧ ସମ୍ପର୍କରେ ନିଜେ ସଚେତନ ରହିବା ସହ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ଦେବାର ବ୍ୟବସ୍ଥା କରନ୍ତୁ ବୋଲି କହିଥିଲେ। ମୁଖ୍ୟ ଅତିଥି ଜିଲାପାଳ ଅଖତାର କହିଥିଲେ, ଶିକ୍ଷୟିତ୍ରୀ ଶିକ୍ଷକମାନେ ଶିକ୍ଷଣ ପ୍ରକ୍ରିୟା, ଛାତ୍ରୀଛାତ୍ରଙ୍କ ଶିକ୍ଷଣ ଫଳାଫଳର ସମୀକ୍ଷା, ଆଧୁନିକ ସୂଚନା ପ୍ରଯୁକ୍ତି ବିଦ୍ୟାର ବ୍ୟବହାର କରି ଶିକ୍ଷାର ଉନ୍ନତି ଦିଗରେ କାର୍ଯ୍ୟ କରନ୍ତୁ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଜିଲାରୁ ମୋଟ ୨୪୯ ଜଣ ପ୍ରଧାନଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

## ଟ୍ରକ୍ ଧକ୍କାରେ ଅଧ୍ୟାପକ ଗୁରୁତର, ଉତ୍ତେଜନା

**ପାଲଲହଡ଼ା,୨୯।୧୧ (ଦିବ୍ୟଜ୍ୟୋତି ଦାଶ)**

ଅନୁଗୋଳ ଜିଲା ପାଲଲହଡ଼ା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ମାଲ୍ୟଗିରି ମହାବିଦ୍ୟାଳୟ ଛକଠାରେ ଶନିବାର ଅପରାହ୍ନ ୨ଟା ୫୦ରେ ଏକ କଣ୍ଟେନର ଧକ୍କାରେ ପ୍ରାଣୀ ବିଜ୍ଞାନ ଅଧ୍ୟାପକ ଭାସ୍କର ଚନ୍ଦ୍ର ସାହୁ ଗୁରୁତର ହୋଇଛନ୍ତି। କଣ୍ଟେନର ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଥିବାରୁ ଦୁର୍ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ସୂଚନା ଅନୁଯାୟୀ, ଅଧ୍ୟାପକ ସାହୁ ମହାବିଦ୍ୟାଳୟରୁ ବାଇକ୍‌ରେ ବାହାରି ମୁଖ୍ୟ ରାସ୍ତାକୁ ଆସୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ମାଲବାହୀ କଣ୍ଟେନର (ଏନ୍‌ଏଲ୍ ୦୧ ଏସି- ୮୭୪୬) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସାହୁଙ୍କ ୨ଟି ଗୋଡ଼ ଭାଙ୍ଗିଯିବାରୁ ସେ ଗୁରୁତର ହୋଇଥିଲେ। କଲେଜ ସମ୍ମୁଖ ଜାତୀୟ ରାଜପଥ ବିପଦପୂର୍ଣ୍ଣ ହୋଇଥିବାରୁ ଏଠାରେ ହମ୍ପସ୍ ନିର୍ମାଣ କରିବାକୁ ଛାତ୍ରୀଛାତ୍ରମାନେ ଦାବି କରିଥିଲେ। ଘଟଣାସ୍ଥଳରେ ପାଲଲହଡ଼ା ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ପାଲଲହଡ଼ା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଅଧ୍ୟାପକ ସାହୁଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ଆମ୍ବୁଲାନ୍ସ ଯୋଗେ ପଠାଯାଇଛି।

## ଶୋଭାଗିନୀ ଦେବୀଙ୍କୁ ଓଡ଼ିଶା ରତ୍ନ ସମ୍ମାନ



ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ଶୋଭାଗିନୀ ଦେବୀଙ୍କୁ ସମ୍ମାନିତ କରାଯାଉଛି।

**ତାଳଚେର,୨୯।୧୧ (ମନୋଜ ନନ୍ଦ)**

ଓଡ଼ିଶା କଲଚର ଆର୍ଟ ଏକାଡେମୀ ପକ୍ଷରୁ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଆୟୋଜିତ ଶରତ ମହୋତ୍ସବ ଅବସରରେ ତାଳଚେରର ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ଏବଂ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଶୋଭାଗିନୀ ଦେବୀଙ୍କୁ ଓଡ଼ିଶା ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସଂସ୍କୃତି ବିଭାଗର ପୂର୍ବତନ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଅନ୍ୟତମ ଅତିଥି ଭାବେ ତ୍ରିଲୋଚନ ବରାଳ, ସମାଜସେବୀ ତଥା ଶିକ୍ଷାବିତ୍ ଶଶଧର ପଣ୍ଡା, ଜାତୀୟ ପୁରସ୍କାରପ୍ରାପ୍ତ ତଥା ପ୍ରତିଷ୍ଠାତା ବସନ୍ତ କୁମାର ଦାସ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଅଭିଜିତ ସିଂ ପ୍ରମୁଖ ଯୋଗଦେଇ ସୁଶ୍ରୀ ଦେବୀଙ୍କୁ ସମ୍ମାନିତ କରିଥିଲେ। ସୁଶ୍ରୀ ଦେବୀ ନିଜ ଜୀବନକୁ ଶିକ୍ଷା, ସାହିତ୍ୟ, ସଂସ୍କୃତି ପାଇଁ ସଂଗ୍ରାମୀ ଜୀବନ ଭାବେ ବିତାଇଛନ୍ତି ଏବଂ ମାତୃଭୂମି ପାଇଁ ସେବା ଓ ଅବଦାନ ସ୍ୱରୂପ ଉତ୍ସର୍ଗ କରିଛନ୍ତି। ଜୀବନକାଳ ମଧ୍ୟରେ ୩ଟି ପୁସ୍ତକ ପ୍ରକାଶ କରିଛନ୍ତି। ତାଳଚେରରେ ପ୍ରଥମ କରି ମହିଳା ମହାବିଦ୍ୟାଳୟ, ସୈନିକ ସ୍କୁଲ ସ୍ଥାପନ କରିଛନ୍ତି। ଓଡ଼ିଶାର ବାଙ୍କୀ ରାଣୀ ଶୁକଦେଈଙ୍କ ନାମରେ ମହିଳା ପାଇକ ଯୋଦ୍ଧା ବାହିନୀ ଗଠନ କରି ନାରୀ ଶକ୍ତିର ପରାକାଷ୍ଠା ଦେଖାଇଛନ୍ତି।

## ଅଗ୍ନିଶମ କର୍ମଚାରୀଙ୍କୁ ଅବସର ସମ୍ବର୍ଦ୍ଧନା

**ସନ୍ତ୍ରିଛକ,୨୯।୧୧ (ସନ୍ତୋଷ ପରିଡ଼ା)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ବୁଢ଼ାପଙ୍କ ଦମକଳ କେନ୍ଦ୍ରର କର୍ମଚାରୀ କରୁଣାକର ସାମଲଙ୍କୁ ଅବସର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ଯୋଗଦେଇ ସାମଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାମଲ ବଅଁରପାଳ ଅଞ୍ଚଳରେ ଜଣେ ଦକ୍ଷ ଅଫିସର ଭାବେ ପରିଚିତ ଥିଲେ। କୋଭିଡ୍ ସମୟରେ ବିଭିନ୍ନ ପ୍ରକାର ସଚେତନ ଓ ସାହସିକତାର କାର୍ଯ୍ୟକରି ସରକାରଙ୍କ ଠାରୁ ଅନେକଥର ପୁରସ୍କୃତ ହୋଇଥିଲେ। ବଅଁରପାଳ ଏକ ଦୁର୍ଘଟଣାପ୍ରବଣ ଅଞ୍ଚଳ ହୋଇଥିବାରୁ ଯେ କୌଣସି ସମୟରେ ଦୁର୍ଘଟଣା ହେଲେ ସେ ତତ୍‌କ୍ଷଣାତ ପହଞ୍ଚି ସେବା ଯୋଗାଇବାରେ ଆତ୍ମସନ୍ତୋଷ ପାଆନ୍ତି ବୋଲି ସାମଲ କହିଥିଲେ। ଏଥିସହ ସେ ଜଣେ ବୃକ୍ଷ ପ୍ରେମୀ ହୋଇଥିବାରୁ ବିଭିନ୍ନ ଜାଗାରେ ଫଳ, ଫୁଲଗଛ ଲଗାଇ ଅଞ୍ଚଳରେ ଉଦାହରଣ ସୃଷ୍ଟି କରିଛନ୍ତି।



ଅବସରପ୍ରାପ୍ତ ଅଗ୍ନିଶମ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

## ଦିଲୀପଙ୍କୁ ମିଳିଲା ଜାତୀୟ ଗୋପାଳରତ୍ନ ପୁରସ୍କାର

**ଛେଣ୍ଡିପଦା,୨୯।୧୧ (ଅଜିତ ଧଳ)**

କେନ୍ଦ୍ର ସରକାରଙ୍କ ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ଗୋପାଳରତ୍ନ ପୁରସ୍କାର ଗତ ୨୬ ତାରିଖରେ ପ୍ରଦାନ କରାଯାଇଛି। ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଟାଙ୍ଗିରି ଗ୍ରାମର ଦିଲୀପ ପ୍ରଧାନ ଏକମାତ୍ର ଓଡ଼ିଆ ଭାବେ ଏହି ଜାତୀୟ ପୁରସ୍କାର ପାଇଛନ୍ତି। ପୁରସ୍କାର ସହ ଦିଲୀପ ଛେଣ୍ଡିପଦାରେ ପହଞ୍ଚିବା ପରେ ଶନିବାର ଅଞ୍ଚଳବାସୀ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଦିଲୀପ ଗତ ୧୪ ବର୍ଷ ଧରି ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ଏନ୍‌ଜିଓ ବାଏଫ୍‌ରେ ଗାଈଙ୍କ କୃତ୍ରିମ ପ୍ରଜନନ ଟେକ୍ନିସିଆନ ଭାବେ କାମ କରୁଛନ୍ତି। ଏଥିସହ ପାତ୍ରପଡ଼ା ଗୋ ବିକାଶ କେନ୍ଦ୍ରର କାର୍ଯ୍ୟରତ ଅଛନ୍ତି। ସେ ସ୍ଥାନୀୟ ୧୮ଟି ଗାଁରେ ଗାଈଙ୍କ କୃତ୍ରିମ ପ୍ରଜନନ, ଗର୍ଭ ପରୀକ୍ଷା, ବାଛୁରି ପାଳନ, ଛେଳି କୃତ୍ରିମ ପ୍ରଜନନ କାର୍ଯ୍ୟ କରୁଛନ୍ତି। ଗତ ୩ ବର୍ଷ ମଧ୍ୟରେ ଦିଲୀପଙ୍କ ଆକ୍ଳାନ୍ତ ପରିଶ୍ରମ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଗୋ ସଂଖ୍ୟା ବୃଦ୍ଧି ହୋଇପାରିଛି। ଏହି ପୁରସ୍କାର ପାଇଁ ଦିଲୀପ ଟାଙ୍ଗିରି ଗ୍ରାମବାସୀ, ଅନୁଗୋଳ ପ୍ରାଣୀଧନ ଚିକିତ୍ସା ଅଧିକାରୀ, ଛେଣ୍ଡିପଦା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଏବଂ ବାଏଫ୍‌ର ଜିଲା କ୍ଷେତ୍ର ଅଧିକାରୀଙ୍କ ସହଯୋଗକୁ ଶ୍ରେୟ ଦେଇଛନ୍ତି। ପୁରସ୍କାର ପାଇବା ପରେ ଦିଲୀପଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସରପଞ୍ଚ ଅମରେଶ ନାଥ ଶୁଭେଚ୍ଛା ଜଣାଇଛନ୍ତି। ଟାଙ୍ଗିରି ପଞ୍ଚାୟତ କାର୍ଯ୍ୟାଳୟଠାରେ ସରପଞ୍ଚ ଦିଲୀପଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ସମ୍ବର୍ଦ୍ଧନା ସଭାରେ ସମିତି ସଭ୍ୟ ମହେଶ୍ୱର ପ୍ରଧାନ, ଦୟାନିଧି ବେହେରା, ରାକେଶ କୁମାର ନାଥ, ପପୁନ ସାହୁ, ବିପିନ ନାଥଙ୍କ ସମେତ ଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ।



ଦିଲୀପଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

## ତହସିଲଦାରଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ

**ବଅଁରପାଳ,୨୯।୧୧ (ସୁବାସ ସାହୁ)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଗୋତମରା ପଞ୍ଚାୟତ ଅନ୍ତର୍ଗତ ମେଡିକାଲ କଲୋନି ମଧ୍ୟରେ ଥିବା ଜବରଦଖଲକୁ ଶନିବାର ଉଚ୍ଛେଦ କରାଯାଇଛି। ସୂଚନା ମୁତାବକ, ମେଡିକାଲ କଲୋନୀ ମଧ୍ୟରେ ପୂର୍ବରୁ ଏକ ବିଦ୍ୟୁତ୍ ଟାୱାର ଥିଲା, ଯାହାକି ପରବର୍ତ୍ତୀ ସମୟରେ ଉଠି ଯାଇଥିଲା। ଉକ୍ତ ଜାଗା ସହ କିଛି ଗୋଚର ଜମିକୁ ସ୍ଥାନୀୟ ଅଞ୍ଚଳର ଜଣେ ବାସିନ୍ଦା ନିଜ ଜମି ବୋଲି ଦାବିକରି ପାଚେରି କରିଥିଲେ। ଏ ବିଷୟରେ କଲୋନୀ ବାସିନ୍ଦା ତହସିଲଦାରଙ୍କ ପାଖରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ତହସିଲଦାର ସୁଶାନ୍ତ କୁମାର ମିଶ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଜବରଦଖଲକାରୀଙ୍କୁ ତୁରନ୍ତ ପାଚେରି ନିର୍ମାଣ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ।



ମେଡିକାଲ କଲୋନି ମଧ୍ୟରେ ଥିବା ଜବରଦଖଲ ଉଚ୍ଛେଦ କରାଯାଉଛି।

## ୨୫୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ବଇଣ୍ଡା, ୨୯।୧୧ (ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ରୟାଲ କ୍ଲବ ଅନୁଗୋଳ ଆନୁକୂଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ସିଡିଏମ୍‌ଓ ବିଛନ୍ଦ ପ୍ରଧାନ, ଡାକ୍ତର ବିଶ୍ୱଜିତ ସାମଲ, ସୌମ୍ୟକାନ୍ତ ବିଶୋଇ, ଆଶୁତୋଷ ମିଶ୍ର, ଅନିଲ ଶେଖ, ଶଶାଙ୍କ ଶେଖର ସାହୁ, ସ୍ମୃତି ବିଶ୍ୱାଳ, କୈଳାସ ଅଗ୍ରୱାଲା, ନୀହାର ରଞ୍ଜନ ପ୍ରସାଦ, ତପନ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ୨୫୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏଥିସହ ୪୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଶେଷଦେବ ରଣା, ଅଜିତ କୁମାର ସ୍ୱାଇଁ, ଦୀନେଶ ମହାନ୍ତି, ରାଜେନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ।




ସ୍ୱାସ୍ଥ୍ୟସେବା ଶିବିରରେ ମଞ୍ଚାସୀନ ଅତିଥିମାନେ।

## ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ପ୍ରଦର୍ଶନୀ ସ୍ପନ୍ଦନ




ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପ୍ରଦର୍ଶନୀ ସ୍ପନ୍ଦନ ଅବସରରେ ମଞ୍ଚାସୀନ ଅତିଥିମାନେ।

**ଛେଣ୍ଡିପଦା,୨୯।୧୧(ଅଜିତ୍ ଧଳ)**

ଛେଣ୍ଡିପଦା ବ୍ଲକ ବଡ଼ମହିତଳାସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ପ୍ରଦର୍ଶନୀ ସ୍ପନ୍ଦନ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଫକୀର ମୋହନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଅନୁଗୋଳ ପ୍ଲାଣ୍ଟର ସିଏସ୍ଆର୍ ଡିଜିଏମ୍ ଆଶୁତୋଷ ମିଶ୍ର, ସିଏସ୍ଆର୍ ଡେପୁଟି ମ୍ୟାନେଜର ତାପସ କୁମାର ମହାନ୍ତି, ସମ୍ମାନିତ ଅତିଥି ଏବଲ୍ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ହରେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୧୭୨ଟି ପ୍ରକଳ୍ପ ସ୍ଥାନିତ ହୋଇଥିବାବେଳେ ୨୮୨ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପାର୍ଶ୍ୱବର୍ତ୍ତୀ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ପ୍ରକଳ୍ପରୁ ଶୈକ୍ଷିକ ତଥ୍ୟ ହାସଲ କରିଥିଲେ। ଶିକ୍ଷକ ଅକ୍ଷୟ କୁମାର ନାୟକ ସଂଯୋଜନା କରିଥିବାବେଳେ ଶିକ୍ଷୟିତ୍ରୀ ମଧୁମିତା ସାହୁ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଦୀପ୍ତିରେଖା ଦାସ, ସ୍ମିତାରାଣୀ ଖିଲାରୀ, ଜୁଲି ପାଣି, ଶ୍ୱେତାଶ୍ରୀ ପଟ୍ଟନାୟକ, ସୁଶ୍ରୀ ଏରିକ ଏକ୍ଳୋମା, ଲୋପାମୁଦ୍ରା ପ୍ରଧାନ, ଶିକ୍ଷକ ସରୋଜ ଭୂତିଆ, ପ୍ରଦ୍ୟୁମ୍ନ କୁମାର ଜେନା, କୃଷ୍ଣ କୁମାର ଦାସ, ଚିତ୍ତରଞ୍ଜନ ଓଝା, ଚିତ୍ତରଞ୍ଜନ ଦାସ, ଶୁଭ୍ରାଂଶୁ କୁମାର ଶତପଥୀ, ସୋମନାଥ ବେହେରା, ଅଜୟ ଅମର ସିଂହଦେଓ ଆଦି ପ୍ରକଳ୍ପ ପ୍ରସ୍ତୁତିରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ।

## ସମ୍ବିଧାନ ଦିବସ ପାଳନର ଉଦ୍ଦେଶ୍ୟ ଉପରେ ଆଲୋକପାତ

**ଛେଣ୍ଡିପଦା,୨୯।୧୧(ଅଜିତ୍ ଧଳ)**

ଛେଣ୍ଡିପଦା ବ୍ଲକ ବଡମହିତଳାସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଫକୀର ମୋହନ ସାହୁଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକଙ୍କ ସହିତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଡ.ଭୀମରାଓ ଆମ୍ବେଡକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥଲେ। ପ୍ରଧାନ ଶିକ୍ଷକ ସାହୁ ସମ୍ବିଧାନ ଦିବସ ପାଳନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ନବମ ଶ୍ରେଣୀ ଛାତ୍ରୀଛାତ୍ର ସମ୍ବିଧାନର ମହତ୍ତ୍ୱ ଉପରେ ଏକ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ଖୋଲାମଞ୍ଚ, ସାଧାରଣ ଜ୍ଞାନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରଧାନ ଶିକ୍ଷକ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ମଧୁମିତା ସାହୁ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ସରୋଜ ଭୂତିଆ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସ୍ମିତାରାଣୀ ଖିଲାରୀଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।




## ୭.୯୯ ଲକ୍ଷ ଟଙ୍କାର ସାଇବର ଠକେଇ: ମୁଖ୍ୟ ଅଭିଯୁକ୍ତ ଗିରଫ




ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ଏସ୍‌ପି।



ପୋଲିସ ସହ ଗିରଫ ସାଇବର ଠକ।

**ଅନୁଗୋଳ,୨୯।୧୧ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ଜିଲାରେ ଘଟିଥିବା ୭,୯୯,୮୯୯ ଟଙ୍କାର ଏକ ସାଇବର ଠକେଇ ମାମଲାରେ ଜିଲା ପୋଲିସକୁ ସଫଳତା ମିଳିଛି। ଠକେଇ ଘଟଣାର ମୁଖ୍ୟ ଅଭିଯୁକ୍ତ ଝାଡ଼ଖଣ୍ଡର ରୌସନ କୁମାର (୨୧)ଙ୍କୁ ଗିରଫ କରାଯାଇଛି ବୋଲି ଶନିବାର ସାଇବର ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ରାହୁଲ ଜୈନ ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି, ଅଭିଯୋଗକାରୀ ଅପରାଜିତା ପୁନମ ଅନୁଗୋଳ ଅମଲାପଡ଼ାସ୍ଥିତ ୟୁକୋ ବ୍ୟାଙ୍କରେ କାର୍ଯ୍ୟରତ ଅଛନ୍ତି। ଗତ ଜୁଲାଇ ୨୬ ତାରିଖରେ ତାଙ୍କ ମୋବାଇଲକୁ କେୱାଇସି ଅପଡେଟ୍ ଲେଖାଥିବା ଏକ ଏପିକେ ଫାଇଲ ହ୍ୱାଟ୍ସଆପ୍ ମେସେଜ ମାଧ୍ୟମରେ ଆସିଥିଲା। ସେ ଉକ୍ତ ଫାଇଲ ଖୋଲି ମୋବାଇଲରେ ଇନ୍‌ଷ୍ଟଲ କରିବା ପରେ ସାଇବର ଠକମାନେ ତାଙ୍କ ମୋବାଇଲକୁ ନିୟନ୍ତ୍ରଣକୁ ନେଇଯାଇଥିଲେ। ଏହାପରେ ତାଙ୍କ ସଞ୍ଚୟ ଖାତାରୁ ବିଭିନ୍ନ ପର୍ଯ୍ୟାୟରେ ୭ ଲକ୍ଷ ୯୯ ହଜାର ୮୯୯ ଟଙ୍କା କଟିଯାଇଥିଲା। ଏ ନେଇ ସେ ଅନୁଗୋଳ ସାଇବର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନମ୍ବର ୧୫/୨୫ରେ ଏକ ମାମଲା ରୁଜୁ କରିଥିଲା। ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏସ୍‌ପିଙ୍କ ପରିଚାଳନାରେ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ତଥ୍ୟ ଆଧାରରେ ପୋଲିସ ଝାଡ଼ଖଣ୍ଡର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ରାଞ୍ଚିରୁ ରୌସନ କୁମାରଙ୍କୁ ଗିରଫ କରିଥିଲା। ପଚରାଉଚରା ସମୟରେ ଅଭିଯୁକ୍ତ ରୌସନ ସହଯୋଗୀ ସୁନୀଲ କୁମାରଙ୍କ ସହ ମିଶି ଏହି ଠକାମି କରିଥିବା ସ୍ୱୀକାର କରିଥିଲେ। ଗିରଫ ଅଭିଯୁକ୍ତଙ୍କ ନିକଟରୁ ଏକ ମୋବାଇଲ ଫୋନ ଏବଂ ଆଧାରକାଡ଼ ଜବତ କରାଯାଇଛି। ଠକେଇରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଚେଷ୍ଟା ଜାରି ରହିଛି। ମୋବାଇଲକୁ ଆସୁଥିବା ଅଜଣା ଲିଙ୍କ୍, କେୱାଇସି ଅପଡେଟ୍ ନାମରେ ଆସୁଥିବା ଫାଇଲକୁ ଖୋଲନ୍ତୁ ନାହିଁ। ସନ୍ଦେହ ହେଲେ ତୁରନ୍ତ ନିକଟସ୍ଥ ଥାନା କିମ୍ବା ସାଇବର ସହାୟତା କେନ୍ଦ୍ରରେ ଅଭିଯୋଗ କରନ୍ତୁ ବୋଲି ଏସ୍‌ପି ପରାମର୍ଶ ଦେଇଛନ୍ତି।

## ବାଲ୍ୟ ବିବାହମୁକ୍ତ ଭାରତ ଅଭିଯାନ

**ବଅଁରପାଳ,୨୯।୧୧ (ସୁବାସ ସାହୁ)**

ବିଶ୍ୱ ଯୁବକେନ୍ଦ୍ର ବଣିନାଳୀ ଦ୍ୱାରା ବାଲ୍ୟ ବିବାହ ନିରୋଧ ଦିବସ ଅନୁଗୋଳ ଜିଲାର ୬୨ଟି ଗ୍ରାମ ଓ ୧୪ଟି ସ୍କୁଲରେ ସଚେତନତା ରାଲି ସହ କ୍ୟାଣ୍ଡେଲ ଶୋଭାଯାତ୍ରା ମାଧ୍ୟମରେ ପାଳନ କରାଯାଇଥିଲା। ଏଥିମଧ୍ୟରୁ ବଅଁରପାଳ ବ୍ଲକର ୧୬ଟି ଗ୍ରାମରେ କାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ସ୍କୁଲ ଛାତ୍ରୀଛାତ୍ର, ଗ୍ରାମବାସୀ, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ସିଆର୍‌ପି ମହିଳା ନେତ୍ରୀ, ୱାର୍ଡ ମେମ୍ବର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଗ୍ରାମଗୁଡ଼ିକରେ ବାଲ୍ୟ ବିବାହ ବିରୋଧରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ବିଭିନ୍ନ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇବା ସହ ଶପଥ ପାଠ ମଧ୍ୟ କରାଯାଇଥିଲା। ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଲକ୍ଷ୍ମୀ ବେହେରା ସହଯୋଗ କରିଥିଲେ।

## ଓ.ପି. ଜିନ୍ଦଲ ସ୍କୁଲରେ ଏକ୍ସପ୍ଲୋରାଇଜ ୨୦୨୫-୨୬



ଅତିଥିମାନେ ସମ୍ବର୍ଦ୍ଧନା ପ୍ରଦାନ କରୁଛନ୍ତି।

**ଅନୁଗୋଳ,୨୯।୧୧(ମାନସ ବିଶ୍ୱାଳ)**

ଅନୁଗୋଳ ସହର ଉପକଣ୍ଠସ୍ଥିତ ଓ.ପି. ଜିନ୍ଦଲ ସ୍କୁଲ ପକ୍ଷରୁ ଜିନ୍ଦଲ ନଗରର ଇଡେନ ଗାର୍ଡେନ ପରିସରରେ ବାର୍ଷିକ ପ୍ରଦର୍ଶନୀ ଏକ୍ସପ୍ଲୋରାଇଜ ୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ପ୍ରାୟ ୨୦୦ ଅଭିନବ ଏବଂ ସୃଜନଶୀଳ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିବା ପ୍ରକଳ୍ପଗୁଡ଼ିକ ଶିକ୍ଷକମାନଙ୍କ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ପ୍ରସ୍ତୁତ ହୋଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ଡ. ଅଶ୍ୱିନୀ କୁମାର ସାହୁ ସ୍ୱାଗତ ଅଭିଭାଷଣ ରଖିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଜିନ୍ଦଲ ଷ୍ଟିଲ୍ ଅନୁଗୋଳ ଉପସଭାପତି ଓ ପ୍ରଶାସନ ମୁଖ୍ୟ କର୍ଣ୍ଣେଲ ସୁଦୀପ ମାଜୀ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ ଉତ୍ସର୍ଗୀକୃତ ଭାବ ଏବଂ ପ୍ରଦର୍ଶନୀରେ ପ୍ରଦର୍ଶିତ ନୂତନ କୌଶଳର ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ପ୍ରଦର୍ଶନୀର ବିଜେତା ଏବଂ ଓପିଜେଏସ୍‌ର ଯୁବ ଲେଖିକା ଲେଖକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ବାକି ଟଙ୍କା ନ ଦେଇ କଲେ ଡକାୟତି




ଜବତ ଟଙ୍କା, ସୁନା ଅଳଙ୍କାର, କାର୍ ଏବଂ ସ୍କୁଟି।

ଝାରସୁଗୁଡ଼ା, ୨୯।୧୧ (ଆଶିଷ ରଞ୍ଜନ ଦାଶ)

■ ବ୍ୟବସାୟୀଙ୍କ ଘରୁ ଡକାୟତି ଘଟଣା: ୮ ଗିରଫ
■ ୨ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଗଲା
■ ୫୨୧ ଗ୍ରାମ୍ ସୁନା, ୧୪.୩୨ କେଜି ରୁପା ଅଳଙ୍କାର, ୩୭ ଲକ୍ଷ ଟଙ୍କା, ବନ୍ଧୁକ, ଗାଡ଼ି, ମୋବାଇଲ ଜବତ

ଝାରସୁଗୁଡ଼ା ଜିଲା ଟାଉନ୍ ଥାନା ଅଧୀନ ମନମୋହନ ସ୍କୁଲ ପଡ଼ିଆ ସମ୍ମୁଖ ବିନାୟକପୁରମ୍ କଲୋନିରେ ଗତ ୧୯ ତାରିଖରେ ଘଟିଥିବା ବଡ଼ଧରଣର ଡକାୟତି ଘଟଣାରେ ପୋଲିସ ଜଣେ ମହିଳା, ୨ ନାବାଳକଙ୍କ ସମେତ ୧୦ ଜଣଙ୍କୁ କାବୁ କରିଛି। ସେମାନଙ୍କ ମଧ୍ୟରୁ ୮ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବିହାର ଭୋଜପୁରର ସଞ୍ଜୟ ସିଂହ(୫୩), ଝାରସୁଗୁଡ଼ା ସଦର ଥାନା ଅଧୀନ ବମ୍ବେ ଛକର ଅଶୋକ ପଣ୍ଡା(୪୮), ଝାରସୁଗୁଡ଼ାରେ ରହୁଥିବା ବୌଦ୍ଧ ଅଞ୍ଚଳର ଆକାଶ ଓରଫ ରାଧାକାନ୍ତ କହଁର(୩୮), ଜଗତ୍‌ସିଂହପୁର ଜିଲା ପାରାଦୀପ ଅଞ୍ଚଳର କାହ୍ନାଚରଣ ସ୍ୱାଇଁ(୨୫), କଟକ ଜିଲା ନେମାଳ ଅଞ୍ଚଳର ଜଗବନ୍ଧୁ ବେହେରା(୫୬), ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ଅଧୀନ ବଡ଼ ବାବିଯୋରି ଅଞ୍ଚଳର ଆନନ୍ଦ ରାୟ(୨୪), ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲର ଜିତେନ୍ଦ୍ର ସାହୁ(୩୦), ବଲାଙ୍ଗୀର ଜିଲା ବେଲପଡ଼ାର ପିଙ୍କି ଓରଫ ସୁଶୀଳା ମେହେର(୩୦)। ଏଥିସହ ଅନ୍ୟ ୨ ଜଣ ନାବାଳକଙ୍କୁ ରାଉରକେଲାସ୍ଥିତ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନଙ୍କଠାରୁ ୩୭ ଲକ୍ଷ ୨୭ ହଜାର ଟଙ୍କା, ୫୨୧ ଗ୍ରାମ୍ ସୁନା ଅଳଙ୍କାର, ୧୪.୩୨ କେଜି ରୁପା ଅଳଙ୍କାର, ୩ଟି ଦେଶୀ ବନ୍ଧୁକ, ୧୨ଟି ଗୁଳି, ୧୨ଟି ମୋବାଇଲ ଫୋନ୍, ୨ଟି କାର, ୨ଟି ସ୍କୁଟି, ଗୋଟିଏ କାର୍, ଦୁଇଟି ଛୁରି, ନକଲି ନମ୍ବର ପ୍ଲେଟ୍, ଟିଭି, ଫ୍ରିଜ୍, ହୋମ୍ ଥିଏଟର ଆଦି ଜବତ କରାଯାଇଛି ବୋଲି ଶନିବାର ଝାରସୁଗୁଡ଼ା ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କହିଛନ୍ତି।

ସୂଚନା ଅନୁଯାୟୀ, ବିନାୟକପୁରମ୍ କଲୋନିରେ ରହୁଥିବା ବ୍ୟବସାୟୀ ମୁକେଶ ବୁଟୱାନୀଙ୍କ ଏକ ପାନମସଲା ହୋଲ୍‌ସେଲ୍ ଦୋକାନ ରହିଛି। ଗତ ୫ବର୍ଷ ହେଲା ଡକାୟତି ଘଟଣାର ମୁଖ୍ୟ ଅଭିଯୁକ୍ତ ଅଶୋକ ପଣ୍ଡା ମୁକେଶଙ୍କ ଠାରୁ ପାନମସଲା କିଣି ତାଙ୍କ ଦୋକାନରେ ବିକ୍ରି କରୁଥିଲେ। ଇତିମଧ୍ୟରେ ଅଧିକ ଟଙ୍କା ବାକି ହୋଇଯାଇଥିଲା। ମୁକେଶ ତାଙ୍କୁ ବାରମ୍ବାର ବାକି ଟଙ୍କା ମାଗୁଥିଲେ। ସେ ଟଙ୍କା ଦେବା ବାହାନା ଦେଖାଇ ଜମି କାରବାର କରିବା ପାଇଁ ମୁକେଶଙ୍କୁ ପ୍ରବର୍ତ୍ତାଉଥିଲେ। ମାତ୍ର ମୁକେଶ ଏଥିରେ ରାଜି ନ ହେବାରୁ ଅଶୋକ ଉତ୍‌କ୍ଷିପ୍ତ ହୋଇଯାଇଥିଲେ। ଏହି ଘଟଣାକୁ ନେଇ ଅଶୋକ ସହଯୋଗୀ ସଞ୍ଜୟଙ୍କ ସହ ମୁକେଶଙ୍କ ଘରେ ଡକାୟତି କରିବା ପାଇଁ ଯୋଜନା କରିଥିଲେ। ଗତ ୨ବର୍ଷ ମଧ୍ୟରେ ସେମାନେ ୧୦ରୁ ଅଧିକ ଥର ଡକାୟତି ଉଦ୍ୟମ କରି ବିଫଳ ହୋଇଥିଲେ। ଏପରି କି ମୁକେଶଙ୍କ ବଡ଼ଭାଇ ସୁନୀଲଙ୍କ ପୁରୁଣା ବସଷ୍ଟାଣ୍ଡ ନିକଟରେ ଥିବା ପାନମସଲା ଦୋକାନରେ ମଧ୍ୟ ଡକାୟତି ପାଇଁ ଯୋଜନା କରି ସଫଳ ହୋଇ ନ ଥିଲେ। ଶେଷରେ ଗତ ୧୯ ତାରିଖରେ ମୁକେଶଙ୍କ ଘରେ ସଂଘବଦ୍ଧ ଭାବେ ଡକାୟତି ପାଇଁ ଯୋଜନା କରିଥିଲେ। ପୋଲିସ ସୂଚନା ଅନୁସାରେ, ସଞ୍ଜୟ, ଜଗବନ୍ଧୁ ଓ ୨ଜଣ ନାବାଳକ ମାରଣାସ୍ତ୍ର ଧରି ମୁକେଶଙ୍କ ଘରେ ପଶିଥିଲେ। ବାହାରର ସ୍ଥିତି ସମ୍ପର୍କରେ ଜଣାଇବା ପାଇଁ ମନମୋହନ ସ୍କୁଲ ପଡ଼ିଆରେ ଆକାଶ ଏକ ଫୋନ ଜରିଆରେ ଭିତରେ ଥିବା ସହଯୋଗୀଙ୍କ ସହିତ ଯୋଗାଯୋଗରେ ଥିଲେ। ୩ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ମୁକେଶ ଏବଂ ତାଙ୍କ ପରିବାରର ସମସ୍ତଙ୍କ ହାତଗୋଡ଼ ବାନ୍ଧି ଲକ୍ଷାଧିକ ଟଙ୍କା ସହ ବିପୁଳ ପରିମାଣର ସୁନା ଓ ରୁପା ଅଳଙ୍କାର ଲୁଟି ନେଇଥିଲେ। ଏନେଇ ମୁକେଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୫୮୭/୨୫) ରୁଜୁ କରିଥିଲା। ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀକୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଏଥିସହ ଡକାୟତମାନଙ୍କ ଫିଙ୍ଗର ପ୍ରିଣ୍ଟ ଓ ଛାଡିଯାଇଥିବା ବନ୍ଧୁକ ଜବତ କରିଥିଲା। ଡକାୟତଙ୍କ ଗତିବିଧି ସମ୍ପର୍କରେ ଜାଣିବା ପାଇଁ ପୋଲିସ ସ୍ଥାନୀୟ ଅଞ୍ଚଳର ସିସିଟିଭି ଯାଞ୍ଚ କରିଥିଲା। ହେଲେ ଡକାୟତମାନେ ସିସିଟିଭିରେ ଯେଭଳି ନ ଆସିବେ ସେଥିପାଇଁ ସେମାନେ କିସାନପଡ଼ା, ଗୌରପଡ଼ା ଦେଇ ବେହେରାପାଲିରେ ଏକତ୍ରିତ ହୋଇଥିଲେ। ପୂର୍ବରୁ ସେଠାରେ ଅପେକ୍ଷା କରିଥିବା ମୁଖ୍ୟ ଅଭିଯୁକ୍ତ ଅଶୋକ ଓ ଅନ୍ୟମାନେ ଲୁଟ୍ ହୋଇଥିବା ଟଙ୍କା, ଅଳଙ୍କାର ଧରି କାର୍ ଯୋଗେ ଫେରାର ହୋଇଯାଇଥିଲେ। ପୋଲିସ ସିସିଟିଭିରୁ କିଛି ସୁରାକ ନ ପାଇବାରୁ ଅଭିଯୁକ୍ତଙ୍କ ମୋବାଇଲ୍ ଫୋନ୍ ଟ୍ରାକିଂ କରିଥିଲା। ଏଥିରେ ୨ଟି ନକଲି (ପ୍ରି-ଆକ୍ଟିଭେଟେଡ୍) ସିମ୍ ବ୍ୟବହାର ହୋଇଥିବା ଜାଣିବାକୁ ପାଇଥିଲା। ପୋଲିସ ଉକ୍ତ ସିମ୍‌କୁ ଟ୍ରାକ୍ କରି କାହ୍ନା ଓ ସୁଶୀଳାଙ୍କୁ ଗିରଫ କରିଥିଲା। କାହ୍ନାଙ୍କଠାରୁ ସମସ୍ତ ତଥ୍ୟ ପାଇବା ପରେ ପୋଲିସ ବେହେରାପାଲିରେ ଚଢ଼ାଉ କରି ଦୁଇଟି ଛୁରି ପାଇଥିଲା। ଏଥିସହ କାହ୍ନାଙ୍କ ସାଙ୍ଗ ଝାରସୁଗୁଡ଼ାର ଗ୍ୟାରେଜରେ କାମ କରୁଥିବା ଆକାଶଙ୍କୁ ଗିରଫ କରିଥିଲା। ଏହାପରେ ମୁଖ୍ୟ ଅଭିଯୁକ୍ତ ଅଶୋକଙ୍କ ସମେତ ଅନ୍ୟମାନଙ୍କୁ ଗିରଫ କରିଥିଲା।

# ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

ବାଲେଶ୍ୱର, ୨୯।୧୧ (ବାଞ୍ଛାନିଧି ଦେ)

## ନାବାଳିକା ବଳାତ୍କାର ମାମଲା

ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଶନିବାର ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ଇନ୍ଦିରା ପ୍ରିୟଦର୍ଶିନୀ ଅଭିଯୁକ୍ତ ବେଣୁଧର ମହାନ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ଆଜୀବନ କାରାଦଣ୍ଡ ସହ ୨୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏଥିସହ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କାର ସହାୟତା ପ୍ରଦାନ ଲାଗି ଜିଲା ଆଇନ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

ବାଲେଶ୍ୱର ଜିଲା ସିଂଲା ଥାନା ଅଞ୍ଚଳର ଜଣେ ୧୧ ବର୍ଷୀୟା ନାବାଳିକା ସ୍ଥାନୀୟ ଆଖୁବାଡ଼ିକୁ ଆଖୁ ଖାଇବା ପାଇଁ ଯାଇଥିଲେ। ଆଖୁବାଡ଼ିର ମାଲିକ ବେଣୁଧର ମହାନ୍ତି (୬୫) ସେଠାରେ ଥିବା ଏକ ବାଉଁଶ ଭାଡ଼ିକୁ ଡାକିନେଇ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏକଥା କାହାରିକୁ କହିବା ପାଇଁ ସେ ମନା କରିଥିଲା। ପରିବାର ଲୋକେ ଏହା ଜାଣିପାରି ଅଭିଯୁକ୍ତଙ୍କ ଘରକୁ ଯାଇ ପଚରାଉଚୁରା କରିଥିଲେ। ବୃଦ୍ଧ ବେଣୁଧର ଉତ୍‌କ୍ଷିପ୍ତ ହୋଇ ଜାତି ଉଠାଇ ଗାଳିଦେବା ସହ ଧମକ ଦେଇଥିଲେ। ବାଧ୍ୟ ହୋଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏନେଇ ୨୦୨୫ ଜାନୁଆରୀ ୩୦ ତାରିଖରେ ପୋଲିସ ଏକ ମାମଲା (ନଂ.୧୬୭/୨୦୨୫) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ମାମଲାରେ ପୀଡ଼ିତାଙ୍କ ବୟାନ ସହ ୧୭ଜଣ ସାକ୍ଷୀ ଓ ୨୯ଦଲିଲ ଦସ୍ତାବିଜକୁ ଆଧାର କରି ଜଜ୍ ଦୋଷୀଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାରେ ଡେପୁଟି ଡାଇରେକ୍ଟର ପ୍ରସିକ୍ୟୁଶନ୍ ବାଲେଶ୍ୱର ଦୀପ୍ତିରଞ୍ଜନ ସେଣ୍ଠଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

## ନାବାଳିକା ବଳାତ୍କାର ମାମଲା

# ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

ବାରିପଦା, ୨୯।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ ସ୍ପେଶାଲ ପୋକ୍‌ସୋ କୋର୍ଟରେ ଶନିବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସନ୍ତୋଷ କୁମାର ନାୟକ ମାମଲାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଏହାସହ ୫୦ହଜାର ଟଙ୍କା ଜରିମାନା ଅନାଦେୟ ଅତିରିକ୍ତ ୩ ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଦୋଷୀ ହେଲେ ବୈଶିଙ୍ଗା ଥାନା ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତ ଶିମିଳିଡାହି ଗ୍ରାମର ଉମେଶ୍ୱର ସିଂ(୨୫)। ସୂଚନାଯୋଗ୍ୟ, ୨୦୨୧ ଫେବୃଆରୀ ୧୬ରେ ଉମେଶ୍ୱର ଜଣୈକା ନାବାଳିକାଙ୍କୁ ଷ୍ଟେଶନେରି ଜିନିଷ କିଣିବା ପାଇଁ ନିକଟସ୍ଥ ବଜାରକୁ ବାଇକ୍‌ରେ ବସାଇ ନେଇଥିଲେ। ଫେରିବା ବାଟରେ ଏକ ନିର୍ଜନ ସ୍ଥାନରେ ତାଙ୍କୁ ବଳାତ୍କାର କରିବା ସହ ଘଟଣା ସମ୍ପର୍କରେ କାହାରିକୁ ଜଣାଇଲେ ଜୀବନରୁ ମାରିଦେବେ ବୋଲି ସେ ଧମକ ଦେଇଥିଲେ। ନାବାଳିକା ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇବା ପରେ ପୀଡ଼ିତାଙ୍କ ବାପା ଏନେଇ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ୧୧ ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୋଲିସ ରିପୋର୍ଟକୁ ଭିତ୍ତିକରି ଜଜ୍ ରାୟ ପ୍ରକାଶ କରିଛନ୍ତି। ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# ମାଂସ ବିକ୍ରି ଟଙ୍କା ନ ଦେବାରୁ ମାରିଦେଲେ ସାଙ୍ଗ

ଉଦଳା/ଗୋପବନ୍ଧୁ ନଗର, ୨୯।୧୧ (ସନ୍ତୋଷ କୁମାର ବାଛିନି/ ଶାନ୍ତନୁ କୁମାର ମଡୁଆଳ)

## ଯୁବକଙ୍କୁ ଇଟାରେ ଛେଚି ହତ୍ୟା ଘଟଣା

କେଇଟା ଟଙ୍କା ପାଇଁ ବନ୍ଧୁତାକୁ ଭୁଲିଗଲେ ସାଙ୍ଗ। ଇଟାରେ ଛେଚି ସାଙ୍ଗକୁ ମାରିଦେଲେ। ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବଡ଼ଖୁଣ୍ଟା ରାସ୍ତାରେ ଯୁବକଙ୍କୁ ପଥରରେ ଛେଚି ହତ୍ୟା ଘଟଣାର ତଦନ୍ତ ପରେ ସତ୍ୟ ସାମ୍ନାକୁ ଆସିଛି। ମୃତ ଖପରାପାଳ ଗ୍ରାମର ଗଣେଶ ହେମ୍ବ୍ରମଙ୍କ ସାଙ୍ଗ ଭୁଡୁରୁକୁଲା ଗାଁର ଅଭିଯୁକ୍ତ ମଙ୍ଗଲ ମୁର୍ମୁଙ୍କୁ ଶନିବାର ଖୁଣ୍ଟା ପୋଲିସ ଗିରଫ କରି କୋର୍ଟଚାଲାଣ କରିବା ସହ ପୂରା ଘଟଣା ଉପରୁ ପରଦା ହଟାଇଛି। ମାଂସ ବିକ୍ରି ଟଙ୍କା ନ ଦେବାରୁ ସାଙ୍ଗଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ମଙ୍ଗଲ ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

ସୂଚନା ଅନୁଯାୟୀ, ଗଣେଶ ଓ ମଙ୍ଗଲ ଗୁରୁବାର ଏକ ମୃତ ଛେଳିକୁ କାଟି ମାଂସ ବିକ୍ରି କରିବା ନିମନ୍ତେ ଖୁଣ୍ଟା ସାପ୍ତାହିକ ହାଟକୁ ଯାଇଥିଲେ। ହାଟରେ ଉଭୟ ମିଶି ମାଂସ ବିକ୍ରି କରି ଫେରିବା ସମୟରେ ମଙ୍ଗଲ ଗଣେଶଙ୍କୁ ମାଂସ ବିକ୍ରି ଟଙ୍କା ମାଗିଥିଲେ। ହେଲେ ଗଣେଶ ଟଙ୍କା ନାହିଁ ବୋଲି କହିବାରୁ ବଡ଼ଖୁଣ୍ଟା ନିକଟ ରାସ୍ତାରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ଝଗଡ଼ା ଉଗ୍ରରୂପ ନେବାରୁ ମଙ୍ଗଲ ଏକ ଇଟା ଆଣି ଗଣେଶଙ୍କ ମୁଣ୍ଡକୁ ଛେଚି ହତ୍ୟା କରିଥିଲେ। ପରେ ତାଙ୍କ ପକେଟରୁ ମୋବାଇଲ ଏବଂ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଶୁକ୍ରବାର ସକାଳେ ବଡ଼ଖୁଣ୍ଟା ରାସ୍ତାପାର୍ଶ୍ୱରୁ ଗଣେଶଙ୍କ ମୃତଦେହ ମିଳିଥିଲା। ଘଟଣାସ୍ଥଳରେ ପଡ଼ିଥିବା ଏକ ଗାଡ଼ି ଚାବିକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏନେଇ ଥାନାରେ ହତ୍ୟା ମାମଲା (ନଂ. ୩୮୦/୨୫) ରୁଜୁ ହୋଇଛି।

# ମଧ୍ୟାହ୍ନଭୋଜନ ଚାଉଳ ସହ ଧରାପଡ଼ିଲେ ପ୍ରଧାନଶିକ୍ଷକ

ବଇଣ୍ଡା, ୨୯।୧୧ (ପରିକ୍ଷିତ ସାହୁ)

## କାର୍, ୨ ବସ୍ତା ଚାଉଳ ପୋଲିସକୁ ହସ୍ତାନ୍ତର

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅଞ୍ଚଳର ଏକ ବିଦ୍ୟାଳୟରୁ ଶୁକ୍ରବାର ରାତିରେ ୨ ବସ୍ତା ମଧ୍ୟାହ୍ନଭୋଜନ ଚାଉଳ ନିଜ କାର୍‌ରେ ପ୍ରଧାନ ଶିକ୍ଷକ ନେଉଥିବା ବେଳେ ସ୍ଥାନୀୟ ଗ୍ରାମବାସୀଙ୍କ ହାତରେ ଧରାପଡିଛନ୍ତି। ଖବରପାଇ ପୋଲିସ ପହଞ୍ଚିବା ପରେ ଗ୍ରାମବାସୀ ଅଟକ ରଖିଥିବା କାର୍, ଚାଉଳ ଓ ପ୍ରଧାନ ଶିକ୍ଷକଙ୍କୁ ପୋଲିସକୁ ହସ୍ତାନ୍ତର କରିଛନ୍ତି।

ସୂଚନା ଅନୁଯାୟୀ, ପୂର୍ବରୁ ଉକ୍ତ ବିଦ୍ୟାଳୟରୁ କିଛି ସାମଗ୍ରୀ ଚୋରି ହୋଇଥିଲା। ଏହାପରେ ଗ୍ରାମବାସୀ ବିଦ୍ୟାଳୟ ଉପରେ ନଜର ରଖିଥିଲେ। ଶୁକ୍ରବାର ରାତି ପ୍ରାୟ ୮ଟାରେ ପ୍ରଧାନଶିକ୍ଷକ ତାଙ୍କ କାର୍ ଯୋଗେ ୨ ବସ୍ତା ମଧ୍ୟାହ୍ନଭୋଜନ ଚାଉଳ (ଏକ କୁଇଣ୍ଟାଲ) ବିଦ୍ୟାଳୟରୁ ନେଉଥିବା ବେଳେ କେତେଜଣ ଯୁବକ ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ତୁରନ୍ତ ଗ୍ରାମବାସୀ ସ୍କୁଲରେ ପହଞ୍ଚି ପ୍ରଧାନଶିକ୍ଷକଙ୍କୁ ରାତିରେ ଆସିବାର କାରଣ ପଚାରିଥିଲେ। ପ୍ରଧାନଶିକ୍ଷକ କିଛି ଉତ୍ତର ନ ଦେବାରୁ ଗ୍ରାମବାସୀ ତାଙ୍କ କାର୍ ଯାଞ୍ଚ କରିଥିଲେ। ଗାଡ଼ି ଡିକିରେ ୨ ବସ୍ତା ମଧ୍ୟାହ୍ନଭୋଜନ ଚାଉଳ ଥିବା ଦେଖିବା ପରେ ଗ୍ରାମବାସୀ ପୋଲିସକୁ ସୂଚନା ଦେଇଥିଲେ। ଠାକୁରଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଗ୍ରାମବାସୀ ଉକ୍ତ କାର୍ ଓ ଚାଉଳକୁ ହସ୍ତାନ୍ତର କରିଥିଲେ। ଏହାପରେ ପୋଲିସ ପ୍ରଧାନ ଶିକ୍ଷକଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଛି। ତେବେ ଘଟଣାକୁ ଚପାଇ ଦେବା ପାଇଁ ଶିକ୍ଷା ବିଭାଗର କେତେଜଣ କର୍ମଚାରୀ ପୋଲିସ ଉପରେ ଚାପ ପକାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ଠାକୁରଗଡ଼ ଥାନା ଅଧିକାରୀ ଶଶୀଭୂଷଣ ବେହେରା କହିଛନ୍ତି, ପୋଲିସ କାର୍, ଚାଉଳ ସହ ପ୍ରଧାନଶିକ୍ଷକଙ୍କୁ ଥାନାକୁ ଆଣି ଅଟକ ରଖିଛି। ଅଞ୍ଚଳବାସୀ ଲିଖିତ ଅଭିଯୋଗ କଲେ ମାମଲା ରୁଜୁ କରାଯିବ। ଆଠମଲ୍ଲିକ ଏସ୍‌ଡିପିଓ ସୁଶାନ୍ତ କୁମାର ତାଉଡିଆ କହିଛନ୍ତି, ଉକ୍ତ ଘଟଣାକୁ ନେଇ ଏକ ଷ୍ଟେଶନ ଡାଏରୀ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଧାନଶିକ୍ଷକଙ୍କ ନାମରେ ଅଭିଯୋଗ ହେଲେ ମାମଲା ରୁଜୁ କରାଯିବ।



କାର୍ ଡିକିରେ ଥିବା ୨ ବସ୍ତା ମଧ୍ୟାହ୍ନଭୋଜନ ଚାଉଳ।

ପ୍ରଥମ ପୃଷ୍ଠାରୁ...

## ଅଯୋଗ୍ୟ କଟିବାରୁ...

ବର୍ଷରେ ସରକାରଙ୍କ ରାଜକୋଷରେ ୨୧୦ କୋଟି ଟଙ୍କା ବଞ୍ଚିଛି ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି।

ମନ୍ତ୍ରୀ ଆହୁରି କହିଛନ୍ତି, ଇ-କେୱାଇସି ଦ୍ୱାରା ବାହାର ରାଜ୍ୟରେ ମଧ୍ୟ ଲୋକଙ୍କୁ ଚାଉଳ ମିଳିପାରୁଛି। ବିରୋଧୀ ଅଭିଯୋଗ କରୁଥିଲେ ଅନ୍ୟ ରାଜ୍ୟରେ ଏ ବ୍ୟବସ୍ଥା ନାହିଁ। ହେଲେ ତାମିଲନାଡୁ, କର୍ଣ୍ଣାଟକ ଏବଂ କେରଳରେ ଇ-କେୱାଇସି ହେଉଛି। ପୂର୍ବ ସରକାର ସମୟରେ ପୋର୍ଟାଲ ବନ୍ଦ କରିଦିଆଯାଇଥିଲା। ଫଳରେ ହିତାଧିକାରୀ ଆବେଦନ କରିପାରୁ ନ ଥିଲେ। ହେଲେ ଭାଜପା ସରକାର ଆସିବା ପରେ ପୋର୍ଟାଲ ଖୋଲିଲା ଏବଂ ବର୍ତ୍ତମାନ ସୁଦ୍ଧା ୧୫ ଲକ୍ଷ ଲୋକ ଆବେଦନ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୬ ଲକ୍ଷ ୩୯ ହଜାର ୮୨୭ ଜଣଙ୍କୁ ଇନ୍‌କ୍ୱାରି କରି କାର୍ଡ ଦିଆଯାଇସାରିଛି। ସହରାଞ୍ଚଳରେ ଦେଢ ଲକ୍ଷ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ ଲାଗି କୁହାଯାଇଛି। ସେହିପରି ଗ୍ରାମାଞ୍ଚଳରେ ୧୩ ଲକ୍ଷ ୫୦ ହଜାର ନୂଆ ହିତାଧିକାରୀଙ୍କୁ ଯୋଡ଼ିବାକୁ କୁହାଯାଇଛି। ପୂର୍ବ ସରକାର ସମୟରେ ରାଜନୈତିକ ଉଦ୍ଦେଶ୍ୟ ରଖି ଯେଉଁମାନଙ୍କୁ ଭାଜପାର କହି କାଟିଦିଆଯାଉଥିଲା ସେମାନେ ଆଉ ଆବେଦନ କରିପାରୁ ନ ଥିଲେ। ହେଲେ ଏ ସରକାର ସେ ବ୍ୟବସ୍ଥା ବନ୍ଦ କରିଛନ୍ତି। ବିରୋଧୀ ଅଭିଯୋଗ କରୁଥିଲେ ଯିଏ ଲୋନ୍ ପାଇଁ ଆବେଦନ କରୁଛନ୍ତି ସେମାନଙ୍କ କାର୍ଡ କଟାଯାଉଛି, ଏହା ସମ୍ପୂର୍ଣ୍ଣ ଭୁଲ୍ କଥା। ଗତ ସେପ୍ଟେମ୍ବର, ଅକ୍ଟୋବର ଏବଂ ନଭେମ୍ବରରେ ହିତାଧିକାରୀଙ୍କୁ ମାଗଣାରେ ୫ କେଜି ଲେଖା ଚାଉଳ ଦିଆଯାଇଛି। ୧୭ ମାସ ଭିତରେ ଜଣେ ହେଲେ ଚାଷୀ ଆତ୍ମହତ୍ୟା କରିନାହାନ୍ତି, ବରଂ ସେମାନେ ସୁନାଦୋକାନ ଯାଇ ଏବେ ଆର୍ଥିକ ସ୍ୱଚ୍ଛଳ ହୋଇପାରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

## ରାଶନ କାର୍ଡରୁ ନାଁ...

ସଂଖ୍ୟା କମାଇବାକୁ ଲେଖିଛନ୍ତି, ସେଗୁଡ଼ିକ ମଧ୍ୟରେ ୬ ମାସ ଯଦି ଜଣେ ଚାଉଳ ଉଠାଇ ନ ଥିବେ, ୨.୪୭ ଏକର ଜମି ଯାହାର ଥିବ ଏବଂ ବାର୍ଷିକ ଯେଉଁମାନେ ୧ ଲକ୍ଷ ୨୦ ହଜାର ଟଙ୍କା ରୋଜଗାର କରୁଥିବେ ଆଦି ଅନ୍ତର୍ଭୁକ୍ତ। ରାଜ୍ୟରୁ ପ୍ରାୟ ୩୯.୪୭ ଲକ୍ଷ ଲୋକଙ୍କୁ ଅଯୋଗ୍ୟ ବର୍ଗରେ ରଖି ସେମାନଙ୍କ ନାଁ କାଟିବାକୁ ଜିଲାପାଳଙ୍କୁ ବାଧ୍ୟ କରାଯାଇଛି। ୪ ଲକ୍ଷ ୭୫ ହଜାର ଲୋକଙ୍କ ରାଶନ କାର୍ଡ କାଟିସାରିଛନ୍ତି। ସରକାର ଗୋଟେ କଥା ସ୍ପଷ୍ଟ କରନ୍ତୁ, ପିଏମ୍ କିଷାନ, ସିଏମ୍ କିଷାନ, ସୁଭଦ୍ରା ଯୋଜନାରେ ଯେଉଁମାନେ ଅର୍ଥ ପାଉଛନ୍ତି ସେମାନେ ରାଶନକାର୍ଡ ପାଇବା ଲାଗି ଯୋଗ୍ୟ ହେବେ ନା କଟିବେ। ସରକାର ଲୋକଙ୍କୁ କୃତ୍ରିମ ଭାବେ ଧନୀକରି ରାଶନକାର୍ଡରୁ ବଞ୍ଚିତ କରାଇବାକୁ ଲକ୍ଷ୍ୟ ରଖିଛନ୍ତି। ଯେଉଁମାନେ ଦାଦନ ଯାଇଛନ୍ତି ସେମାନେ ତ ୬ ମାସ ଚାଉଳ ଉଠାଇପାରିବେନାହିଁ। ତା'ମାନେ ସେମାନେ କ'ଣ ଅଯୋଗ୍ୟ ହେବେ? ଇଏ ଆଦାନୀ ଏବଂ ଆମ୍ବାନୀଙ୍କ ସରକାର ବୋଲି ରଣେନ୍ଦ୍ର କହିଛନ୍ତି। ବିଜେଡି ସଦସ୍ୟ ଦେବୀରଞ୍ଜନ ତ୍ରିପାଠୀ କହିଛନ୍ତି, ସସ୍‌ପେକ୍ଟଫୁଲ୍ ହିତାଧିକାରୀମାନେ କ'ଣ କ୍ରିମିନାଲ।

ଏ ସରକାର ନିୟମ କରିଛନ୍ତି ଯେଉଁମାନଙ୍କ ୩ ଚକିଆ ଅଟୋ ଥିବ ସେ ମଧ୍ୟ ଚାଉଳ ପାଇବାରୁ ବଞ୍ଚିତ ହେବେ। ୧୦ ହଜାର ଟଙ୍କା ରୋଜଗାର କରୁଥିବା ଲୋକ ଏଥିରୁ ବଞ୍ଚିତ ହେବେ, ସରକାର କ'ଣ ଜାଣିଶୁଣି ସାଧାରଣ ଲୋକଙ୍କୁ ଏଥିରୁ ବଞ୍ଚିତ କରୁଛନ୍ତି। ସରକାର ଆଉ ଗୋଟେ ନିୟମ କରିଛନ୍ତି, ଯେଉଁମାନେ ଟ୍ୟାକ୍ସପେୟର ସେମାନେ ମଧ୍ୟ ଅଯୋଗ୍ୟ ହେବେ। ଏବେ ସାଧାରଣ ଲୋକଟିଏ ଋଣ ନେବାକୁ ଚାହିଁଲେ ସେମାନଙ୍କର ପ୍ୟାନ୍ କାର୍ଡ ଦରକାର। ଏହାସହ ସେ ଜିରୋ ରିଟର୍ନ ଫାଇଲ କରୁଥିବା ଦରକାର। ସେମାନଙ୍କୁ ବି କାଟିଦିଆଯିବ କି ବୋଲି ଦେବୀରଞ୍ଜନ ପ୍ରଶ୍ନ କରିଛନ୍ତି। ବିଧାୟକ ସାରଦା ପ୍ରସାଦ ଜେନା କହିଛନ୍ତି, ଇ-କେୱାଇସି ନାମରେ ରାଶନ କାର୍ଡ କାଟିବାକୁ ଯେଉଁ ଆତଙ୍କୀ କାର୍ଯ୍ୟକ୍ରମ କରାଯାଉଛି ତାହା ଦୁର୍ଭାଗ୍ୟଜନକ। ଏହା ଏସ୍‌ଆଇଆର୍‌ଠାରୁ ମଧ୍ୟ ଭୟଙ୍କର। ନୂଆପଡ଼ା ଉପନିର୍ବାଚନ ସମୟରେ ଶାସକ ଦଳ ନେତାମାନେ ସେଠାର ଭୋଟରଙ୍କୁ କହିଲେ, ଯଦି ଭୋଟ ନ ଦେବ ତେବେ ରାଶନକାର୍ଡ କାଟିଦିଆଯିବ। ଏଭଳି ଭୟ ସାଧାରଣ ଲୋକଙ୍କୁ ଦେଖାଯାଇଛି। ସରକାର ଆସିବାର ୧୭ ମାସ ପୂରଣ ହେଲାଣି, ଜଣେ ହେଲେ ନୂଆ ହିତାଧିକାରୀ ରାଶନକାର୍ଡ ରାଜ୍ୟରେ ପାଇନାହାନ୍ତି ବୋଲି ସେ କହିଛନ୍ତି।

କଂଗ୍ରେସ ସଦସ୍ୟ ଅଶୋକ ଦାସ କହିଛନ୍ତି, ରାଶନ କାର୍ଡ କାଟିବାର ଯେଉଁ ପ୍ରୟାସ ଆରମ୍ଭ ହୋଇଛି ତାହା ଦୁର୍ଭାଗ୍ୟଜନକ। ୨୦୧୩ରେ ଯେତେବେଳେ ଉପା ସରକାର ଥିଲା ସେତେବେଳେ ଯୋଜନା କରିଥିଲା, ଭାରତର ଯେପରି ଜଣେ କେହି ଭୋକିଲା ରହିବେ ନାହିଁ। ଏବେ ଏହି ଯୋଜନାକୁ ବିଭିନ୍ନ ନାମରେ ପରିବର୍ତ୍ତନ କରି ଏହାକୁ ନେଇ ବିଭିନ୍ନ ଦଳ ରାଜନୀତି କରୁଛନ୍ତି। ଇ-କେୱାଇସି ନାଁରେ ସାଧାରଣ ଲୋକଙ୍କୁ ଉକ୍ତ ଯୋଜନାରୁ ବାଦ୍ ପଡ଼ିବାକୁ ପଡୁଛି ବୋଲି ସେ କହିଛନ୍ତି। ସି.ଏସ୍. ରାଜନ ଏକ୍କା ମଧ୍ୟ ଇ-କେୱାଇସି ଯୋଗୁ ତାଙ୍କ ଅଞ୍ଚଳରେ ଉପୁଜୁଥିବା ସମସ୍ୟା କଥା କହିଛନ୍ତି।



## ସାମାଜିକ କର୍ମୀ ଇଦ୍ରିଶ ବକ୍ସଙ୍କ ପରଲୋକ



ଇଦ୍ରିଶ ବକ୍ସ (ଫାଇଲ ଫଟୋ)

ଢେଙ୍କାନାଳ,୨୯।୧୧(ରତନ ନାୟାର): ଢେଙ୍କାନାଳର ଯୁବ ସାମାଜିକ କର୍ମୀ ତଥା ଜିଲା ଛାତ୍ର କଂଗ୍ରେସର ପୂର୍ବତନ ସଭାପତି ଇଦ୍ରିଶ ବକ୍ସଙ୍କର ଶୁକ୍ରବାର ବିଳମ୍ବିତ ରାତିରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ହୋଇଯାଇଛି । ସେ କିଛିଦିନ ଧରି ଅସୁସ୍ଥ ଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୫୧ବର୍ଷ ବୟସ ହୋଇଥିଲା । ମୃତ ଶରୀର ଶନିବାର ଢେଙ୍କାନାଳ ସହରସ୍ଥିତ ଗୁଡିଆନାଳୀଠାରେ ଥିବା ତାଙ୍କ ବାସଭବନରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ବହୁ ବ୍ୟକ୍ତି ବିଶେଷ, ପରିବାର ସଦସ୍ୟ, ସହପାଠୀ ଓ କଂଗ୍ରେସକର୍ମୀମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ । ପରେ ଭଗବାନପୁରସ୍ଥିତ କବରସ୍ଥାନଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା । ସେ ଢେଙ୍କାନାଳର ବିଶିଷ୍ଟ ଚିକିତ୍ସକ ସ୍ୱର୍ଗତ ଡା. ଅବଦୁଲ କରିମ ବକ୍ସଙ୍କ ଜ୍ୟେଷ୍ଠ ପୁତ୍ର ବୋଲି ଜଣାପଡିଛି । ଛାତ୍ର ରାଜନୀତିରେ ସେ ବେଶ ସକ୍ରିୟ ଥାଇ କିଛିବର୍ଷ ତଳେ ସେ ଢେଙ୍କାନାଳ ଜିଲା ଛାତ୍ର କଂଗ୍ରେସର ସଭାପତି ରହିଥିଲେ । ଜଣେ କ୍ରୀଡାବିତ ଭାବରେ ମଧ୍ୟ ବେଶ ପରିଚିତ ଥିଲେ । ଢେଙ୍କାନାଳର ପ୍ରମୁଖ କସମସ କ୍ରିକେଟ କ୍ଲବର ସେ ସଦସ୍ୟ ଥିଲେ । ତାଙ୍କ ପରଲୋକରେ ସହରରେ ଶୋକର ଛାୟା ଖେଳିଯାଇଛି ।

# ଜିଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ




ଜିଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ।

ଢେଙ୍କାନାଳ,୨୯।୧୧(ରତନ ନାୟାର) ଢେଙ୍କାନାଳ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ମାର୍ଟ ସଭାଗୃହରେ ରାଜ୍ୟ ଶୈକ୍ଷିକ ଗବେଷଣା ଓ ତାଲିମ ପରିଷଦ ଭୁବନେଶ୍ୱରର ସହଯୋଗରେ ଜିଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ଢେଙ୍କାନାଳ ଜିଲା ଶିକ୍ଷା ଅଧିକାରୀ ପରେଶଚନ୍ଦ୍ର ପାତ୍ର, ଅତିରିକ୍ତ ଶିକ୍ଷା ଅଧିକାରୀ ମନୋଜ ରଞ୍ଜନ ଦଳାଇ, ବ୍ରହ୍ମୋତ୍ରୀ ବିଶ୍ୱାଳ ଓ ସୌମ୍ୟାଶ୍ରୀ ପଣ୍ଡାଙ୍କ ମାର୍ଗଦର୍ଶନରେ, ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳର ପ୍ରଧାନ ଶିକ୍ଷୟିତ୍ରୀ ମିନତି ଦେହୁରୀ, ଢେଙ୍କାନାଳ ଜିଲା ବିଜ୍ଞାନ ନିରୀକ୍ଷକ ଲକ୍ଷ୍ମୀଧର ମହାନ୍ତ, କାର୍ଯ୍ୟକ୍ରମ ସଞ୍ଚାଳକ ଶିକ୍ଷାବିତ୍ ଅଚ୍ୟୁତ ବିହାରୀ ଦାଶ, ଶିକ୍ଷାବିତ୍ ଡ଼ା.ଦେବୀ ପ୍ରସାଦ ମିଶ୍ରଙ୍କ ମିଳିତ ମାର୍ଗଦର୍ଶନରେ ଜିଲାସ୍ତରୀୟ ଯୁବ ସଂସଦ ନୂତନ ପଢ଼ିର ସ୍ୱର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପିଲାଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭା, ଚିନ୍ତନ ଓ ମନ୍ଥନରୁ ସୃଜନଶୀଳତା, ନୂତନତ୍ୱ ଓ ନେତୃତ୍ୱ ନେବାର ସମ୍ଭାବନା ସୃଷ୍ଟି ହୋଇଥାଏ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ଛାତ୍ରୀ ସୁଶ୍ରୀ ସାଗରିକା ସ୍ୱାଇଁ ପ୍ରଥମସ୍ଥାନ ଅଧିକାର କରି ପୁରସ୍କୃତ ହେବା ସହିତ ଆଗାମୀ ରାଜ୍ୟସ୍ତରୀୟ ଯୁବ ସଂସଦ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି । ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସୁଲୋଚନା ଭୂଞ୍ଚା, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜକ ସୁଦୁତ୍ତ କୁମାର ସାହୁ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ ଓ ସଂଯୋଜନା କରିଥିଲେ ।

## ବୋଲେରୋ ସହ ୫ ଗୋରୁ ଜବତ

କାମାକ୍ଷାନଗର,୨୯।୧୧ (ସୁଧୀର କୁମାର ପରିଡ଼ା)

କାମାକ୍ଷାନଗର ଥାନା ଡିଭିଡାମାଲି ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଗୋରୁ ଚାଲାଣ ବେଳେ ବୋଲେରୋ ସହ ୫ ଗୋରୁଙ୍କୁ ଅଟକ ରଖିଛନ୍ତି ସ୍ଥାନୀୟ ଲୋକେ। ସୂଚନା ଅନୁସାରେ ଏକ ବୋଲେରୋ ଯୋଗେ ଯାଜପୁର ଅଞ୍ଚଳରୁ ତାଳଚେର ଅଭିମୁଖେ ଗୋରୁ ଚାଲାଣ ହେଉଥିବା ନେଇ କାମାକ୍ଷାନଗର ଅଞ୍ଚଳର କେତେକ ସଂଗଠନ ଜାଣିବାକୁ ପାଇଥିଲେ । ପରେ ସେମାନେ ବାଲିଗୋରଡ଼ାଠାରୁ ଗୋରୁ ଭର୍ତ୍ତି ହୋଇଥିବା ବୋଲେରୋକୁ ପିଛା କରିବା ସହ ପୋଲିସକୁ ଏ ସମ୍ପର୍କରେ ଖବର ଦେଇଥିଲେ । ଡିଭିଡାମାଲି ଛକ ନିକଟରେ ଅନ୍ୟ କେତେଜଣ ଲୋକ ଓ ପୋଲିସ ଗୋରୁଭର୍ତ୍ତି ବୋଲେରୋକୁ ଅଟକାଇଥିବା ବେଳେ ଗାଡ଼ିରେ ଥିବା ଗୋମାଫିଆମାନେ ମାରଣାସ୍ତ୍ର ଦେଖାଇ ଲୋକଙ୍କୁ ଭୟଭୀତ କରାଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ତେବେ ଗୋରୁଭର୍ତ୍ତି ବୋଲେରୋ ସହ ୫ ଗୋରୁଙ୍କୁ ସ୍ଥାନୀୟ ଲୋକେ ଅଟକ ରଖିଥିଲେ।

## ବସଯାତ୍ରୀଙ୍କଠାରୁ ଅଧିକ ଭଡ଼ା ଆଦାୟ ଅଭିଯୋଗ

ଢେଙ୍କାନାଳ,୨୯।୧୧(ରତନ ନାୟାର)

ଢେଙ୍କାନାଳ ଜିଲାର ଶତକଡା ୯୦ଭାଗ ଅଞ୍ଚଳକୁ ଯୋଗାଯୋଗର ଏକମାତ୍ର ମାଧ୍ୟମ ବସ ହୋଇଥିବା ବେଳେ ଘରୋଇ ବସ ଯାତ୍ରୀମାନଙ୍କଠାରୁ ଅଧିକ ଭଡ଼ା ଆଦାୟ କରୁଥିବା ଶନିବାର ସିପିଆଇଏମ୍ ନେତା ବଦ୍ରିନାରାୟଣ ଦାସ, ଜିଲା ସମ୍ପାଦକ ସର୍ବେଶ୍ୱ ସାହୁ ଓ କୃଷକ ସଭାର ଜିଲା ସମ୍ପାଦକ ସରୋଜ ଶତପଥୀ ଅଭିଯୋଗ କରିଛନ୍ତି। ଏଥିସହିତ ଅଧିକ ଭଡ଼ା ଆଦାୟ କରାଯାଉଥିବାର ପ୍ରମାଣ ସହିତ ୨୭ ତାରିଖରେ ରାଜ୍ୟ ପରିବହନ କମିଶନର କଟକ, ଆଞ୍ଚଳିକ ପରିବହନ ଅଧିକାରୀ କଟକ ଓ ଆଞ୍ଚଳିକ ପରିବହନ ଅଧିକାରୀ ଢେଙ୍କାନାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଢେଙ୍କାନାଳରୁ କଟକ ଓ କଟକରୁ ଢେଙ୍କାନାଳ ଫେରି ଆସିବା କରୁଥିବା ଯାତ୍ରୀମାନଙ୍କଠାରୁ ୧୦୦ଟଙ୍କା ଆଦାୟ କରାଯାଉଛି, ଯାହାକି ସରକାରୀ ନିର୍ଦ୍ଧାରିତ ଭଡାଠାରୁ ୩୦ରୁ ୫୦ ପ୍ରତିଶତ ଅଧିକ ବୋଲି ଅଭିଯୋଗ ହୋଇଛି । ପ୍ରତି ବସରେ ପଢିହେବା ଭଳି ଟିକେଟ୍, ଜୀବନ ଫାଷ୍ଟଏଡ୍ ବକ୍ସ ଏବଂ ଦୃଷ୍ଟିରେ ପଡ଼ିବା ଭଳି ସ୍ଥାନରେ ଅଭିଯୋଗ ପୁସ୍ତିକା ଆଦି ରଖାଯିବା ଆଇନମୋଦିତ ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି।

# ପୂର୍ବତନ ସୈନିକଙ୍କ ନୂତନ ସଂଗଠନ ନିର୍ମାଣ



ଓଡ଼ାପଡ଼ା, ୨୯।୧୧ (ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ନାଧେରା ସ୍ଥିତ ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ପୂର୍ବତନ ସୈନିକଙ୍କୁ ନେଇ ଏକ ବିଶାଳ ସଭାର ଆୟୋଜିତ କରାଯାଇଥିଲା। ଏଥିରେ ଢେଙ୍କାନାଳ ଜିଲାର ଅବସରପ୍ରାପ୍ତ ସୈନିକ ସଂଘର ସଭାପତି କୈଳାସ ଚନ୍ଦ୍ର ରାଉତ, ଯୁଗ୍ମ ସମ୍ପାଦକ ବଟକୃଷ୍ଣ ସାହୁ, ଭେଟରାନ ଅକ୍ଷୟ କୁମାର ସାହୁ, ଦେବେନ୍ଦ୍ର ହୋତାଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲା। ଭେଟରାନ ବିରେନ ବିଶ୍ୱାଳ ସଭା ପରିଚାଳନା କରିଥିଲେ। କୈଳାସ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା।

# ପୁରାତନ ଛାତ୍ରୀ ସମ୍ମିଳନୀ, ଆତ୍ମନିର୍ଭର ଭାରତ କର୍ମଶାଳା

ଭୁବନ, ୨୯।୧୧ (ବିପିନ ବିହାରୀ ସେଠୀ)



ଢେଙ୍କାନାଳ ଜିଲା ଭୁବନ ମହିଳା ଡିଗ୍ରୀ କଲେଜ ପରିସରରେ ଶନିବାର ପୁରାତନ ଛାତ୍ରୀ ସମ୍ମିଳନୀ ଓ ଆତ୍ମନିର୍ଭର ଭାରତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାକୁ 'ଆମ ଗୌରବ ଆମ କଲେଜ' ଆୟୋଜନ କରିଥିଲା । ଏହି ସମ୍ମିଳନୀରେ ପୁରାତନ ଛାତ୍ରୀମାନଙ୍କ ଭୂମିକା କଲେଜ ପାଇଁ ଗୁରୁତ୍ୱ ରହିଥିବା ବେଳେ ଅଧ୍ୟୟନ କରୁଥିବା ଛାତ୍ରୀମାନଙ୍କ ପାଇଁ ତାହା ହିଁ ପ୍ରେରଣା ଯୋଗାଇବ ବୋଲି ଆଲୋଚନା କରାଯାଇଥିଲା। ସମ୍ମିଳନୀରେ ଡିଗ୍ରୀ କଲେଜ ଅଧ୍ୟକ୍ଷ ଦିଲୀପ ଦାସ ଅଧ୍ୟକ୍ଷତା କରିଥିବା ବେଳେ ଅଧ୍ୟାପିକା ମମତା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରିବାକୁ ଗୁରୁତ୍ୱ ଦେଇଥିଲେ। ଅଧ୍ୟାପିକା ପ୍ରମିଳା କୁମାରୀ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସଂସ୍କୃତ ବିଭାଗ ଅଧ୍ୟାପକ ନିରଞ୍ଜନ ନାୟକ ପରିଚାଳନା କରିଥିବା ବେଳେ ରାଜନୀତି ବିଜ୍ଞାନର ଅଧ୍ୟାପକ ପ୍ରଶାନ୍ତ କୁମାର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।


## Odisha State Museum

Kalpana Square, Bhubaneswar-751014 (Odisha), Dist.-Khordha, Tel/Fax-0674-2431597
Email: supdt.museum@hotmail.com Website:www.odishamuseum.nic.in/index.htm

**NOTICE INVITING TENDER (NIT)**

E-Procurement Notice No.1827/OSM/Dated.28.11.2025 (On-line)

No.RR-31: Name of Work: Renovation Works for the Ornament Gallery, Including Upgraded Illumination, Enhanced Interior Display, And Installation of Digital Interactive Systems, as per the Approved Specifications of the Odisha State Museum, Bhubaneswar

| Sl. No. | Name of Work | Eligibility | Time of Comple-tion | E.M.D. (Through on-line transfer system) In Percentage | Cost of Tender Document (Through online transfer system) in Rs. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Inviting Reputed Vendors to Submit Their Bids For **Renovation Works for the Ornament Gallery, Including Upgraded Illumination, Enhanced Interior Display, And Installations of Digital Interactive Systems as per the Approved Specifications of the Odisha State Museum, Bhubaneswar** | Eligible Agency Experienced in Similar Works as Specified in the Tender Document | 60 Days | 6,00,000/- | 10,000/- (Non- Refundable) |

Availability of Tender in website Online: **From 29.11.2025, 10.00 AM to 19.12.2025, 5.00 PM**. Submission of Bid On-line: **From 29.11.2025, 10.00 AM to 19.12.2025, 5.00 PM**. Date & Time of Opening of Technical Bid: **20.12.2025, 12.30 PM. Further details can be seen from the Govt. website : www.tendersodisha.gov.in. Amendment, Corrigendum/ Cancellation if any shall be posted online only.**

OIPR-03015/11/0011/2526

Sd./- Superintendent of Museum, Odisha, Bhubaneswar

## ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠମଲ୍ଲିକ

ବିଜ୍ଞାପନ ସଂଖ୍ୟା ୨୬୮୭/ତାରିଖ ୨୭.୧୧.୨୦୨୫

**ବିଜ୍ଞାପନ**

No.C-1606:ଏତଦ୍ଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠମଲ୍ଲିକ ଅନ୍ତର୍ଭୁକ୍ତ ଥିବା ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଜଣାଇ ଦିଆଯାଉଅଛି କି ସମସ୍ତ ଗୃହକୁ ଜଳ ଯୋଗାଣ ଏବଂ ଜଳ କର ଆଦାୟ, ସହରାଞ୍ଚଳ ସ୍ୱଚ୍ଛତା ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀର ଜଣେ ସଦସ୍ୟଙ୍କୁ ଜଳ ସାଥୀ ଏବଂ ୨ ଜଣ ସଦସ୍ୟଙ୍କୁ ସ୍ୱଚ୍ଛ ସାଥୀ ଭାବରେ ଚୟନ କରାଯାଇ ନିଯୁକ୍ତି କରାଯିବ ।
ଏଣୁ ଇଚ୍ଛୁକ ସଦସ୍ୟଙ୍କର ନିମ୍ନଲିଖିତ ଯୋଗ୍ୟତା ଅନୁଯାୟୀ ବିଜ୍ଞାପିତ ଅଞ୍ଚଳରେ ତା.୨୮.୧୧.୨୦୨୫ ଠାରୁ ୧୫.୧୨.୨୦୨୫ ମଧ୍ୟରେ ଆବେଦନ କରିବାପାଇଁ ଜଣାଇ ଦିଆଗଲା ।

| ଜଳ ସାଥୀ | ସ୍ୱଚ୍ଛ ସାଥୀ |
|---|---|
| ୧. ସଦସ୍ୟାଙ୍କ ବୟସ ୧୮ରୁ ୪୫ ମଧ୍ୟରେ ହୋଇଥିବା ଆବଶ୍ୟକ ।<br>୨. ସଦସ୍ୟା ମାଟ୍ରିକ ପାସ କରିଥିବେ ଏବଂ ତାଙ୍କର ନିଜସ୍ୱ ସ୍ମାର୍ଟ ଫୋନ ଥିବା ଦରକାର ।<br>୩. ସଦସ୍ୟା ସ୍ୱୟଂ ସହାୟକ ଗୋଷ୍ଠୀରେ ଅନ୍ୟୁନ ୨ ବର୍ଷ କାମ କରିଥିବେ ।<br>୪. ସଦସ୍ୟାଙ୍କ ନିଜ ବ୍ୟାଙ୍କ ପାସବୁକ୍ ଏବଂ ଏ.ଟି.ଏମ. କାର୍ଡ ଥିବା ଆବଶ୍ୟକ ।<br>୫. ସେ ଓଡ଼ିଶା ସରକାରଙ୍କ ଅନ୍ୟ କୌଣସି କାର୍ଯ୍ୟକ୍ରମରେ କାମ କରୁନଥିବେ । | ୧.ସଦସ୍ୟାଙ୍କ ବୟସ ୧୮ ରୁ ୪୫ ମଧ୍ୟରେ ହୋଇଥିବା ଆବଶ୍ୟକ ।<br>୨. ସଦସ୍ୟା +୨ ପାସ୍ କରିଥିବେ । (ଯୋଗ୍ୟ ପ୍ରାର୍ଥୀଙ୍କ ଅନୁପଲବ୍ଧ କ୍ଷେତ୍ରରେ ଶିକ୍ଷାଗତ ଯୋଗ୍ୟତା କୋହଳ କରାଯାଇପାରେ)<br>୩. ସଦସ୍ୟାଙ୍କର ନିଜସ୍ୱ ସ୍ମାର୍ଟ ଫୋନ ଥିବା ଦରକାର ।<br>୪. ସଦସ୍ୟା ସ୍ୱୟଂ ସହାୟକ ଗୋଷ୍ଠୀରେ ଅନ୍ୟୁନ ୨ ବର୍ଷ କାମ କରିଥିବେ ।<br>୫. କଠିନ ବର୍ଜ୍ୟବସ୍ତୁ ପରିଚାଳନା ଦିଗରେ କାର୍ଯ୍ୟ କରିବାକୁ ଆଗ୍ରହୀ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ଅଗ୍ରାଧିକାର ଦିଆଯାଇପାରେ ।<br>୬. ବିଜ୍ଞାପିତ ଅଞ୍ଚଳ ପରିଷଦଗୁଡିକ ଏରିଆ ଲେଭଲ୍ ଫେଡେରେସନ (ALF) ସକ୍ରିୟ ଥିବା ସଦସ୍ୟଙ୍କୁ ଅଗ୍ରାଧିକାର ଦିଆଯାଇପାରେ । |

❖ ଯେକୌଣସି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା କୌଣସି ଗୋଟିଏ ପଦବୀ ପାଇଁ ଆବେଦନ କରିପାରିବେ ।
❖ ସଦସ୍ୟା ଯଦି କୌଣସି ଦାୟିତ୍ୱ ଏବଂ କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରନ୍ତି, ତାଙ୍କୁ ତୁରନ୍ତ ପରିବର୍ତ୍ତନ କରାଯାଇ ନୂତନ ସଦସ୍ୟାଙ୍କୁ ଚୟନ କରାଯିବ ।
❖ ସଦସ୍ୟା ସରକାରଙ୍କ ନିକଟରେ ଦୋଷୀ ସାବ୍ୟସ୍ତ ହୋଇନଥିବେ ଏବଂ ତାଙ୍କର ରାଜନୈତିକ ସଂପୃକ୍ତି ନଥିବ ।

ସ୍ୱା./–କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠମଲ୍ଲିକ

OIPR-13161/11/0016/2526

## ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ବୌଦ୍ଧ
## OFFICE OF THE ASSISTANT DIRECTOR OF TEXTILES, BOUDH

At/PO/Dist- Boudh -762014, Ph. No.-06841296260, E-mail: adtboudh@gmail.com

Notice No. 2491 / Dated. 28.11.2025

**QUOTATION CALL NOTICE FOR SKILL UPGRADATION TRAINING UNDER CAPACITY BUILDING**

**No.PP-40** : Sealed quotations are invited from registered suppliers/ manufacturers/firms/agency for supply of following tool kits for Dyeing Training & for the Tie and Dye making and Weaving Training to the trainees of Boudh Textiles Zone under Capacity Building Component of "Promotion of Handloom Industries" for the year 2024-25.

For more details, terms & condition etc., please visit the official website of SADHAC, Bhubaneswar (www.sadhacodisha.org) or official website of Odisha State Handloom Weavers Co-operative Societies Ltd, Bhubaneswar (www.boyanika.com) or official website of Sambalpuri Bastralaya Weavers Co-operative Societies Ltd, Bargarh (www.sambalpuribastralaya.com) or Official website of Boudh District administration (www.boudh.odisha.gov.in) and may contact the Assistant Director of Textiles, Boudh in the above mentioned address, Email Id & phone number. The last date of receipt of the quotation in this Office is Dt.22.12.2025 up to 5:30 PM.

The undersigned reserves the right to reject or accept any or all the quotations without assigning any reason thereof.

Sd./- Assistant Director of Textiles, Boudh

OIPR-31027/11/0005/2526

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## RURAL WORKS DIVISION, DEOGARH

E-mail: eerw_deogarh@yahoo.co.in

**1st Corrigendum to TCN No.SERWDGH-Online-08 of 2025-26 dtd.17.11.2025**

**No.O-1607:** In partial modification to this office Tender Call Notice No.08/2025-26 invited this office letter no.3692, dtd.17.11.2025, the date & time of availability of tender on online for bidding and date & time of opening of tender have been re-scheduled as follows.

(1) Period and time of availability of the bid documents dated 30.11.2025 to 09.12.2025 upto 5.00 PM instead of dated 21.11.2025 11.00 AM to 28.11.2025 upto 5.00 PM.

(2) Date and Time of Opening of tender on dated 11.12.2025 at 11.00 AM instead of 29.11.2025 at 11.00 AM

N.B.- Other term & conditions of the TCN are remain unchanged.

Sd./- Superintending Engineer
R.W.Division, Deogarh

OIPR-25087/11/0022/2526

## ODISHA STATE CIVIL SUPPLIES CORPORATION LTD., DHENKANAL

At-Mahisapat, Dist-Dhenkanal, Pin-759001

**TENDER CALL NOTICE**

File No-VIII/Esst./02/25-26

**No.CAD-2500:** The District office of OSCSC Ltd., Dhenkanal issued a Tender Call Notice vide letter No.2340 dated 27.11.2025 inviting sealed tenders from Travel Agency/Individual for hiring 01 (One) no of vehicle in the model Tiago/ Bolt/ Celerio etc. as per Finance Department Office Memorandum no. 15836, dt.27.05.2025 for Office use of the District Manager, OSCSC Limited, Dhenkanal.

The detailed Notice/Annexures inviting sealed tender will be available in the Office website of OSCSC Limited, Bhubaneswar i.e. www.oscsc.in

The intending Travel Agency/ Individual is requested to download the detailed notice from the above website.

LAST DATE OF RECEIVING OF APPLICATION/BID ONLY THROUGH REGD. POST/ SPEED POST/ COURIER SERVICE IS BY 8TH DECEMBER 2025 BY 2.30 P.M.

Sd./- CSO-cum-District Manager
OSCSC Ltd., Dhenkanal

OIPR-07029/11/0006/2526

## OFFICE OF THE NOTIFIED AREA COUNCIL, KABISURYANAGAR

At/Po: Kabisuryanagar, Dist:Ganjam, Pin-761104
Ph:06810-270099, Email:ksnnac@rediffmail.com

ପତ୍ର ସଂଖ୍ୟା 1916 ତା.26.11.25

**ନୋଟିସ୍**

**No.C-1588:** ଏତଦ୍ଦ୍ୱାରା କବିସୂର୍ଯ୍ୟନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା.୨୮.୧୧.୨୦୨୫ ରିଖ ଶୁକ୍ରବାର ଦିନ ସମୟ ଦିବା ଘ ୧୦.୦୦ଷ୍ଟା ପୂର୍ବରୁ ଉକ୍ତ ସ୍ଥାନରେ (ତଥା ଇଲେକ୍ଟ୍ରିକ ଅଫିସ ସାମ୍ନାରେ ଥିବା ପରିଷଦର ନିଜସ୍ୱ ଗୃହ ପୂର୍ବତନ ପ୍ରେସ କ୍ଲବ ଓ ଗୋପବନ୍ଧୁ ପାଠଶାଳା) ଥିବା ବ୍ୟକ୍ତିମାନେ ନିଜ ନିଜ ଆସବାବପତ୍ରକୁ ଖାଲି କରି କିମ୍ବା ଅନ୍ୟ ସ୍ଥାନାନ୍ତର ହୋଇ ଉକ୍ତ ଗୃହ କିମ୍ବା କୋଠାଗୁଡିକୁ ଖାଲି କରିଦିଅନ୍ତୁ । ଉପରୋକ୍ତ ଧାର୍ଯ୍ୟ ସମୟ ପରେ ଉକ୍ତ ଦର୍ଶିତ ବିପଦସଂକୁଳ ଅସୁରକ୍ଷିତ ଗୃହ କିମ୍ବା କୋଠାକୁ ପୂର୍ବ ନିର୍ଦ୍ଦେଶ ପ୍ରକାରେ ଭଙ୍ଗାଯିବ ।

ସ୍ୱା./–କାର୍ଯ୍ୟନିର୍ବାହୀ ଅଧିକାରୀ
କବିସୂର୍ଯ୍ୟନଗର ବିଜ୍ଞାପିତ ଅଞ୍ଚଳ ପରିଷଦ

OIPR-13208/11/0014/2526

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER U.K.HEAD WORKS DIVISION, KOLABNAGAR (K), PIN.764011

No.A-1011:

**e-Procurement Notice-SE-UKHWD-08/2025-26 Dated 28.11.2025 (ONLINE)**

1. Name of Work :: Civil Works
2. No. of Work :: 07 (Seven) Nos.
3. Approximate Value of Work :: 4.85 Lakhs to 12.70 Lakhs
4. Class of Contractor :: Registered & License Contractors of 'C' & 'D' Class
5. Period of Completion :: 03 (Three) Calendar Months
6. Date & Time of availability of bid documents online :: 29.11.2025 at 11.00 Hours to 08.12.2025 upto 18.00 Hours
7. Date & Place of Opening of Bid Online :: 09.12.2025 (11.30 Hours) at Office of the Superintending Engneer, UKHWD, Kolab Nagar
8. Name of the Officer Inviting Bids :: Superintending Engineer UKHWD, Kolab Nagar

Further details can be seen from the e-procurement portal http://tendersodisha.gov.in. Addendum/Corrigendum/Cancellation, if any, required will be published in Govt. website only.

Sd./- Superintending Engineer,
Upper Kolab Head Works Division
Kolabnagar

OIPR-32015/11/0048/2526

## OFFICE OF THE DIVISIONAL FOREST OFFICER, PURI WILD LIFE DIVISION
## CHAKRATIRTHA ROAD, PURI-752002

**SHORT TENDER CALL NOTICE FOR DISPOSAL OF CASHEW NUTS 2025 CROP.**

**No.MM-310** : Sealed tenders are invited for the sale of the 2025 cashew nut crop from Balukhanda and Konark (Wildlife) Ranges on "as is where" basis. **Tender documents will be available from 29/11/2025 at 10:00 AM** to the **last date of submission on 05/12/2025 by 3:00 PM,** for detailed information, please visit the official website: **www.odishaforest.in**

OIPR-08140/11/0020/2526 Sd./- DFO Puri (WL) Division

## PANCHAYAT SAMITI, RANGEILUNDA, KONISI

ANNECURA-A
BID IDENTIFICATION NO.02/2025-26
NIB NO. 6715/ Dated 26.11.2025

No.i-395 LIST OF WORKS PUT TO ON-LINE TENDER THROUGH e-Procurement

| Sl. No. | Name of the Project | Estimate Cost Put to Tender (in Rs.) | Earnest Money Deposit @1% of Tendered Value in Rs.) | Class of Contractor | Cost of BID document (Non-Refundable) | Cover Type | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of PACs Office Building at Allipur | 10,25,211.00 | 10252.00 | "D&C" Class | Rs.10,000.00 | Single Cover | 6th Calendar Month |
| 2 | Construction of PACs Office Building and Godown at Padmapur | 24,48,847.20 | 24488.00 | "B & C" Class | Rs.10,000.00 | Single Cover | 6th Calendar Month |
| 3 | Construction of PACs Office Building and Godown at Palur | 24,48,847.20 | 24488.00 | "B & C" Class | Rs.10,000.00 | Single Cover | 6th Calendar Month |
| 4 | Construction of PACs Office Building and Godown at Phulta | 24,48,847.20 | 24488.00 | "B & C" Class | Rs.10,000.00 | Single Cover | 6th Calendar Month |

By the Order of Block Development Officer
Sd./- Panchayat Samiti, Rangeilunda

OIPR-19424/11/0008/2526

## Government of Odisha

**Corrigendum to Bid Identification No. CCE.Ctc.(R&B) 8/2025-26**
**Tender Reference No. - CCE.Ctc.(R&B) 8/2025-26**

E-mail ID - sectcrb_2006@yahoo.co.in, Tel/Fax - 0671-2301751/2302751

**No.B-770** : The Bid availability period and Date of opening of the tenders have been modified due to unavoidable circumstances. The modified dates are as follows :

| Sl. No. | Bid Identification No. | Bid Availability period as per Tender Notice | Revised Bid Availability period | Bid opening Date as per Tender Notice | Revised opening Date |
|---|---|---|---|---|---|
| 1 | CCE.Ctc. (R&B)8/2025-26 | 04.11.2025 to 5.30 Hours of 18.11.2025 | 03.12.2025 to 5.30 Hours of 17.12.2025 | 19.11.2025 at 11.00 Hours | 18.12.2025 at 11.00 Hours |

All other terms and conditions remain unchanged. Further details can be seen from the website htpp://tendersodisha.gov.in.

Sd./- Chief Construction Engineer
Cuttack (R&B) Circle

OIPR-34012/11/0052/2526

## ODISHA STATE CIVIL SUPPLIES CORPORATION LTD., DHENKANAL

At - Mahisapat, Dist - Dhenkanal, Pin - 759001

**TENDER CALL NOTICE**

**File No - VIII/Esst./02/25-26**

**No.CAD-2507** : The District office of OSCSC Ltd., Dhenkanal issued a **Tender Call Notice vide letter No 2342 dated 27.11.2025** inviting sealed tenders from Travel Agency/Individual for hiring **01 (one)** no. of vehicle in the model **TUV 300/Bolero/Sumo Gold/Ertiga etc.** as per Finance Department Office Memorandum no. 15836 dt. 27.05.2025 for Supervision of Paddy Procurement operation for the KMS: 2025-26 in the O/o the District Manager, OSCSC Limited, Dhenkanal.

The detailed Notice/Annexures inviting sealed tender will be available in the Office website of OSCSC Limited, Bhubaneswar i.e WWW.OSCSC.in

The intending Travel Agency/Individual is requested to download the detailed notice from the above website.

**LAST DATE OF RECEIVING OF APPLICATION/BID ONLY THROUGH REGD.POST /SPEED POST/COURIER SERVICE IS BY 8th DECEMBER 2025 BY 2.30 P.M.**

Sd./- CSO-cum-District Manager
OSCSC Ltd., Dhenkanal

OIPR-07029/11/0007/2526

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## MINOR IRRIGATION DIVISION, MAYURBHANJ

Tel. No. (06792)260788, e-Mail ID : mi.mayurbhanj@yahoo.co.in

**"e" Procurement Notice**
**No.4347 Dated 26.11.2025**
**Identification No. - S.E.M.I.D. MBJ. No. - 21/MID, MBJ/2025-26**

**No.A-1001** : The Superintending Engineer, M.I. Division, Mayurbhanj on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | |
|---|---|---|
| 1 | Name of works | Civil Construction works as mentioned in the website |
| 2 | Total No. of work | 12 Nos |
| 3 | Tender amount | 10.11 Lakh to 12.56 Lakh (Detail of work Annexed) |
| 4 | Class of Contractor | As Mentioned against Work |
| 5 | Period of Completion | As Mentioned against Work |
| 6 | Date & time of Availability of Bid Document in the Portal | 01.12.2025 at 10.00 A.M. to 11.12.2025 up to 5.00 P.M. |
| 7 | Last Date / Time for receipt of Bids in the Portal | 11.12.2025 up to 5.00 P.M. |
| 8 | Date/Time of Opening of Technical Bid | 12.12.2025 at 11.00 A.M. |
| 9 | Name and Address of the Officer Inviting the Bid | Superintending Engineer, M.I.Division, Mayurbhanj |
| 10 | Mode of Payment of Bid Cost | Online |
| 11 | Further details can be seen from the "e" Procurement Portal "https://tendersorissa.gov.in" | |

Sd./- Superintending Engineer
Minor Irrigation Division, Mayurbhanj

OIPR-32041/11/0021/2526

## OFFICE OF THE NOTIFIED AREA COUNCIL, BHUBAN

e-Mail: bhubann.hud@nic.in

**INVITATION FOR BIDS**

No.C-1604: **E-Procurement Notice-04/2025-26**
**Tender Call Notice No-2064/BBN NAC Dt.27.11.2025**

1. Name of the Work : 09 Numbers of Civil Construction Works as in the DTCN published in the website
2. Estimated Cost : Varies from Rs.5.2 Lakhs to Rs.13 Lakhs
3. Period of Completion : One Month to Three Months
4. Date and time of availability of bid document in the portal : From 11.00 A.M. of Dt.01.12.2025 to 5.00 P.M. of Dt.15.12.2025
5. Last date/time for receipt of bid in the portal : 5.00 P.M. of Dt.15.12.2025
6. Last date of submission of bid document through Regd.Post/ Speed Post : 5.00 P.M. of Dt.15.12.2025
7. Date and Time of opening of Bid : 11.00 AM hours of Dt.16.12.2025
8. Name and address of the Officer Inviting Bid : Executive Officer, Bhuban NAC

Further details can be seen from the e-procurement portal http://tenderorissa.gov.in.

Sd./- Executive Officer
Bhuban N.A.C.

OIPR-13096/11/0015/2526

## GOVERNMENT OF ODISHA
## DEPARTMENT OF WATER RESOURCES
## Office of the Additional Chief Engineer, Drainage Circle, Balasore

No.A-981

Email id : sedcbls@yahoo.com

**"e" PROCUREMENT NOTICE NO. ACEDCBLS-15/2025-26**

| | | | |
|---|---|---|---|
| 1 | Name of work | : | Drainage works (Under D.I.P. Scheme) |
| 2 | Total No. of Project | : | 3 Nos. of Individual work |
| 3 | Estimated cost of individual works | : | Varies from Rs.2,02,79,343/- to 6,30,68,437/- (Excluding G.S.T.) |
| 4 | Period of completion | : | 11 (Eleven) Calendar months |
| 5 | Bid Identification Number | : | ACEDCBLS/DDBLS-01-15/2025-26<br>ACEDCBLS/DDBLS-02-15/2025-26<br>ACEDCBLS/DDBLS-03-15/2025-26 |
| 6 | Date & Time of availability of Bid document in the Portal | : | From Dt.01.12.2025 at 10.00 hours to Dt.15.12..2025 at 17.00 hours |
| 7 | Date & Time for receipt of Bid document in the Portal | : | From Dt.01.12.2025 at 10.00 hours to Dt.15.12.2025 at 17.00 hours |
| 8 | Date of Opening of Technical Bid | : | Dt.16.12.2025 at 11.30 hours in the Office of the Additional Chief Engineering, Drainage Circle, Balasore |
| 9 | Date of Opening of Financial bid | : | To be uploaded in portal |
| 10 | Cost of Tender Paper | : | Rs.10,000.00 |
| 11 | Procurement Officer/Name & address of the officer inviting Bids | : | Additional Chief Engineer, Drainage Circle, Balasore |

Further details can be seen from the Govt. Website **www.tendersorissa.gov.in**

Sd./- Additional Chief Engineer
Drainage Circle, Balasore

OIPR-32190/11/0034/2526

# ନିଆଁଲାଗି ଜଳିଗଲା କାର



ଢେଙ୍କାନାଳ,୨୯।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ସିମିନଇ ଅଞ୍ଚଳରେ ଶନିବାର ସକାଳ ପ୍ରାୟ ସାଢେ ୬ଟା ସମୟରେ ଏକ ଧଳା ରଙ୍ଗର କାର ନିଆଁ ଲାଗି ଜଳିଯାଇଥିଲା । ଖବରପାଇ ଢେଙ୍କାନାଳରୁ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । କାରରେ କିଭଳି ନିଆଁ ଲାଗିଲା ଏହାର କାରଣ ଅସ୍ପଷ୍ଟ ରହିଛି । ଏହାକୁ ନେଇ ତଦନ୍ତ ଜାରି ରହିଛି । କ୍ଷୟକ୍ଷତିର ମଧ୍ୟର ଆକଳନ କରାଯାଉଛି ବୋଲି ଜିଲା ଅଗ୍ନିଶମ ସେବା ଅଧିକାରୀ ପ୍ରଶାନ୍ତ କୁମାର ଧଳଙ୍କ ସୂଚନାରୁ ଜଣାପଡ଼ିଛି ।

# ବ୍ରାହ୍ମଣୀ ବନ୍ଦାଣ ଓ ନାଗନାଥେଶ୍ୱର ମହୋତ୍ସବ ଉଦ୍‌ଘାଟିତ

ଢେଙ୍କାନାଳ,୨୯।୧୧(ରତନ ନାୟାର)



ଢେଙ୍କାନାଳ ଜିଲା ସଦର ବ୍ଲକ ବଣସିଂହ ଓ ଚାଉଳିଆ ଗ୍ରାମପଂଚାୟତର ବଡ ନାଗେନାସ୍ଥିତ ଉତ୍କଳର ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ଶ୍ରୀଶ୍ରୀ ନାଗନାଥେଶ୍ୱର ମହାଦେବଙ୍କର ପୀଠରେ ୪ର୍ଥ ବ୍ରାହ୍ମଣୀ ବନ୍ଦାଣ ଓ ନାଗନାଥେଶ୍ୱର ମହୋତ୍ସବ ଶନିବାର ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରି ଯୁବରାଜ ଅମରଜ୍ୟୋତି ସିଂହଦେଓ କହିଲେ ଯେ, ଏଭଳି ପୀଠରେ ବ୍ରାହ୍ମଣୀ ବନ୍ଦାଣ ଏବଂ ଶ୍ରୀନାଗନାଥେଶ୍ୱର ମହାଦେବଙ୍କର ମହିମା ପ୍ରଚାର ଏବଂ ପୀଠର ଉନ୍ନତୀକରଣ କ୍ଷେତ୍ରରେ ମହୋତ୍ସବ ପ୍ରମୁଖ ଭୂମିକା ହୋଇଛି। କାର୍ଯ୍ୟକ୍ରମରେ ଯୋଗଦେଇ ସନ୍ଥ ସଦାନନ୍ଦା ଦାସମହାରାଜ, ପୀଠର ମହାତ୍ମ୍ୟ ଏବଂ ଉତ୍ତରବାହୀ ଗଙ୍ଗା କୁହାଯାଉଥିବା ବ୍ରାହ୍ମଣୀ ନଦୀର ପବିତ୍ରତା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟତମ ଅତିଥି ଭାବେ ଯୋଗଦେଇ ସଦର ତହସିଲଦାର ସ୍ୱାଧୀନ ବେହେରା, ସଦର ବ୍ଲକ ଅଧ୍ୟକ୍ଷ କାଳନ୍ଦୀ ଚରଣ ବାରିକ, ଚାଉଳିଆ ସରପଞ୍ଚ ବାବୁଲି ରାଉତ, ବଣସିଂହ ସରପଞ୍ଚ ପ୍ରମିଳା ବେହେରା, ସମାଜସେବୀ ପ୍ରେମଶଙ୍କର ମିଶ୍ର, ବିଶିଷ୍ଟ ନାଟ୍ୟକାର ଶତ୍ରୁଘ୍ନ ମାଟି ପ୍ରମୁଖ ମହାପ୍ରଭୁ ଶ୍ରୀଶ୍ରୀ ନାଗନାଥେଶ୍ୱର ଓ ବ୍ରାହ୍ମଣୀ ବନ୍ଦାଣର ମହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ । ନାଗନାଥେଶ୍ୱର ଉନ୍ନୟନ ପରିଷଦ ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ଏବଂ ଓଡିଆ ଭାଷା ସାହିତ୍ୟ ସହଯୋଗରେ ଆୟୋଜିତ ଏହି ମହୋତ୍ସବରେ କମିଟିର ସଭାପତି ସୁଦାମ ଚରଣ ବେହେରା ସଭାପତିତ୍ୱ କରିଥିଲେ । ସମ୍ପାଦକ ଆଲୋକଚନ୍ଦ୍ର ପଣ୍ଡା ବିବରଣୀ ପାଠ କରିଥିଲେ । ଉପଦେଷ୍ଟା ଅବନୀ କୁମାର ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଗୀତିକାର ଅବନୀ ମିଶ୍ରଙ୍କର ରଚନାରେ ସଙ୍ଗୀତ ନିର୍ଦ୍ଦେଶକ ରଶ୍ମିରଞ୍ଜନ ପଣ୍ଡାଙ୍କ ନିର୍ଦ୍ଦେଶନାରେ କଣ୍ଠଶିଳ୍ପୀ ପମି ମିଶ୍ରଙ୍କ କଣ୍ଠରେ ବାବା ନାଗନାଥେଶ୍ୱରଙ୍କ ଏକ ଭଜନ 'ଶମ୍ଭୁ ନାଗନାଥେଶ୍ୱର' ଲୋକାର୍ପିତ ହୋଇଥିଲା । ବିକାଶ ରଥ ଧନ୍ୟବାଦ ପ୍ରଦାନ କରିଥିଲେ । ଅପରାହ୍ନରେ ଉତରାୟଣୀ ମା' ବ୍ରାହ୍ମଣୀ ଦେବୀଙ୍କ ଦିବ୍ୟ ଆଳତୀ କରି ପୂଜାର୍ଚ୍ଚନା ଓ ଘଣ୍ଟଶଙ୍ଖ ଧ୍ୱାନୀରେ ବନ୍ଦାଣ କାର୍ଯ୍ୟ ହୋଇଥିଲା । ଏହାପରେ ଭଜନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ନାଗନାଥେଶ୍ୱର ମହୋତ୍ସବ ଅନୁଷ୍ଠିତ ହେବ ।

# ବ୍ଲକ୍‌ସ୍ତରୀୟ ମୋ ଢେଙ୍କାନାଳ ମହୋତ୍ସବ



କାମାକ୍ଷାନଗର,୨୯।୧୧
(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ ରାମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଗୁରୁଦେବଜୀ ଫାଉଣ୍ଡେଶନ ତରଫରୁ କଙ୍କଡାହାଡ଼ ବ୍ଲକସ୍ତରୀୟ ମୋ ଢେଙ୍କାନାଳ ମହୋତ୍ସବ ଓ ପ୍ରତିଭା ପରିଚୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା, ସଙ୍ଗୀତ, ନୃତ୍ୟ ଓ ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କଙ୍କଡାହାଡ଼ ବ୍ଲକର ବିଭିନ୍ନ ସ୍କୁଲର ପ୍ରାୟ ୩୮୦ ଛାତ୍ରୀଛାତ୍ର ଯୋଗଦେଇ ପ୍ରତିଭା ପ୍ରଦର୍ଶନ କରିଥିଲେ। ଜିଲା ଭାଜପା ସଭାପତି ରାସବିହାରୀ ବେହେରା ଉଦଘାଟକ ତଥା ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ଦାସ, କଙ୍କଡାହାଡ଼ ଥାନା ଅଧିକାରୀ କଳ୍ପନା ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସାହୁ, ରାମେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ କୁମାର ସାହୁ ଏବଂ ପ୍ରତିଷ୍ଠାତା ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ ଉତ୍ସବରେ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଏମ୍‌ପି ମହେଶ ସାହୁ, କଙ୍କଡାହାଡ଼ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର ଓ ଉପାଧ୍ୟକ୍ଷା ଦୀପା ସାହୁ, ଆମ୍ବା ଅଧ୍ୟକ୍ଷ ରମେଶ ମିଶ୍ର, ବ୍ଲକ ସାମ୍ବାଦିକ ସଂଘର ସଭାପତି ରାଜେଶ କୁମାର ଦେହୁରି, ବରିଷ୍ଠ ସାମ୍ବାଦିକ ପାଣ୍ଡବ ଚରଣ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଫାଉଣ୍ଡେଶନର ସଦସ୍ୟ ସନ୍ଦୀପ କର ପରିଚାଳନା କରିଥିବା ବେଳେ ଲିଟୁ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ।

ଢେଙ୍କାନାଳ,୨୯।୧୧(ରତନ ନାୟାର)

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ମଠକରଗୋଳା ମହାବିଦ୍ୟାଳୟରେ ଶୂନ୍ୟ ମୃତାହତ ପକ୍ଷ ପାଳନ ଅବସରରେ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ସହାୟତା କ୍ରମେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଭାରତ ସ୍କାଉଟ୍ ଓ ଗାଇଡ ତଥା ଯୁବ ରେଡକ୍ରସ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦାଶ ସଭାପତିତ୍ୱ କରି ସଡ଼କ ସୁରକ୍ଷା ନୀତି ପାଳନ ଓ ପରିବହନ ନିୟମାବଳୀର ସଫଳ କାର୍ଯ୍ୟାନ୍ୱୟନ ଉପରେ ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ମୁଖ୍ୟ ଅତିଥି ଓ ପ୍ରଶିକ୍ଷକ ଭାବେ ସହ ଆଞ୍ଚଳିକ ପରିବହନ ଅଧିକାରୀ ସାର୍ଥକ ଦତ୍ତ ଯୋଗଦେଇ ଶୂନ୍ୟ ମୃତାହତ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ନିରାପଦ ଗାଡ଼ି ଚାଳନା ପାଇଁ ସେ ନିଶାମୁକ୍ତ, ଆବଶ୍ୟକୀୟ ଗତି, ଦୂରାଭାଷ ଯନ୍ତ୍ରର ବ୍ୟବହାରର କଟକଣା ତଥା ଟ୍ରାଫିକ ନିୟମାବଳୀର ଶତ ପ୍ରତିଶତ ପାଳନ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅନ୍ୟତମ ପ୍ରଶିକ୍ଷକ ରାକେଶ ରଞ୍ଜନ ସାହୁ ଓ ରାଜ୍ୟ ରେଡ୍‌କ୍ରସ୍ ସୋସାଇଟିର ସଭ୍ୟ ବିରଞ୍ଚି ନାରାୟଣ ପାଣି ପ୍ରମୁଖ ଶୂନ୍ୟ ମୃତାହତ ପକ୍ଷ ପାଳନର ବିଭିନ୍ନ ଦିଗ ଯଥା ଟ୍ରାଫିକ ନିୟମାବଳୀ, ଶୂନ୍ୟ ମୃତାହତ, ଟ୍ରାଫିକ ସଂକେତ, ଗାଡ଼ି ଚାଳନାରେ ନିରାପଦ ବେଗ ଓ ଆଇନ ଉଲଙ୍ଘନ ପାଇଁ ଥିବା ଜରିମାନା ଓ ଦଣ୍ଡ ଇତ୍ୟାଦି ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଭ୍ୟନ୍ତରୀଣ ଗୁଣବତ୍ତା ପ୍ରକୋଷ୍ଠର ସଂଯୋଜିକା ସ୍ୱପ୍ନିତକ୍ଷ ରାଉତ, ଅଧ୍ୟାପକ ସୁଧାଂଶୁ ଶେଖର ପାତ୍ର, ଶ୍ରଦ୍ଧାଞ୍ଜଳି ସ୍ୱାଇଁ, ନବ କିଶୋର ସି, ଅର୍ଚ୍ଚିତା ମହାମାନସିଂ ଓ ଲଳିତ କୁମାର ବେହେରା ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ନିରାପଦ ଓ ସୁରକ୍ଷିତ ଜୀବନଯାପନ ପାଇଁ ଉପଦେଶ ପ୍ରଦାନ କରିଥିଲେ। ବିନୟ କୁମାର ଦାସ, ଶୁଭେନ୍ଦୁ ପରିଡ଼ା, ରଶ୍ମିରଞ୍ଜନ ମହାପାତ୍ର ଓ ଛାତ୍ରୀ ସାବିତ୍ରୀ ବେହେରା ବୈଷୟିକ ସହାୟତା ପ୍ରଦାନ କରିଥିଲେ। ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ପ୍ରଦୀପ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପାରିବାରିକ ସମ୍ପର୍କ କାର୍ଯ୍ୟକ୍ରମ

ଢେଙ୍କାନାଳ,୨୯।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କରମୁଳ ଗ୍ରାମ ପଞ୍ଚାୟତ ଆମ୍ବପଡ଼ା ସରସ୍ୱତୀ ଶିଶୁମନ୍ଦିର ପରିସରରର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକ ଉପଲକ୍ଷେ ପାରିବାରିକ ସମ୍ପର୍କ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହେଇଯାଇଛି । ଡିସେମ୍ବର ୧ରୁ ଏକମାସ ପର୍ଯ୍ୟନ୍ତ ପ୍ରତ୍ୟେକ ଗ୍ରାମ ପଞ୍ଚାୟତର ପ୍ରତି ଗ୍ରାମର ସଂଘର ପାରିବାରିକ ସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସ୍ୱଦେଶୀ ଜାଗରଣ ମଞ୍ଚର ଜିଲା ସଂଯୋଜକ ଯଦୁ ନନ୍ଦନ ଦାଶ, ସ୍ୱଦେଶୀ ଜାଗରଣ ମଞ୍ଚର ପ୍ରଚାର ପ୍ରମୁଖ ଜିତେନ୍ଦ୍ର ପାଣି, କୋଷାଧ୍ୟକ୍ଷ ହରିନାରାୟଣ ଦାଶ, ସ୍ୱଦେଶୀ ଜାଗରଣ ମଞ୍ଚର ବରିଷ୍ଠ ସଭ୍ୟ ଅନ୍ନଦା ଶଙ୍କର ପତି, ଆମ୍ବପଡ଼ା ଶିଶୁ ମନ୍ଦିର ସମ୍ପାଦକ ପ୍ରଦ୍ୟୁମ୍ନ ପଣ୍ଡା, ସଭାପତି ଜୟରାମ ସାହୁ, ଉପସଭାପତି ଜୟଦେବ ସାହୁ, ଜିଲା ବୌଦ୍ଧିକ ପ୍ରମୁଖ ଅଶ୍ୱିନୀ କୁମାର ପତି, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ସିଦ୍ଧାର୍ଥ ଶଙ୍କର ସାମଲ, ବିଶ୍ୱହିନ୍ଦୁ ପରିଷଦର ସଦସ୍ୟ କରଣ ବେହେରା, ମହିମା ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ପ୍ରଭାତ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଏବିଭିପି ରାଜ୍ୟ ସଂଗଠନ ସଂପାଦକ ନିର୍ମଳ କୁମାର ଷଡ଼ଙ୍ଗୀଙ୍କର ଦେହାନ୍ତରେ ଏକ ମିନିଟ ନିରବ ପାର୍ଥନା କରାଯାଇଥିଲା ।

## ୨ ବାଲି ବୋଝେଇ ଟ୍ରକ୍ ଜବତ

ଗଁଦିଆ,୨୯।୧୧(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ଥାନା ପକ୍ଷରୁ ଶୁକ୍ରବାର ରାତିରେ ବେଆଇନ ଭାବେ ବାଲି ଚୋରାଚାଲାଣ ହେଉଥିବା ଓଡି.୦୪-ଏଚ୍-୦୬୮୫ ଓ ଓଡି.୦୯-ପି-୧୩୦୬ନଂ ଥିବା ଦୁଇ ହାଇୱା ଗାଡିକୁ ଜବତ କରାଯାଇଛି । ଗଁଦିଆ ଥାନା ଅଧିକାରୀ ଶାନ୍ତନୁ ପ୍ରଧାନଙ୍କ ନେତୃତ୍ୱରେ ଚଢାଉ କରାଯାଇ ଗାଡ଼ିଗୁଡିକୁ ଜବତ କରାଯାଇଛି। ତନ୍ମଧ୍ୟରୁ ଗୋଟିଏ ଗାଡ଼ି ଷଡ଼ଙ୍ଗୀ ସବଷ୍ଟେଶନ ନିକଟରୁ ଜବତ କରାଯାଇଥିବା ବେଳେ ଆଉ ଗୋଟିଏ ଗାଡ଼ି ମନ୍ଦାର ଛକ ନିକଟରୁ ଜବତ କରାଯାଇଛି। ଏନେଇ ଗଁଦିଆ ଥାନାରେ ପୃଥକ ପୃଥକ ଭାବେ କେସ୍ ନଂ. ୪୬୪/୨୫ ଓ ୪୬୫/୨୫ ରୁଜୁ କରାଯାଇ ଶନିବାର ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇ ଯୁବକ ମୃତ

ରାସୋଲ,୨୯।୧୧(ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ରାସୋଲ ଥାନା ଖଲିବୋରେଇ ଗ୍ରାମରେ ଶନିବାର ଅପରାହ୍ନରେ ବିଦ୍ୟୁତ ଖୁଣ୍ଟରେ ପିଟିହୋଇ ସିଦ୍ଧାନ୍ତ ସାମଲ (୨୨)ଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । ଗ୍ରାମର ଦୁଇଜଣ ଯୁବକ ଏକ ବାଇକ୍‌ରେ ଆସୁଥିବା ବେଳେ ଗାଁ ମୁଣ୍ଡରେ ଏକ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇଯାଇଥିଲେ । ଫଳରେ ଗୁରୁତର ଅବସ୍ଥାରେ ସିଦ୍ଧାନ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ । ଅନ୍ୟ ଜଣଙ୍କୁ ହିନ୍ଦୋଳ ଡାକ୍ତରଖାନା ଓ ପରେ ଅନୁଗୋଳ ସ୍ଥାନାନ୍ତର କରାଯାଇଛି । ତାଙ୍କର ପରିଚୟ ଜଣାପଡିନାହିଁ।


**ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍**
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବ୍‌ସାଇଟ୍ www.coalindia.in, ସଂପୃକ୍ତ ସହାୟକ କମ୍ପାନି (MCL, www.mahanadicoal.in), CIL ଇ-ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://coalindiatenders.nic.in ଏବଂ ସେଣ୍ଟ୍ରାଲ ପବ୍ଲିକ୍ ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ହେଉଛି। ଏତଦ୍‌ବ୍ୟତୀତ, GeM ପୋର୍ଟାଲ https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5276

**OFFICE OF THE MUNICIPAL COUNCIL, MALKANGIR**
ODISHA, PIN - 764045
Ph.: 06861-230244, e-Mail: eomalkangiri@gmail.com

**ନିବେଦନ**

ମାଲକାନଗିରି ସହରର ସମସ୍ତ ନାଗରିକଙ୍କୁ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ।

୦୧. ସହରର ସମସ୍ତ ବ୍ୟବସାୟୀ ନିଜନିଜର ବ୍ୟବସାୟ ପ୍ରତିଷ୍ଠାନ ଉତ୍ପନ୍ନ ବର୍ଜ୍ୟବସ୍ତୁ ପୃଥକ୍ ପୃଥକ୍ ଭାବେ (ଓଦା ଓ ଶୁଖିଲା) ସଂଗୃହୀତ କରି ରଖିବେ ଏବଂ ତତ୍ପରଦିନ ପୂର୍ବାହ୍ନରେ ପରିଷଦର ଆବର୍ଜନା ବାହନରେ ପକାଇବେ।
୦୨. ସେହିଭଳି ସହରର ସମସ୍ତ ନାଗରିକ ମଧ୍ୟ ନିଜ ଗୃହରେ ଉତ୍ପନ୍ନ ବର୍ଜ୍ୟବସ୍ତୁ ପୃଥକ୍ ପୃଥକ୍ ଭାବେ (ଓଦା ଓ ଶୁଖିଲା) ଆବର୍ଜନା ବାହନରେ ପକାଇବେ।
୦୩. କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା: ଗାଈ, ମଇଁଷି, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ।
୦୪. ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade Licence) ପୌରପରିଷଦ, ମାଲକାନଗିରିଙ୍କଠାରୁ ଗ୍ରହଣ କରିବା ନିତାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟ ସ୍ଥଳୀରେ ଲଗାଇ ରଖିବେ।
୦୫. ଦୁଇଚକିଆ ଓ ଚାରିଚକିଆ ଯାନ ରାଜରାସ୍ତା ଉପରେ ରଖି ଅବରୋଧ କରନ୍ତୁ ନାହିଁ।
୦୬. ପଲିଥିନ ବ୍ୟାଗ ବ୍ୟବହାରଠାରୁ ଦୂରେଇ ରୁହନ୍ତୁ।
୦୭. ପରିଷଦର ଟିକସ ଆଦି ଠିକ୍ ସମୟରେ ପୈଠ କରନ୍ତୁ।

ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା।

ଅଧ୍ୟକ୍ଷ, ପୌରପରିଷଦ, ମାଲକାନଗିରି
ସ୍ୱା./- କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌରପରିଷଦ, ମାଲକାନଗିରି

**ଭାରତୀୟ ରିଜର୍ଭ ବ୍ୟାଙ୍କ୍**
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା ସ୍ଥିତ ନିଜର ଅଫିସର କ୍ୱାର୍ଟର୍ସରେ ବ୍ଲକ ଏ ରୁ ଇ ଏବଂ କମ୍ୟୁନିଟି ହଲ୍ କୁ ଛାଡି ବିଭିନ୍ନ ବ୍ଲକ ରେ ଥିବା ଏମଏସ / କାଠ ୱିଣ୍ଡୋଗୁଡିକୁ uPVC ୱିଣ୍ଡୋ ସହିତ ବଦଳାଇବା ପାଇଁ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଡ଼ିସେମ୍ବର 16, 2025 ଅପରାହ୍ନ 02:00 ଟା** ଅଟେ ।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ବି-୨, ପଶ୍ଚିମ, ୨ୟ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଇ-ମେଲ: 0815samd@iob.in

**ଗାଡି ନିଲାମ ବିକ୍ରୟ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ନିମ୍ନଲିଖିତ ଋଣଗ୍ରହୀତା, ଆଇନଗତ ଉତ୍ତରାଧିକାରୀମାନଙ୍କୁ ଜଣାଇ ଦିଆଯାଉଅଛି କି, ବ୍ୟାଙ୍କ ଦ୍ୱାରା ବାରମ୍ବାର ନୋଟିସ୍ ଜାରି ହେବା ସତ୍ତ୍ୱେ ମଧ୍ୟ ସେମାନେ ସେମାନଙ୍କର ବ୍ୟାଙ୍କ ଦେୟ ପୈଠ କରୁନାହାଁନ୍ତି। ତେଣୁ ଆଇନ ଅନୁଯାୟୀ ନିମ୍ନ ସାରଣୀରେ ଦର୍ଶାଯାଇଥିବା ଗାଡି ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ନିମ୍ନଲିଖିତ ଶାଖା ଦ୍ୱାରା ଜବତ କରାଯାଇଅଛି। ଏହି ନୋଟିସ୍ ଦ୍ୱାରା ସୂଚିତ କରାଯାଉଛି କି, ସ୍ଥିର କରାଯାଇଥିବା ନିଲାମ ତାରିଖ ପୂର୍ବରୁ ସେମାନେ ସେମାନଙ୍କର ସମ୍ପୂର୍ଣ୍ଣ ବକେୟା ଦେୟ ପୈଠ କରନ୍ତୁ ନଚେତ ଗାଡିକୁ ସର୍ବସାଧାରଣ ନିଲାମରେ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ଆଇନ ଅନୁଯାୟୀ ସେମାନଙ୍କ ଠାରୁ ଆଦାୟ କରାଯିବ।

**ନିଲାମ ଏବଂ ବିଡ୍ ଫର୍ମ ଖୋଲିବା ତାରିଖ : ତା.୧୯.୧୨.୨୦୨୫ରିଖ ଅପରାହ୍ନ ୩.୦୦ ଘଟିକାରେ ।**

| ଶାଖାର ନାମ ସହିତ ଫୋନ ନମ୍ବର | ଋଣଗ୍ରହୀତାମାନଙ୍କ ନାମ ସହିତ ଋଣ ଆକାଉଣ୍ଟ ନଂ. | ଗାଡିର ପ୍ରକାର / ନିର୍ମାଣ ବର୍ଷ | ପଞ୍ଜିକୃତ ନମ୍ବର / ଇଞ୍ଜିନ୍ ନଂ. / ଚେଚିସ୍ ନଂ. | ସଂରକ୍ଷିତ ମୂଲ୍ୟ |
|---|---|---|---|---|
| ଚନ୍ଦ୍ରଶେଖରପୁର ଶାଖା / ୯୦୪୦୦୦୭୪୩୪ | ମେସର୍ସ କୁନାଲ ରୋଡୱେଜ୍ ୧୪୭୬୦୩୭୦୧୦୦୦୦୦୫ | SML ISUZU LTD / 04-2023 | OD05BM5727 / SLT6CM289227 / MBUZT54ADM0298055 | ଟ.୫,୦୦,୦୦୦/- |
| ଷ୍ଟକ୍‌ୟାର୍ଡ- ପାତ୍ରପଡା ଷ୍ଟକୟାର୍ଡ, ଉଦୟଗିରି ବିହାର, ପାତ୍ରପଡା, ଯୋଗାଯୋଗ ବ୍ୟକ୍ତି : ଜିତେନ୍ଦ୍ର ନାୟକ, ମୋ.: ୯୯୩୮୧୬୧୪୧୫ | | | | |
| ଚନ୍ଦ୍ରଶେଖରପୁର ଶାଖା / ୯୦୪୦୦୦୭୪୩୪ | ମେସର୍ସ କୁନାଲ ରୋଡୱେଜ୍ ୧୪୭୬୦୩୭୦୧୦୦୦୦୦୩ | SML ISUZU LTD / 04-2023 | OD02CK5727 / SLT6DM289831 / MBUZT54ADM0298563 | ଟ.୫,୦୦,୦୦୦/- |
| ଷ୍ଟକ୍‌ୟାର୍ଡ- ପଦ୍ମା ଷ୍ଟକୟାର୍ଡ, ଲକ୍ଷେଶ୍ୱର ମନ୍ଦିର ନିକଟ, ପାହାଳ, ଭୁବନେଶ୍ୱର, ପିନ୍-୭୫୪୦୦୧, ଯୋଗାଯୋଗ ବ୍ୟକ୍ତି : ଉମାକାନ୍ତ ମହାନ୍ତି, ମୋ.: ୯୪୩୭୮୮୯୭୪୧ | | | | |
| ସିଉଲା ଗୁଡିଆପୋଖରୀ ଶାଖା / ୯୩୩୮୬୯୮୭୧୩ | ଶ୍ରୀ ବିଷ୍ଣୁ ଚରଣ ପରିଡା ୩୦୫୦୦୩୫୨୦୦୦୦୦୦୧ | ZOOMLION FH SPEEDSTER 88 COMBINE HARVESTER | NA / Q200791203G / ZLPZ-B02663GW | ଟ.୩,୫୦,୦୦୦/- |
| ଷ୍ଟକ୍‌ୟାର୍ଡ- ଭବ୍ୟା ପାର୍କିଂ ସର୍ଭିସେସ୍, ପ୍ଲଟ ନଂ.: ୩୨/୫୮୪, ରେବତୀ ନଗର, ଶିଶୁପାଳଗଡ, ପୁରୀ କଟକ ବାଏପାସ୍ ରୋଡ, ଭୁବନେଶ୍ୱର-୭୫୧୦୨୨, ଯୋଗାଯୋଗ ବ୍ୟକ୍ତି : ବିପିନ ସାହୁ, ମୋ.: ୭୯୭୮୩୧୨୧୦୧ | | | | |
| ସିଉଲା ଗୁଡିଆପୋଖରୀ ଶାଖା / ୯୩୩୮୬୯୮୭୧୩ | ଶ୍ରୀ ରାଜେନ୍ଦ୍ର ସାହୁ ୩୦୫୦୦୩୭୦୭୦୦୦୦୦୧୧ | ZOOMLION FH SPEEDSTER 88 COMBINE HARVESTER | NA / Q210991452G / ZLPZ-D03146PW | ଟ.୩,୫୦,୦୦୦/- |
| ଷ୍ଟକ୍‌ୟାର୍ଡ- ପଦ୍ମା ଷ୍ଟକ୍‌ୟାର୍ଡ, ନଖରା, ଓଡିଶା, ଯୋଗାଯୋଗ ବ୍ୟକ୍ତି : ବିପିନ ସାହୁ, ମୋ.: ୭୯୭୮୩୧୨୧୦୧ | | | | |

ନିଲାମ ସ୍ଥାନ : ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ଏସ୍‌ଏଏମ୍‌ଡି ଡିପାର୍ଟମେଣ୍ଟ, କ୍ଷେତ୍ରୀୟ କାର୍ଯ୍ୟାଳୟ, ବି-୨, ପଶ୍ଚିମ, ୨ୟ ମହଲା, ଶହୀଦ ନଗର, ଭୁବନେଶ୍ୱର, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଯୋଗାଯୋଗ ନଂ : ମୋ.: ୭୯୭୮୯୧୧୭୪୭
ଗାଡିକୁ ତା.୧୮.୧୨.୨୦୨୫ରିଖ ସୁଦ୍ଧା ସମସ୍ତ କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯାଞ୍ଚ କରିପାରିବେ। ସମ୍ପୃକ୍ତ ଶାଖାରେ ମୁଦ ବିଡ୍ / ଟେଣ୍ଡର ଫର୍ମ ତା.୧୮.୧୨.୨୦୨୫ରିଖ ସୁଦ୍ଧା ଦାଖଲ କରିପାରିବେ।
ନିଲାମର ନିୟମ ଓ ସର୍ତ୍ତାବଳୀ: ୧) ଗାଡ଼ିର ଖୋଲା ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ଇଚ୍ଛୁକ ନିଲାମଧାରୀମାନଙ୍କ ଠାରୁ ଡିମାଣ୍ଡ ଡ୍ରାଫ୍ଟ/ ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ ୧୦,୦୦୦/- (ଦଶ ହଜାର) ଟଙ୍କାର ଅମାନତ ରାଶି ସହିତ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ସମ୍ପୃକ୍ତ ଶାଖା ସପକ୍ଷରେ ପୈଠ ଦର୍ଶାଇ, ମୁଦ ଲଫାପାରେ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି। ଗାଡ଼ି **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି"** ଭିତ୍ତିରେ / ମୂଳ ଆରସି ବୁକ୍ ବିନା ନିଲାମ କରାଯିବ। ୨) ଯଦି ନିଲାମଧାରୀ ଗୋଟିଏ ରୁ ଅଧିକ ଗାଡ଼ି ପାଇଁ ଆବେଦନ କରିଥାନ୍ତି ତେବେ, ଏପରି କ୍ଷେତ୍ରରେ ପ୍ରତ୍ୟେକ ଗାଡ଼ି ପାଇଁ ଅମାନତ ରାଶି ସହିତ ପୃଥକ ଆବେଦନ ଫର୍ମ ଏବଂ ଟେଣ୍ଡର ଫର୍ମ ଦାଖଲ କରାଯିବା ଉଚିତ୍। ୩) ଯେକୌଣସି ଟେଣ୍ଡର ସଂରକ୍ଷିତ ମୂଲ୍ୟରୁ କମ୍ ହେଲେ ଏହାକୁ ପ୍ରତ୍ୟାଖ୍ୟାନ କରାଯିବ। ୪) ଗ୍ରହଣ କରାଯାଇଥିବା ଟେଣ୍ଡର ଫର୍ମ ଗୁଡ଼ିକ ଉପରୋକ୍ତ ସମ୍ପୃକ୍ତ ଶାଖାର ନିଲାମଧାରୀ ଏବଂ ବ୍ୟାଙ୍କ ଅଧିକାରୀଙ୍କ ଉପସ୍ଥିତିରେ ଉଲ୍ଲେଖିତ ତାରିଖ ଏବଂ ସମୟ ଅନୁଯାୟୀ ଖୋଲାଯିବ। ୫) ଇଚ୍ଛୁକ ନିଲାମଧାରୀମାନେ ଉପରୋକ୍ତ ତାରିଖ ଏବଂ ସମୟ ଅନୁଯାୟୀ ସମ୍ପୃକ୍ତ ଶାଖାରେ ଶାଖା ପ୍ରବନ୍ଧକଙ୍କ ପ୍ରାକ୍ ଅନୁମତି ସହ ନିଜ ଖର୍ଚ୍ଚରେ ଗାଡ଼ିର ଯାଞ୍ଚ କରିପାରିବେ। ୬) ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ନିଲାମଧାରୀମାନେ ଗାଡିର ଭୌତିକ ଯାଞ୍ଚ କରିବା ଉଚିତ, କ୍ରେତାମାନେ ରୋଡ୍ ପରମିଟ୍, ବୀମା, ଗାଡ଼ିର ସ୍ଥିତି ଇତ୍ୟାଦି ସମ୍ବନ୍ଧରେ ଯାଞ୍ଚ କରି ନିଜେ ସନ୍ତୁଷ୍ଟ ହେବା ଉଚିତ୍ ଏବଂ ନିଲାମ ପରେ ଏହି ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ/ ଦାବି ଶୁଣାଯିବ ନାହିଁ। ୭) ବିଡ୍ ଦାଖଲ ସଫଳ ହେବା ପରେ ଗାଡ଼ିର ନିର୍ମାଣ ବର୍ଷ, କାଗଜାତ, ଗାଡ଼ିର ସ୍ଥିତି ଇତ୍ୟାଦି ସମ୍ବନ୍ଧୀୟ କୌଣସି ବିବାଦ ବିଚାରକୁ ନିଆଯିବ ନାହିଁ। ୮) ସଫଳ ନିଲାମଧାରୀମାନଙ୍କୁ ଥରେ ବିକ୍ରୟ କରାଯାଇଥିବା ଗାଡ଼ି ବ୍ୟାଙ୍କ ଦ୍ୱାରା ଫେରସ୍ତ ନିଆଯିବ ନାହିଁ ଏବଂ କୌଣସି ପରିସ୍ଥିତିରେ ଏହି ସମ୍ବନ୍ଧୀୟ କୌଣସି ଆପତ୍ତିକୁ ଗ୍ରହଣ କରାଯିବ ନାହିଁ। ୯) ନିଲାମ ରାଶି ମଧ୍ୟରେ କୌଣସି ବୈଧାନିକ ବକେୟା ଟିକସ ଏବଂ ପ୍ରଯୁଜ୍ୟ ଆରଟିଓ ଫି ଅନ୍ତର୍ଭୁକ୍ତ ନୁହେଁ। ସଫଳ ନିଲାମଧାରୀ ଆଇନ୍ ଅନୁଯାୟୀ ସମସ୍ତ ଦେୟ, ମାଲିକାନା ହସ୍ତାନ୍ତର/ବକେୟା ଦେୟ, ଅନ୍ୟାନ୍ୟ ଆନୁସଙ୍ଗିକ ଦେୟ ଏବଂ ପ୍ରଯୁଜ୍ୟ ଭ୍ୟାଟ/ବିକ୍ରୟ କର/ଜିଏସ୍‌ଟି, ଯଦି କିଛି ଥାଏ ତାହା ବହନ କରିବେ। ୧୦) ବିଡ଼ରମାନେ ବୈଧ ପରିଚୟ ପତ୍ର ସହିତ ବ୍ୟକ୍ତିଗତ ଭାବେ ଏହି ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବେ ଏବଂ କୌଣସି କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କୁ ନିଲାମଧାରୀଙ୍କ ତରଫରୁ ନିଲାମରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ ନାହିଁ। ୧୧) ଯଦି ଗୋଟିଏ ଗାଡ଼ି ପାଇଁ ଗୋଟିଏ ରୁ ଅଧିକ ବିଡ୍ ଗ୍ରହଣ କରାଯାଇଥାଏ, ତେବେ ନିଲାମଧାରୀଙ୍କ ମଧ୍ୟରେ ଖୋଲା ନିଲାମ କରାଯିବ ଏବଂ ସର୍ବୋଚ୍ଚ ନିଲାମଧାରୀଙ୍କୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ। ୧୨) ଅସଫଳ ନିଲାମଧାରୀମାନଙ୍କ ଦ୍ୱାରା ଜମା କରାଯାଇଥିବା ଅମାନତ ରାଶି ନିଲାମ ପରେ ସେହିଦିନ ଫେରସ୍ତ ଦିଆଯିବ। ୧୩) ସଫଳ ନିଲାମଧାରୀମାନେ ସେହି ଦିନ ନିଲାମ ପ୍ରକ୍ରିୟା ପରେ ନିଲାମ ରାଶିର ୨୫% ଦାଖଲ କରିବେ (ଅମାନତ ରାଶି ସହିତ) ଏବଂ ଅବଶିଷ୍ଟ ରାଶି ୩ ଦିନ ମଧ୍ୟରେ ବ୍ୟାଙ୍କ ଡ୍ରାଫ୍ଟ/ ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ ସମ୍ପୃକ୍ତ ଶାଖା ସପକ୍ଷରେ ପୈଠ କରିବେ। ୧୪) ଯଦି ସଫଳ ନିଲାମଧାରୀମାନେ ୩ ଦିନର ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ବିଡ୍ ରାଶି ଜମା କରିବାରେ ବିଫଳ ହୁଅନ୍ତି, ବିନା କୌଣସି ନୋଟିସ୍‌ରେ ଦାଖଲ କରିଥିବା ଅମାନତ ରାଶିକୁ ବାଜ୍ୟାପ୍ତି କରାଯିବ। ୧୫) ସଫଳ ନିଲାମଧାରୀମାନେ ୩ ଦିନ ଅତିକ୍ରାନ୍ତ ପରେ ବକେୟା ରାଶି ଉପରେ ୧୨% ହାରରେ ବିଳମ୍ବିତ ସୁଧ ଏବଂ ସେଥିପାଇଁ ନିଲାମ ତାରିଖ ଠାରୁ ସର୍ବାଧିକ ୭ ଦିନର ଅବଧି ରହିବ। ୧୬) ୭ ଦିନର ଧାର୍ଯ୍ୟ ସମୟଠାରୁ ଦେୟରେ ଖିଲାପ ହେଲେ ନିଲାମ ପ୍ରକ୍ରିୟାକୁ ବାତିଲ କରାଯିବ ଏବଂ ଅମାନତ ରାଶିକୁ ବାଜ୍ୟାପ୍ତି କରାଯିବ ଏବଂ ସଫଳ ନିଲାମଧାରୀମାନଙ୍କୁ ପରବର୍ତ୍ତୀ ନୋଟିସ୍ ବିନା ଗାଡ଼ିକୁ ପୁନଃ ବିକ୍ରି କରାଯିବ। ୧୭) ପରବର୍ତ୍ତୀ ତାରିଖରେ ଦେୟ ଗ୍ରହଣ କରିବା ବ୍ୟାଙ୍କର ନିଷ୍ପତ୍ତି ଅନୁଯାୟୀ ବିବେଚନା କରାଯିବ। ୧୮) ସଫଳ ନିଲାମଧାରୀ ସମ୍ପୂର୍ଣ୍ଣ ବିଡ୍ ରାଶି ଦାଖଲ କରି ବିକ୍ରୟ ତାରିଖ ଠାରୁ ୨ ଦିନ ମଧ୍ୟରେ ପାର୍କିଂ ୟାର୍ଡର ସମସ୍ତ ଦେୟ ପ୍ରଦାନ କରି ଗାଡ଼ିକୁ ପାର୍କିଂ ୟାର୍ଡରୁ ଯାହା ଯେପରି ଅଛି, ଯାହା ଯେଉଁଠାରେ ଯେପରି ଅଛି ଭିତ୍ତିରେ ଗ୍ରହଣ କରିବେ। ଅନ୍ୟଥା ପାର୍କିଂ ଚାର୍ଜ ଟ.୩୦୦/- ସହିତ ପ୍ରତିଦିନ ଗାଡ଼ି ପ୍ରତି ପ୍ରଯୁଜ୍ୟ ଟ୍ୟାକ୍ସକୁ ବହନ କରିବେ। ୧୯) ବିକ୍ରୟ ବ୍ୟାଙ୍କ ଦ୍ୱାରା ଚୂଡାନ୍ତ ହେବା ଆବଶ୍ୟକ। ୨୦) ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି କାରଣ ନଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଗାଡ଼ିକୁ ଗ୍ରହଣ/ନାକଚ/ବାତିଲ/ସ୍ଥଗିତ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି ଏବଂ ଏହି ସମ୍ବନ୍ଧୀୟ କାରଣ ପାଇଁ ବ୍ୟାଙ୍କକୁ କେହି ଦାୟୀ କରିପାରିବେ ନାହିଁ। ୨୧) ସବିଶେଷ ବିବରଣୀ ଏବଂ କୌଣସି ତଥ୍ୟ ନିମନ୍ତେ ଆଗ୍ରହୀ ନିଲାମଧାରୀମାନଙ୍କୁ ସମ୍ପୃକ୍ତ ଶାଖା କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର ସହ ଯୋଗାଯୋଗ କରିବାକୁ ଅନୁରୋଧ।

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୯.୧୧.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

**WALK-IN-INTERVIEW**

A Walk-in-Interview will held on 06.12.2025 at 10.30 A.M. in the College premises for **Marketing Executive** (minimum +2 with own vehicles) and **Security Guard** (minimum 10th pass) need to appear for these posts. No TA/DA will be paid for attending interview.

**Sd./- Principal**

**E-TECH RESIDENTIAL DEGREE COLLEGE**
Ganesh Bazar, Dakhinakali Road, Dhenkanal
Email: etechdegreedkl@gmail.com, Phone: 06762357828

**OFFICE OF THE NOTIFIED AREA COUNCIL, BALIMELA**
ODISHA, PIN - 764051, e-Mail: eonacbalimela@gmail.com

**ନିବେଦନ**

ବାଲିମେଳା ସହରର ସମସ୍ତ ନାଗରିକଙ୍କୁ ଶୁଭେଚ୍ଛା ଜଣାଇ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ।
୦୧. ସହରର ସମସ୍ତ ନାଗରିକ ନିଜ ଗୃହରେ ଉତ୍ପନ୍ନ ବର୍ଜ୍ୟବସ୍ତୁ ପୃଥକ୍ ପୃଥକ୍ ଭାବେ (ଓଦା ଓ ଶୁଖିଲା) ଆବର୍ଜନା ବାହନରେ ପକାଇବେ। ୦୨. କୌଣସି ନାଗରିକ ନିର୍ମାଣ ସାମଗ୍ରୀ ନର୍ଦ୍ଦମା କିମ୍ବା ରାସ୍ତାରେ ପକାଇ ଅବରୋଧ କରିବେ ନାହିଁ। ୦୩. କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା: ଗାଈ, ମଇଁଷି, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ। ୦୪. ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade Licence) ବିଜ୍ଞାପିତ ଅଞ୍ଚଳ, ବାଲିମେଳାଠାରୁ ଗ୍ରହଣ କରିବା ନିତାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟ ସ୍ଥଳୀରେ ଲଗାଇ ରଖିବେ। ୦୫. ପରିଷଦର ଟିକସ ଆଦି ଠିକ୍ ସମୟରେ ପୈଠ କରନ୍ତୁ। ୦୬. ପଲିଥିନ ବ୍ୟାଗ ବ୍ୟବହାରଠାରୁ ଦୂରେଇ ରୁହନ୍ତୁ।
ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା।

କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ, ବାଲିମେଳା
ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ, ବାଲିମେଳା

**ନବରଙ୍ଗପୁର ପୌରପାଳିକା, ନବରଙ୍ଗପୁର**

**ନିବେଦନ**

୧. ଗୃହର ଶୁଖିଲା ଏବଂ ଓଦା ଅଳିଆ ଅଲଗା ଅଲଗା ରଖନ୍ତୁ ଏବଂ ପୌରପାଳିକାର ଅଳିଆ ସଂଗ୍ରହକାରୀଙ୍କୁ (ଗାଡ଼ି) ପ୍ରଦାନ କରନ୍ତୁ। ୨. ଗୃହ ସାମ୍ନା ରାସ୍ତାରେ ଅଳିଆ ପକାନ୍ତୁ ନାହିଁ। ଯଦି ଆପଣଙ୍କ ଗୃହ ସମ୍ମୁଖରେ ଅଳିଆ ପଡ଼ିଥିବାର ଦୃଷ୍ଟିଗୋଚର ହେଲେ ଜୋରିମାନା ଆଦାୟ ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ୩. ନିର୍ଦ୍ଧାରିତ ଟିକସ ଠିକ୍ ସମୟରେ ପଇଠ କରନ୍ତୁ। ୪. ପରିଷଦର ବିନା ଅନୁମତିରେ ନୂତନ କିମ୍ବା ପୁରାତନ ଗୃହ ନିର୍ମାଣ କରନ୍ତୁ ନାହିଁ। ୫. ଗୃହ ନିର୍ମାଣ ସରଞ୍ଜାମ ରାସ୍ତା ଉପରେ ରଖି ରାସ୍ତା ଅବରୋଧ କରନ୍ତୁ ନାହିଁ। ୬. ସହର ଅଭ୍ୟନ୍ତରଣ ରାସ୍ତା ଗୁଡ଼ିକ ଉପରେ ଗୃହପାଳିତ ପଶୁ ଗୁଡ଼ିକୁ ଅନଧିକାର ଭାବେ ଛାଡ଼ନ୍ତୁ ନାହିଁ। ୭. ପଲିଥିନ ବ୍ୟବହାର ପରିତ୍ୟକ୍ତ କରନ୍ତୁ ଏବଂ ପରିବେଶ ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ। ୮. ଟ୍ରାଫିକ ନିୟମ ପାଳନ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଯାନବାହନ ପାର୍କିଂ କରନ୍ତୁ। ୯. ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ପରିଷଦରୁ ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ। ୧୦. ପୌର ସମ୍ପତ୍ତି ଓ ସର୍ବସାଧାରଣ ସ୍ଥାନକୁ ଜବର ଦଖଲରୁ ନିବୃତ୍ତ ରୁହନ୍ତୁ। ୧୧. ପୌରସଂସ୍ଥା ଦ୍ୱାରା ଲେ-ଆଉଟ ନକ୍ସା ଅନୁମୋଦନ ହୋଇ ନଥିବା ଖାଲି ସ୍ଥାନ ବା ପ୍ଲଟ କ୍ରୟ କିମ୍ବା ବିକ୍ରୟ କରନ୍ତୁ ନାହିଁ। ୧୨. ପାଇଖାନା ଟାଙ୍କି ପୂର୍ଣ୍ଣ ହେଲେ ପୌରପାଳିକାର ସେସ୍‌ପୁଲ ଗାଡ଼ି ଦ୍ୱାରା ସଫେଇ କରନ୍ତୁ। ସଫେଇ କରିବା ପାଇଁ ୦୬୮୫୮-୨୯୫୪୨୮/୧୪୪୨୦ (ଟୋଲ ଫ୍ରି ନମ୍ବର)ରେ ଯୋଗାଯୋଗ କରନ୍ତୁ।

"ଏକ ସ୍ୱଚ୍ଛ ଏବଂ ସୁସ୍ଥ ନବରଙ୍ଗପୁର ପୌରପାଳିକା ଗଢ଼ିବାରେ ସହାୟକ ହୁଅନ୍ତୁ"

ଡ. ଅଶୋକ କୁମାର କର୍ଣ୍ଣ (ଓ.ପ୍ର.ସେ.), ନିର୍ବାହୀ ଅଧିକାରୀ, ନବରଙ୍ଗପୁର ପୌରପାଳିକା
ଶ୍ରୀମତୀ ସୌମ୍ୟା ମହାପାତ୍ର, ଉପାଧ୍ୟକ୍ଷା, ନବରଙ୍ଗପୁର ପୌରପାଳିକା
ଶ୍ରୀ କୁନୁ ନାୟକ, ଅଧ୍ୟକ୍ଷ, ନବରଙ୍ଗପୁର ପୌରପାଳିକା

**OFFICE OF THE EXECUTIVE ENGINEER, MINOR IRRIGATION DIVISION, HAZARIBAG**

**e-Procurement Tender Notice Two Envelope System**
**Tender Reference No:- WRD/MID/HAZARIBAG/02 BD/SLI /2025-26**
**Letter no-1148** — **Date- 29.11.2025**

| | | |
|---|---|---|
| 1 | Name of Work: | Construction of Chief Minister Solar Lift Irrigation Scheme Ledhiya, Block-Chouparan, District- Hazaribag. |
| 2 | Estimated Cost (Rs.) | Rs. 1,30,53,000.00 |
| 3 | Cost of tender document (Rs) | Rs. 10,000.00 only (non-refundable). |
| 4 | Earnest Money Deposit (Rs.) | Rs. 1,30,530.00 only. |
| 5 | Time of Completion | 11 Months |
| 6 | Mode of Submission of tender | Online through www.jharkhandtenders.gov.in (As per SOP Issued by Information Technology & e- Governance Department, Govt of Jharkhand vide letter no- 120 Dated 03.10.2023) |
| 7 | Date of Publication of Tender on website (http://jharkhandtenders.gov.in) | Date: 15.12.2025 Time: 2.00 PM |
| 8 | Last Date/Time for downloading of bidding documents and Submission of Tender on Website | Date:24.12.2025 Time:5.00 PM |
| 9 | Submission of Tender Fee and EMD | Start Date:-15.12.2025 Time:- 2.00 PM<br>Last Date:- 24.12.2025 Time:- 5.00 PM |
| 10 | Technical Bid Opening Date | Date: 26.12.2025 Time: 2.00 PM |
| 11 | Officer Inviting Bids | Executive Engineer, Minor Irrigation Division, Hazaribag |
| 12 | Contact No. of Procurement Officer e-mail of Procurement Officer | 06546-270485/ Email Id- executiveengineerirri@gmail.com |
| 13 | Help line No. of Procurement Cell | 06546-270485 |

Note:-> BOQ amount may be increase or decrease accordingly earnest money required, Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 **HP** pumps **(AC** Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
**>Only e-Tender will be accepted.**
Further details can be seen on website http://jharkhandtenders.gov.in

**Executive Engineer,**
**Minor Irrigation Division, Hazaribag**

PR 367374 (Minor Irrigation)25-26*D

## ଜନ୍ମଦିନର ଶୁଭେଚ୍ଛା


ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଆରିୟନ୍
ପରିବାରବର୍ଗ


ସଂକଳ୍ପ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଭୁବନେଶ୍ୱର ଲୁଇସ୍ ରୋଡ୍‌ସ୍ଥିତ ରୟାଲ ଏନ୍‌ଫିଲ୍ଡ ଡିଲର ଜୟବାବା ଅଟୋମୋବାଇଲ ପକ୍ଷରୁ ନ୍ୟୁ ମେଟେଓର ୩୫୦ ସନ୍‌ଡାଉନର ଅରେଞ୍ଜ ଉନ୍ମୋଚନ କରାଯାଇଛି। ଉନ୍ମୋଚନ ଅବସରରେ ଡ. କିର୍ତ୍ତି କେତନ ପ୍ରଧାନ, ସାତ୍ତ୍ୱିକ ସାମଲ, ତରୁର ବେହେରା, ପ୍ରସାଦ ପଣ୍ଡା, ଡିଲର ପ୍ରିନ୍ସିପାଲ ହର୍ଷିତ ଲୋଧା ଏବଂ ସେଲସ୍ ମ୍ୟାନେଜର ସତ୍ୟ ଧଳ ପ୍ରମୁଖ ଉପସ୍ଥିତ ଅଛନ୍ତି। ଆକର୍ଷଣୀୟ ସନଡାଉନର ଅରେଞ୍ଜ ରଙ୍ଗର ଏହି ବାଇକ୍ ଲୋକାଦୃତ ହୋଇପାରିବ ବୋଲି ସତ୍ୟ ଧଳ କହିଛନ୍ତି।

# ପୂର୍ବତଟ ରେଳପଥ ପାଳିଲା ଆଇଆର୍‌ଏଏସ୍ ଦିବସ

**ଭୁବନେଶ୍ୱର,୨୯।୧୧(ଅନୁରାଧା ମହାରଣା)**

ପୂର୍ବତଟ ରେଳପଥ ୯୬ତମ ଭାରତୀୟ ରେଳବାଇ ଆକାଉଣ୍ଟସ ସର୍ଭିସ (ଆଇଆର୍‌ଏଏସ୍) ଦିବସ ପାଳନ କରିଥିଲା, ଯେଉଁଥିରେ କାର୍ଯ୍ୟରତ ଏବଂ ଅବସରପ୍ରାପ୍ତ ଭାରତୀୟ ରେଳବାଇ ଆକାଉଣ୍ଟସ ସର୍ଭିସ ଅଧିକାରୀମାନେ ଜ୍ଞାନ-ଆଦାନପ୍ରଦାନ ଏବଂ ସେବାରେ ଉତ୍କର୍ଷର ସ୍ୱୀକୃତି ପାଇଁ ଏକତ୍ର ହୋଇଥିଲେ। ପୂର୍ବତଟ ରେଳପଥର ପ୍ରମୁଖ ଆର୍ଥିକ ପରାମର୍ଶଦାତା ବିଜୟ କୁମାର ମିଶ୍ର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ଏବଂ ପରେ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଆର୍ଥିକ ପ୍ରଶାସନ, ଅର୍ଥପୂର୍ଣ୍ଣ କାର୍ଯ୍ୟ ସଂସ୍କୃତି ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଏବଂ ପ୍ରଶାସନିକ ଚ୍ୟାଲେଞ୍ଜର ମୁକାବିଲା କରିବାରେ ଆଇଆର୍‌ଏଏସ୍‌ର ବିକଶିତ ଭୂମିକା ଉପରେ ଆଲୋକପାତ କରିଥିଲେ। ଏକ୍ସଆଇଏମ୍ ୟୁନିଭର୍ସିଟିର ପ୍ରଫେସର ମୌସୁମୀ ପାଢ଼ୀ ବିଶ୍ଳେଷଣାତ୍ମକ ପ୍ରସ୍ତୁତିକୁ ସୁଦୃଢ଼ କରିବା, ଦକ୍ଷତା ନିର୍ମାଣ କରିବା ଏବଂ ଭବିଷ୍ୟତର ଦାୟିତ୍ୱ ପାଇଁ କ୍ୟାଡରକୁ ପ୍ରସ୍ତୁତ କରିବା ବିଷୟରେ ମତ ଦେଇଥିଲେ। ଏହି ଉତ୍ସବରେ ବରିଷ୍ଠ ଅବସରପ୍ରାପ୍ତ ଆଇଆର୍‌ଏଏସ୍ ଅଧିକାରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଆଲୋଚନାରେ କ୍ଷେତ୍ର ବିଶେଷଜ୍ଞତା ବୃଦ୍ଧି, ଡିଜିଟାଲ ରୂପାନ୍ତରଣ ଏବଂ ରେଳ ପରିଚାଳନାରେ ଆର୍ଥିକ ପରିଚାଳନାର ରଣନୈତିକ ଗୁରୁତ୍ୱକୁ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ମାଲାବାର ପକ୍ଷରୁ ରୟାଲ ପୋଲ୍‌କି ଜୁଏଲେରି ଶୋ




**ଭୁବନେଶ୍ୱର,୨୯।୧୧(ଅନୁରାଧା ମହାରଣା)**

ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ଶୋ'ରୁମ୍‌ରେ ଶନିବାର ରୟାଲ ପୋଲ୍‌କି ଜୁଏଲେରି ଶୋ'ର ଶୁଭାରମ୍ଭ କରାଯାଇଛି। ଉଭୟ ପାରମ୍ପରିକ ଏବଂ କଣ୍ଟେମ୍ପୋରାରୀ ଡିଜାଇନରେ ପ୍ରସ୍ତୁତ ଗହଣା ପ୍ରଦର୍ଶନୀକୁ ଅଭିନେତ୍ରୀ ସୁଶ୍ରୀ ସବିତା ପଲେଇ ଶୁଭାରମ୍ଭ କରିଥିଲେ। ମାଲାବାରର ଏକ୍ସକ୍ଲୁସିଭ ବ୍ରାଣ୍ଡ 'ଭିରାଜ ରୟାଲ ପୋଲ୍‌କି'ର ଅତ୍ୟନ୍ତ ନିପୁଣ କାରିଗରିରେ ତିଆରି ଗହଣା ଏଠାରେ ପ୍ରଦର୍ଶିତ ହେଉଛି। ଭାରତୀୟ ଡିଜାଇନ୍‌ରେ ପ୍ରଦର୍ଶିତ ପ୍ରତ୍ୟେକଟି ଗହଣାର ସ୍ୱତନ୍ତ୍ରତା ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଏହି ଅବସରରେ ସୁନା ଗହଣାଗୁଡ଼ିକର ଗଢ଼ା ମଜୁରି ଉପରେ ୩୦% ପର୍ଯ୍ୟନ୍ତ ରିହାତି ଘୋଷଣା କରାଯାଉଥିବାବେଳେ ଅନକଟ୍ ଓ ଜେମଷ୍ଟୋନ୍ ଉପରେ ମଧ୍ୟ ଅଫର୍ ପ୍ରଦାନ କରାଯାଉଛି। ମାଲାବାର ଗ୍ରୁପ୍ ଚେୟାରମ୍ୟାନ ଏମ୍‌ପି ଅହମ୍ମଦ କହିଛନ୍ତି, ସହରର ଗ୍ରାହକମାନଙ୍କୁ ଉତ୍ତମଗୁଣବତ୍ତାଯୁକ୍ତ, ଶୁଦ୍ଧ ଏବଂ ସୁଲଭ ମୂଲ୍ୟରେ ଉତ୍ପାଦ ଯୋଗାଇଦେବାକୁ ଆମେ ପ୍ରୟାସ କରୁଛୁ। ସ୍ୱଚ୍ଛତା ପାଇଁ ମାଲାବାର ପରିଚିତ ଏବଂ ଗ୍ରାହକଙ୍କୁ ସୁହାଇଲା ଭଳି ଦରରେ ମନପସନ୍ଦର ଗହଣା ବିକ୍ରି କରିବାକୁ ଉଦ୍ୟମ କରାଯାଉଥିବା ସେ କହିଛନ୍ତି। ସୂଚନା ଥାଉ କି, ମାଲାବାର ପକ୍ଷରୁ ୱାନ୍ ଇଣ୍ଡିଆ, ୱାନ୍ ଗୋଲ୍ଡ ରେଟ୍ ସ୍କିମ୍ ପ୍ରଦାନ କରାଯାଉଛି।


**ଜନ୍ମଦିନ ଶୁଭେଚ୍ଛା**



ଆରିୟନ୍ ପ୍ରିୟଦର୍ଶନ ପଟ୍ଟନାୟକ (ଡୁଗୁ)
ବାଙ୍କୁଆଲ, ଭୁବନେଶ୍ୱର
ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଜୀବନ ସୁଖମୟ ହେଉ।
ଶୁଭେଚ୍ଛା ସହ: ଜେଜେମା, ଅଜା, ଆଈ, ବାବା, ମାମା, ଦାଦା, ମିନି ଅପା, ମାମି ଅପା, ଟୁଟୁ ପିଇସା, ମାନୁ ଅପା, ନବ ପିଇସା, ରାନୁ ଅପା, ଟିଲୁ ପିଇସା, ଲିପୁ ଭାଇ, ନବ୍ୟା, ନାଓମି, ଇଶୁ, ଲୀନା, ବନ୍ଧୁ ଓ ପରିବାରବର୍ଗ।


# କଟକ ଜିଲାରେ ୫ ସ୍ମାର୍ଟ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ

**ଭୁବନେଶ୍ୱର,୨୯।୧୧**

ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ) ଓ ସର୍ବୋତ୍ତମ ସୋସିଆଲ ଅର୍ଗାନାଇଜେଶନ ମିଳିତ ସହଯୋଗରେ କଟକ ଜିଲାରେ ୫ ସ୍ମାର୍ଟ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। କଟକ ମହାନଗର ସହିତ ସାଲେପୁର ଓ ଟାଙ୍ଗୀ ବ୍ଲକରେ ଉଦ୍‌ଘାଟିତ ଏହି ଅଙ୍ଗନୱାଡି କେନ୍ଦ୍ରକୁ ଖେଳ ଉପକରଣ, ସ୍ମାର୍ଟ ଟିଭି, ଆକ୍ୱାଗାର୍ଡ, ବିଭିନ୍ନ ପ୍ରକାର ବହି ଓ ପାଠ୍ୟୋପକରଣ



ଆଦି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ସିଡିପିଓ, ଅଙ୍ଗନୱାଡି ସୁପରଭାଇଜର, ଏସ୍‌ବିଆଇର ଆଞ୍ଚଳିକ ଶାଖା ପ୍ରବନ୍ଧକ ଚୌଧୁରୀ ଅସୀମ ଅନୁପମ ପ୍ରହରାଜ, ଏସ୍‌ବିଆଇର ଶାଖା ପରିଚାଳକ ନିରଞ୍ଜନ ମହାପାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦିକା ଶ୍ରାବଣୀ ରାୟ, ଅଞ୍ଜଳି ବେହେରା, ଆକାଶ ରାୟ ପ୍ରମୁଖ ପରିଚାଳନା କରିଥିଲେ ।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ଶୀତକାଳୀନ ସହାୟତା



**ଭୁବନେଶ୍ୱର,୨୯।୧୧(ଅନୁରାଧା ମହାରଣା)**

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ସୁନ୍ଦରଗଡ ଏବଂ ଝାରସୁଗୁଡ଼ା ଜିଲାରେ ଏକ ଶୀତକାଳୀନ ପ୍ରସ୍ତୁତି ଅଭିଯାନର ଆୟୋଜନ କରି ଶୀତ ପ୍ରକୋପରୁ ରକ୍ଷା ପାଇବାପାଇଁ ଲୋକଙ୍କୁ କମ୍ବଳ ବଣ୍ଟନ କରିଛି। ଏହି ପଦକ୍ଷେପ ଜାମଖାନୀ, ଘୋଘରପଲ୍ଲୀ ଏବଂ କୁରାଲୋଇ ଗାଁର ୩୦୦୦ରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିଥିଲା, ଯେଉଁଥିରେ ବୟସ୍କ ବ୍ୟକ୍ତି, ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳା, ଏସଏଚଜି ସଦସ୍ୟ, ମହିଳା ନେତୃତ୍ୱାଧୀନ ପରିବାର ଏବଂ ଭିନ୍ନକ୍ଷମ ବ୍ୟକ୍ତି ଅନ୍ତର୍ଭୁକ୍ତ ଥିଲେ। ଶୀତ ଋତୁରେ ଅଧିକ ଲୋକଙ୍କୁ ସହାୟତାର ହାତ ବଢାଇବାପାଇଁ କମ୍ପାନୀ ଏହି କାର୍ଯ୍ୟକ୍ରମକୁ ବିସ୍ତାର ଲାଗି ଯୋଜନା କରିଛି। ଏହି କାର୍ଯ୍ୟକ୍ରମକୁ କୁରାଲୋଇ ଗ୍ରାମ ପଞ୍ଚାୟତ ସରପଞ୍ଚ ସନାତନ ନାୟକ, ପିପିଲିମାଲ ପଞ୍ଚାୟତ ସରପଞ୍ଚ ରଙ୍ଗାଧର ଦିଲ୍ଲା ଏବଂ ଘୋଘରପାଲି ପଞ୍ଚାୟତ ସମିତି ସଦସ୍ୟ ମାଧବ ବାରିକ ଉଦଘାଟନ କରିଥିଲେ। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଆମର ସାମାଜିକ ହସ୍ତକ୍ଷେପ ଆମେ ସେବା କରୁଥିବା ସମ୍ପ୍ରଦାୟର ଆବଶ୍ୟକତା ପୂରଣ କରିଥାଏ। ଏହି ଶୀତକାଳୀନ ପ୍ରସ୍ତୁତି ଅଭିଯାନ ସେହି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। କୁରାଲୋଇ ପଞ୍ଚାୟତର ସରପଞ୍ଚ ସନାତନ ନାୟକ କହିଛନ୍ତି, ସୀମିତ ସମ୍ବଳ ଥିବା ଲୋକଙ୍କ ପାଇଁ ଶୀତଦିନ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ। ଏହି ସମୟରେ ବେଦାନ୍ତ ଆଲୁମିନିୟମର ସମର୍ଥନ ପ୍ରକୃତରେ ଅର୍ଥପୂର୍ଣ୍ଣ ଏବଂ ଆମ ସମ୍ପ୍ରଦାୟର କଲ୍ୟାଣ ପ୍ରତି ସେମାନଙ୍କର ନିରନ୍ତର ପ୍ରତିବଦ୍ଧତାକୁ ଆମେ ପ୍ରଶଂସା କରୁଛୁ। ଘୋଘରପାଲି ପଞ୍ଚାୟତର ସମିତି ସଦସ୍ୟ ମାଧବ ବାରିକ ବେଦାନ୍ତ ଆଲୁମିନିୟମର ଏହି ଉଦ୍ୟମକୁ ପ୍ରଶଂସା କରିଛନ୍ତି।

# Classified Everyday 0674-2580101, 9692975378



**MATRIMONIAL**

**BRIDE WANTED**

ଝିଅ ଆବଶ୍ୟକ: ଚାକିରି କରିଥିବା ବ୍ରାହ୍ମଣ ପୁଅ, ବୟସ- ୪୭ ବର୍ଷ, ଦ୍ୱିତୀୟ ବିବାହ ପାଇଁ ଯେକୌଣସି ଜାତିର ଝିଅ ଆବଶ୍ୟକ। ଯୋଗାଯୋଗ: 9937371168. D-2713

**GROOM WANTED**

53ବୟସ୍କା Karan Divorce Govt. Employee ଝିଅଙ୍କ ପାଇଁ Widow/Divorce Anycasteର ଘରଜ୍ୱାଇଁ ବରପାତ୍ର ଆବଶ୍ୟକ। 7852970280. D-2714

ମାଙ୍କ ସହିତ ରହୁଥିବା 38ବୟସ୍କା ଖଣ୍ଡାୟତ ଜାତିର ଘରୋଇ କନ୍ୟାଙ୍କ ପାଇଁ Anycasteର ବରପାତ୍ର ଆବଶ୍ୟକ। 7873680393. D-2715



**AUTOMOBILE SALE**

BOLERO SLX, NOVEMBER 2014, WHITE COLOUR, EXCELLENT RUNNING CONDITION, RUN- 132000Kms, INSURANCE ROAD TAX POLLUTION FITNESS UPDATE, 1ST HAND, OWNER DRIVEN, BHUBANESWAR. CONTACT: 9437027024, 9937992270. D-76082



**REAL ESTATE SALE**

**SISUPALGARH: PLOTS 600- 1800 SQFT. FOR IMMEDIATE SALE. BHUBANESWAR: 9776080988.** D-76081

BDA & ORERA approved 2/3BHK newly constructed ready to move flat at Ranga Bazaar, Near BJEM-2 on Sale. Cost: 55Lacs and onwards. Call: 9861944445, 9937082622 D-2723


Book 3BHK / 4BHK premium flat near Jharapada Canal Road and Pokhariput, Near Government Hospital @6000/- sqft. Including parking. Contact: 7978584549. D-76876

ଭୁବନେଶ୍ୱର ଦଉଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଛାରୁ ବିକ୍ରିହେବ। 9437754190. D- 2685

**For Sale - Prime Plot, Centrally located, free hold Residential Plot, 7643Sqft., 72ft. frontage with 20ft. wide front and rear roads, Sewerage line, electricity, near Old Station Square, Bhubaneswar - 751006. Contact: 09861129953.** D-2684

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Own GHARABARI residential plot 3100Sqft. with compound wall & Electricity at Brahmanjharilo, 7km from Phulanakhara Cuttack & 12km from BBSR. Total Rs 41lakhs (Including Registration charges), 7809525452.** D-218




**CONSTRUCTION**

CIVIL ENGINEER CUM CONTRACTOR UNDERTAKE CONSTRUCTION WORKS OF BUILDINGS PLANNING & DESIGN. MOB.- 8144815298. D-2693

**GENERAL**

Doberman Pupies for Sale. Only 30 days of age, Contact:- 9658798473. D-2724



**FOR RENT**

**Multi purpose RCC Hall 1000 Sqft. (40 ft. x 25 ft.) with toilets, electricity, facing 100 ft. wide, Lewis Road, Bhubaneswar-751002, Hotel Gouri Premises adjacent to Kedargouri Temple on monthly rental basis. Contact : 9861129953.** D-2683




The massage felt totally professional, & comfortable at all times-7978109255. D-216

All types of physiotherapy Contact number 9556924059/ 7656969134, Jharapada. D-2686

**AFFIDAVIT**

By virtue of an affidavit sworn before the Executive Magistrate, Boudh, No.- 1609, Dtd.- 26.11.25, I, Dillip Chinara, R/o. Village/ P.O./P.S.- Purunakatak, Dist.- Boudh, Odisha, PIN- 762013, declare that I have changed the name of my son from SAI OM CHINARA to ADITYA CHINARA. Henceforth, he shall be known as ADITYA CHINARA for all purposes.
Dillip Chinara D-2719

I, PRASANTA KUMARI LAKRA, W/o.- Patrick Lakra, Resident of Bheludihi, P.O.- Gyanpali, P.S.- Rajgangpur, Dist.- Sundargarh, PIN- 770023, Odisha declare by this affidavit No.- A/26, dated-13.10.2025 that now onwards I shall be known as PRASANTA LAKRA for all future purposes. D-2722

By virtue of an affidavit sworn before the Notary Public, Titilagarh, dtd.- 29.11.2025, I, Biju Dharua, S/o.- Anirudha Dharua, R/o. Village- Kandhenbahali, P.O.- Saintala, P.S.- Saintala, Dist.- Balangir (Odisha), PIN- 767032 declare that now I have changed my daughter's name from Rozy Dharua to Roji Dharua. Henceforth, my daughter shall be known as Roji Dharua for all purposes.
Biju Dharua D-2720

By virtue of an affidavit sworn before Executive Magistrate, Kudumulugumma, Dist.- Malkangiri, No.- 586, dated- 28.11.2025, I, Sanjit Kumar Takri, S/o.- Dayapatra Takri, At/ Post- Podagada, P.S./ Dist.- Koraput. My son's actual name is Soumya Ranjan Takri mentioned in his School Register and Birth Certificate, but in Aadhaar Card No.- xxxx xxxx 4672 his name wrongly mentioned as "Rupel Takri" instead of "Soumya Ranjan Takri", both are one and same person. D-2721

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଚିନାରୀ ସରସ୍ୱତୀ ସୁବୁଦ୍ଧି
ଖାରବେଳ ନଗର, ଭୁବନେଶ୍ୱର
ଆବିର୍ଭାବ ୦୧.୦୧.୧୯୪୩
ତିରୋଧାନ ୨୧.୧୧.୨୦୨୫
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ : ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

**ଏକାଦଶାହ ଉପଲକ୍ଷେ**



ସ୍ୱଗୋବିନ୍ଦ ଚନ୍ଦ୍ର ମହାନ୍ତି
ଅବସରପ୍ରାପ୍ତ ଅତିରିକ୍ତ କୃଷିନିର୍ଦ୍ଦେଶକ, ଓଡ଼ିଶା ସରକାର
ପ୍ଲଟ ନଂ-୫୦୪ପି, ବରମୁଣ୍ଡା, ଭୁବନେଶ୍ୱର
ଜନ୍ମସ୍ଥାନ : ଓସିଆ, ଅସ୍ତରଙ୍ଗ, ପୁରୀ
ଆବିର୍ଭାବ : ୧୦.୧୧.୧୯୨୭
ତିରୋଧାନ : ୨୦.୧୧.୨୦୨୫
ଆଜିର ଏହି ଏକାଦଶାହ ଉପଲକ୍ଷେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଆମ୍ଭେମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:- ପୁତ୍ର-କିଶୋର ମହାନ୍ତି, ପୁତ୍ରବଧୂ-ଅର୍ଚ୍ଚନା, ନାତି-ଅଙ୍କିତ୍, ଅଜିତେଶ, ଜ୍ୱାଇଁ-ପ୍ରଭୁ, କୈଳାଶ, ପ୍ରଶାନ୍ତ, ସୁବ୍ରତ, ଝିଅ-ଲକ୍ଷ୍ମୀ, ବିଷ୍ଣୁ, ସୁଚିତ୍ର, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ

# ଆର୍ଥିକବର୍ଷ-୨୬ରେ ଜିଡିପି ବୃଦ୍ଧି ଅନୁମାନ

**ଭୁବନେଶ୍ୱର,୨୯।୧୧**

ଦେଶର ଅଗ୍ରଣୀ ରେଟିଂ ଏଜେନ୍ସି କ୍ରିସିଲ ଭାରତର ୨୦୨୫-୨୬ ଆର୍ଥିକ ବର୍ଷର ଜିଡିପି ବୃଦ୍ଧି ଅନୁମାନକୁ ୬.୫%ରୁ ବଢ଼ାଇ ୭% କରିଛି। ଚଳିତ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ୮.୨%ର ଜିଡିପି ବୃଦ୍ଧି ଏହି ଆଶାବାଦୀ ଦୃଷ୍ଟିକୋଣର ସବୁଠାରୁ ବଡ଼ କାରଣ ବୋଲି କ୍ରିସିଲ କହିଛି। କ୍ରିସିଲର ରିପୋର୍ଟ ଅନୁଯାୟୀ, ଏପ୍ରିଲ-ସେପ୍ଟେମ୍ବର (ପ୍ରଥମ ଛଅ ମାସ)ରେ ଭାରତର ବାସ୍ତବ ଜିଡିପି ୮% ରହିଛି। ଏହି ଦମଦାର ପ୍ରଦର୍ଶନ ପୁରା ବର୍ଷର ଆଉଟଲୁକକୁ ଆହୁରି ଦୃଢ଼ କରିଦେଇଛି। ଦ୍ୱିତୀୟ ତ୍ରୈମାସରେ ୮.୨% ରିୟଲ ଜିଡିପି ବୃଦ୍ଧି ବିଶେଷଜ୍ଞଙ୍କ ଅନୁମାନଠାରୁ ବହୁତ ଉପରେ ଉତ୍ପାଦନ (ମ୍ୟାନୁଫ୍ୟାକ୍ଚରିଂ) ଓ ସେବା (ସର୍ଭିସେଜ) କ୍ଷେତ୍ରର ପ୍ରଦର୍ଶନ ଏବଂ ଦରଦାମ ହ୍ରାସ ଯୋଗୁଁ ଘରୋଇ କଞ୍ଜମ୍ପଶନରେ ଜୋରଦାର ବୃଦ୍ଧି ଘରୋଇ ଚାହିଦା ଓ ମଜବୁତ୍ ସପ୍ଲାଇ ଚେନ ଆଗକୁ ମଧ୍ୟ ଅଭିବୃଦ୍ଧିକୁ ସହାୟତା କରିବ।

# କଷିଆ ସାମୁଦ୍ରିକ ମୁହାଣରେ ତିମି ମୃତଦେହ ଠାବ




ବାସୁଦେବପୁର,୨୯।୧୧
(ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କଷିଆ ମାଛଧରା ଜେଟି(ମୁହାଣ)ରେ ଶନିବାର ପୂର୍ବାହ୍ନରେ ଏକ ବିଶାଳକାୟ ପିଗିମ କିଲର ତିମି ମାଛର ମୃତଦେହ ଠାବ କରାଯାଇଛି। ମୃତ ତିମିଟି ସମୁଦ୍ରରୁ ଭାସି ଆସି କଷିଆ ମାଛଧରା ଜେଟି ନିକଟରେ ଲାଗିଥିବା କେତେଜଣ ମତ୍ସ୍ୟଜୀବୀ ଦେଖିବାକୁ ପାଇଥିଲେ। ଏହାପରେ ସେଠାରେ ଲୋକଙ୍କ ଭିଡ଼ ଜମିଥିଲା। ପରେ ବନବିଭାଗ ଓ ସାମୁଦ୍ରିକ ମତ୍ସ୍ୟ ବିଭାଗର ମିଳିତ ଉଦ୍ୟମରେ ବିରାଟକାୟ ତିମିକୁ କୂଳକୁ ଅଣାଯାଇଥିଲା। ଏହି ମାଛଟିର ନାମ ପିଗିମ କିଲର ତିମି ବୋଲି ବାସୁଦେବପୁର ରେଞ୍ଜର ଅତୁଲ୍ୟ କୁମାର ମହାନ୍ତି କହିଛନ୍ତି।

ତିମିଟିର ଓଜନ ପ୍ରାୟ ୮/୧୦ କୁଇଣ୍ଟାଲ, ଲମ୍ୱ ୧୫ ଫୁଟ ଓ ମୋଟେଇ ୬ ଫୁଟ ହେବ। ଏହି ବିରଳ ପ୍ରଜାତିର ପିଗିମ କିଲର ତିମି ଗଭୀର ସମୁଦ୍ରରେ ରହୁଥିବା ବେଳେ କୌଣସି ବୋଟ୍ କିମ୍ବା ଲଞ୍ଚରେ ଆଘାତପ୍ରାପ୍ତ ହୋଇ କୂଳକୁ ଚାଲିଆସିଥିବା ଅନୁମାନ କରାଯାଉଛି। ବନ ବିଭାଗ, ସାମୁଦ୍ରିକ ମତ୍ସ୍ୟ ବିଭାଗ ଓ କଷିଆ ଜେଟିର ମତ୍ସ୍ୟଜୀବୀଙ୍କ ଉଦ୍ୟମକ୍ରମେ ମୃତ ତିମିକୁ ବୋଝେଇ କରାଯାଇ ବାସୁଦେବପୁର ବନ ବିଭାଗ ଅଫିସକୁ ନିଆଯାଇଥିଲା। ରେଞ୍ଜର ମହାନ୍ତିଙ୍କ ଉପସ୍ଥିତିରେ ବାସୁଦେବପୁର ଭେଟେନାରି ଅଫିସରେ କାର୍ଯ୍ୟରତ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ସୁଦୀପ୍ତା ଜେନା, ସାମୁଦ୍ରିକ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଜଗଦୀଶ ବାରିକ ମୃତ ତିମିର ବ୍ୟବଚ୍ଛେଦ କରାଇ ମାଂସ ଓ ରକ୍ତ ସାମ୍ପୁଲ ସଂଗ୍ରହ କରିଛନ୍ତି। କେଉଁ ପରିସ୍ଥିତିରେ ଏହି ତିମିର ମୃତ୍ୟୁ ଘଟିଲା, ତାହା ଅନୁସନ୍ଧାନ କରାଯାଉଛି ବୋଲି ରେଞ୍ଜର ମହାନ୍ତି ଓ ସାମୁଦ୍ରିକ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ବାରିକ କହିଛନ୍ତି।




ସୁବର୍ଣ୍ଣପୁରକୁ ବିଦ୍ୟୁତ୍ ବ୍ୟବସ୍ଥା ଉଦ୍‌ଘାଟନ କରି ଫେରୁଛନ୍ତି ଜିଲାପାଳ।

# ୨୮ ବର୍ଷ ପରେ ବିଦ୍ୟୁତ୍ ଆଲୁଅ ଦେଖିଲା ସୁବର୍ଣ୍ଣପୁର ଗାଁ

ଧରାକୋଟ,୨୯।୧୧(କୃପାସିନ୍ଧୁ ସ୍ୱାଇଁ)

## ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥାର ଉଦ୍‌ଘାଟନ କଲେ ଜିଲାପାଳ

୨୮ ବର୍ଷ ପରେ ଗଞ୍ଜାମ ଜିଲା ଝାଡବନ୍ଧ ପଞ୍ଚାୟତର ସୁବର୍ଣ୍ଣପୁର ଗାଁରେ ବିଦ୍ୟୁତ୍ ଆଲୁଅ ଜଳିଛି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ସେମାନେ ଗାଁରେ ବାଜା ବଜାଇ ନାଚ କରି ଖୁସି ମନାଇଛନ୍ତି। ଏହି ଗାଁର ଗ୍ରାମବାସୀ ବର୍ଷବର୍ଷ ଧରି ଅନ୍ଧାରରେ ଚଳୁଥିଲେ। ଡିବିରି ଆଲୁଅରେ ଗାଁର ପିଲାମାନେ ପାଠ ପଢ଼ି ଭବିଷ୍ୟତ ସ୍ୱପ୍ନ ଦେଖୁଥିଲେ। ସୁବର୍ଣ୍ଣପୁର ଗାଁରେ ବିଦ୍ୟୁତ୍ ଆଲୋକ ନ ଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟିକୁ ଆସିଥିଲା। ସେ ଅସନ୍ତୋଷ ପ୍ରକାଶ କରି ତୁରନ୍ତ ସୁବର୍ଣ୍ଣପୁର ଗାଁକୁ ବିଦ୍ୟୁତ୍ ଯୋଗାଣ ନେଇ ଗତ ୨୯ ତାରିଖରେ ଜିଲାପାଳ ଭି.କୀର୍ତ୍ତି ଭାସନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପ୍ରଶାସନ ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ବିଦ୍ୟୁତ୍ ଆଲୋକ ସଂଯୋଗ କରିଛି। ଶନିବାର ଜିଲାପାଳ ସୁବର୍ଣ୍ଣପୁର ଗାଁରେ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ଫଳରେ ସୁବର୍ଣ୍ଣପୁରବାସୀଙ୍କ ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିଛି। ଏହି ସମୟରେ ଭଞ୍ଜନଗର ଉପ ଜିଲାପାଳ ଉମା ଶଙ୍କର ବେହେରା, ବିଡିଓ ସଂଗ୍ରାମ କେଶରୀ ଜେନା, ଏବିଡିଓ ସୁଶୀଳ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ପ୍ରତାପ ସ୍ୱାଇଁ, ସରପଞ୍ଚ ଯୋଗେନ୍ଦ୍ର ସ୍ୱାଇଁ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।













































# ଆଜି ଭାରତ-ଦକ୍ଷିଣ ଆଫ୍ରିକା ପ୍ରଥମ ଦିନିକିଆ

ରାଞ୍ଚି,୨୯।୧୧(ପି.ଟି.)

ସ୍ଥାନୀୟ ଜେଏସ୍‌ସିଏ ଅନ୍ତର୍ଜାତୀୟ ଷ୍ଟାଡିୟମରେ ରବିବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯିବ। ନିୟମିତ ଅଧିନାୟକ ଶୁବମନ ଗିଲ ଓ ଉପଅଧିନାୟକ ଶ୍ରେୟସ ଆୟାରଙ୍କ ଅନୁପସ୍ଥିତିରେ ଲୋକେଶ ରାହୁଲ ଏହି ଦିନିକିଆ ସିରିଜ୍‌ରେ ଦଳର ନେତୃତ୍ୱ ଭାର ସମ୍ଭାଳିବେ। ଆସନ୍ତା ବର୍ଷ ଫେବୃଆରୀରେ ଭାରତରେ ଟି୨୦ ବିଶ୍ୱକପ୍ ହେବାକୁ ଥିବାରୁ ଏହି ସିରିଜ୍‌ର ବିଶେଷ ଗୁରୁତ୍ୱ ନାହିଁ। କିନ୍ତୁ ଟେଷ୍ଟ ଓ ଟି୨୦ ଫର୍ମାଟରୁ ଅବସର ନେଇସାରିଥିବା ଦୁଇ ପୂର୍ବତନ ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଉପରେ ସଭିଙ୍କ ନଜର ରହିବ। ଦୁହେଁ ଗତ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍‌ରେ ଭଲ ପ୍ରଦର୍ଶନ କରିଥିଲେ। ଆଗାମୀ ଦୁଇ ମାସ ମଧ୍ୟରେ ଭାରତୀୟ ଦଳ ୬ଟି ଦିନିକିଆ ମ୍ୟାଚ୍ ଖେଳିବ। ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍ ପରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳାଯିବାର ଅଛି। ଏଣୁ ୨୦୨୭ ବିଶ୍ୱକପ୍ ଖେଳିବା ଲକ୍ଷ୍ୟରେ ଥିବା ଉଭୟ ରୋହିତ ଓ କୋହଲିଙ୍କ ଲାଗି ଏହି ଦୁଇ ସିରିଜ୍ ପରୀକ୍ଷା ସଦୃଶ ହେବ। ଉଲ୍ଲେଖଯୋଗ୍ୟ, ଏହି ଜେଏସ୍‌ସିଏ ଷ୍ଟାଡିୟମରେ ୨୦୧୩ରେ ରୋହିତ ପ୍ରଥମ ଥର ଭାରତୀୟ ଦଳ ପାଇଁ ପୂର୍ଣ୍ଣକାଳୀନ ଓପନର ଭାବେ ଖେଳିଥିଲେ, ଯାହାକି ତାଙ୍କ କ୍ୟାରିୟରକୁ ବଦଳାଇ ଦେଇଥିଲା।

ଟେଷ୍ଟ ସିରିଜ୍‌ରେ ଭାରତୀୟ ଦଳର ଶୋଚନୀୟ ପରାଜୟ ପରେ ମୁଖ୍ୟକୋଚ୍ ଗୌତମ ଗମ୍ଭୀରଙ୍କ ନିଷ୍ପତ୍ତି ଓ ଟିମ୍ ସିଲେକ୍ସନ ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିଯୋଗୁ ଏହି ଦିନିକିଆ ସିରିଜ୍ ତାଙ୍କ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ। ଏହି ସିରିଜ୍ ଜରିଆରେ ଭାରତୀୟ ହ୍ୱାଇଟ୍ ବଲ ଦଳ ଠିକ୍ ଦିଗରେ ଆଗାଉଥିବା ଗମ୍ଭୀର ପ୍ରଦର୍ଶନ କରିବାକୁ ଚାହିଁବେ।

ଅନେକ ସିନିୟର ଖେଳାଳିଙ୍କ ଅନୁପସ୍ଥିତି ଯୋଗୁ ଚୂଡ଼ାନ୍ତ ଏକାଦଶ ଚୟନ କରିବା ଟିମ ମ୍ୟାନେଜମେଣ୍ଟ ପାଇଁ ଚିନ୍ତାର କାରଣ ପାଲଟିଛି। ଗିଲ ଓ ଶ୍ରେୟସ ଆହତ ସମସ୍ୟା ଯୋଗୁ ବାଦ୍ ପଡ଼ିଥିବା ବେଳେ ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜଙ୍କୁ ବିଶ୍ରାମ ଦିଆଯାଇଛି। ସେମାନଙ୍କ ଅନୁପସ୍ଥିତି ଦଳକୁ ତା'ର ବେଞ୍ଚ ଷ୍ଟ୍ରେଙ୍ଗ୍ଥ ପରୀକ୍ଷା କରିବାକୁ ସୁଯୋଗ ଦେଇଛି। ଏଥିଯୋଗୁ ତିଲକ ବର୍ମା, ଋତୁରାଜ ଗାଏକ୍ୱାଡ, ଯଶସ୍ୱୀ ଜୟସ୍ୱାଲଙ୍କର ଖେଳିବାର ବିଶେଷ ସମ୍ଭାବନା ରହିଛି। ସିନିୟର ସ୍ପିନ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଦଳରେ ଥିବାରୁ ୱାଶିଂଟନ ସୁନ୍ଦର ଓ ନୀତୀଶ କୁମାର ରେଡ୍ଡୀଙ୍କ ମଧ୍ୟରୁ ଜଣେ ହିଁ ଖେଳିପାରନ୍ତି। ପ୍ରସିଦ୍ଧ କ୍ରିଷ୍ଣା, ଅର୍ଶଦୀପ ସିଂ, ହର୍ଷିତ ରାଣା ଓ କୁଲଦୀପ ଯାଦବ ବୋଲିଂ ବିଭାଗ ସମ୍ଭାଳିବେ।

ଅନ୍ୟପକ୍ଷରେ ଟେଷ୍ଟ ସିରିଜ୍‌ରେ କ୍ଲିନ ସୁଇପ ହାସଲ କରିଥିବା ଦକ୍ଷିଣ ଆଫ୍ରିକା ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ ସହ ଦିନିକିଆ ସିରିଜ୍‌କୁ ଓହ୍ଲାଇବ। କାଗିସୋ ରାବାଡା ଓ ଆନରିଚ ନର୍କିଆଙ୍କ ଅନୁପସ୍ଥିତିରେ ଟେମ୍ବା ବଭୁମାଙ୍କ ନେତୃତ୍ୱାଧୀନ ଦଳରେ ଲୁଙ୍ଗି ଏନ୍‌ଗିଡି ଓ ନାନ୍ଦ୍ରେ ବର୍ଗର ପେସ ବିଭାଗ ସମ୍ଭାଳିବେ। ମିଡିଲ ଓଭରରେ ବାମହାତୀ ସ୍ପିନର କେଶବ ମହାରାଜ ପିଚ୍‌ରୁ ଫାଇଦା ଉଠାଇ ପାରନ୍ତି। ବ୍ୟାଟିଂରେ ଟପ୍ ଅର୍ଡରରେ ଅଭିଜ୍ଞ କ୍ୱିଣ୍ଟନ ଡି କକ୍ ଥିବା ବେଳେ ମିଡିଲ ଅର୍ଡରରେ ବଭୁମାଙ୍କ ସହ ମାଥ୍ୟୁ ବ୍ରିଜକେ, ଡେୱାଲ୍ଡ ବ୍ରେଭିସ ଓ ଟୋନି ଡି ଜର୍ଜି ରହିଛନ୍ତି।

**ସମ୍ଭାବ୍ୟ ଭାରତୀୟ ଦଳ:** ରୋହିତ ଶର୍ମା, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ତିଲକ ବର୍ମା/ ଋତୁରାଜ ଗାଏକ୍ୱାଡ, ରିଷଭ ପନ୍ତ/ଧ୍ରୁବ ଜୁରେଲ (ୱିକେଟକିପର), ଲୋକେଶ ରାହୁଲ (ଅଧିନାୟକ), ରବୀନ୍ଦ୍ର ଜାଡେଜା, ନୀତୀଶ କୁମାର ରେଡ୍ଡୀ/ ୱାଶିଂଟନ ସୁନ୍ଦର, ପ୍ରସିଦ୍ଧ କ୍ରିଷ୍ଣା, ଅର୍ଶଦୀପ ସିଂ, କୁଲଦୀପ ଯାଦବ।

**ସମ୍ଭାବ୍ୟ ଦକ୍ଷିଣ ଆଫ୍ରିକା ଦଳ:** ଏଡେନ ମାରକ୍ରାମ/ରିୟାନ ରିକଲଟନ, କ୍ୱିଣ୍ଟନ ଡି କକ୍(ୱିକେଟକିପର), ଟେମ୍ବା ବଭୁମା(ଅଧିନାୟକ), ଟୋନି ଡି ଜର୍ଜି, ମାଥ୍ୟୁ ବ୍ରିଜକେ, ଡେୱାଲ୍ଡ ବ୍ରେଭିସ, ମାର୍କୋ ଜାନସେନ, କର୍ବିନ ବୋଶ୍, କେଶବ ମହାରାଜ, ଲୁଙ୍ଗି ଏନ୍‌ଗିଡି, ଓଟନିଲ ବାର୍ଟମାନ।

**ସମୟ: ଅପରାହ୍ଣ ୧:୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**




ନେଟ୍ସରେ ଅଭ୍ୟାସ ଅବସରରେ ରୋହିତ ଶର୍ମା ଓ ବିରାଟ କୋହଲି।

# ପ୍ରଥମ ମ୍ୟାଚ୍‌ରେ ଆର୍‌ସିବିକୁ ଭେଟିବ ଏମ୍‌ଆଇ

## ଡବ୍ଲ୍ୟୁପିଏଲ୍-୪ କାର୍ଯ୍ୟସୂଚୀ ଘୋଷିତ

ମୁମ୍ବାଇ,୨୯।୧୧(ପି.ଟି.)

ଆସନ୍ତାବର୍ଷ ଜାନୁଆରୀ ୯ ତାରିଖରୁ ଆରମ୍ଭ ହେବାକୁ ଥିବା ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଚତୁର୍ଥ ସଂସ୍କରଣ ଲାଗି ଶନିବାର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ(ଏମ୍‌ଆଇ) ପ୍ରଥମ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ଡିୱାଇ ପାଟିଲ ଷ୍ଟାଡିୟମରେ ଭେଟିବ। ଟୁର୍ନାମେଣ୍ଟ ଇତିହାସରେ ପ୍ରଥମ ଥର ପାଇଁ ଫାଇନାଲ ମ୍ୟାଚ୍ ସପ୍ତାହନ୍ତରେ ହେବ ନାହିଁ। ଫାଇନାଲ ଫେବୃଆରୀ ୫ ତାରଖ ତଥା ଗୁରୁବାର ହେବ। ସମାନ ସପ୍ତାହରେ ପୁରୁଷ ଟି୨୦ ବିଶ୍ୱକପ୍ ଆରମ୍ଭ ହେଉଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଦୁଇଟି ଭେନ୍ୟୁରେ ହେବାକୁ ଥିବା ଡବ୍ଲ୍ୟୁପିଏଲ୍‌ରେ ୨୮ ଦିନ ମଧ୍ୟରେ ମୋଟ ୨୨ ମ୍ୟାଚ୍ ଖେଳାଯିବ। ଚଳିତ ମାସରେ ଭାରତୀୟ ମହିଳା ଦଳ ବିଶ୍ୱକପ୍ ଟ୍ରଫି ଉଠାଇଥିବା ଭେନ୍ୟୁ ଡିୱାଇ ପାଟିଲ ଷ୍ଟାଡିୟମରେ ପ୍ରଥମ ୧୧ ମ୍ୟାଚ୍ ଖେଳାଯିବ। ଏହାପରେ ଟୁର୍ନାମେଣ୍ଟର ଦ୍ୱିତୀୟାର୍ଦ୍ଧ ଭଦୋଦରାସ୍ଥିତ କୋଟାମ୍ବି ଷ୍ଟାଡିୟମରେ ଖେଳାଯିବ। ଏହି ଭେନ୍ୟୁରେ ଫାଇନାଲ ଓ ଏଲିମିନେଟର ମ୍ୟାଚ୍ ମଧ୍ୟ ଖେଳାଯିବ। ପ୍ରଥମ ଥର ପାଇଁ ଡବ୍ଲ୍ୟୁପିଏଲ୍ ଜାନୁଆରୀ-ଫେବୃଆରୀରେ ଅନୁଷ୍ଠିତ ହେବାକୁ ଯାଉଛି। ପୂର୍ବରୁ ଏହି ଲିଗ୍ ଆଇପିଏଲ୍ ଆରମ୍ଭ ହେବା ପୂର୍ବରୁ ଫେବୃଆରୀ-ମାର୍ଚ୍ଚରେ ହେଉଥିଲା। ଟୁର୍ନାମେଣ୍ଟର ଫର୍ମାଟରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ମୁମ୍ବାଇ ଇଣ୍ଡିଆନ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, ୟୁପି ୱାରିଅର୍ଜ, ଗୁଜରାଟ ଜାଏଣ୍ଟ୍ସ ଓ ଦିଲ୍ଲୀ କ୍ୟାପିଟାଲ ଆଦି ଦଳ ପରସ୍ପର ମଧ୍ୟରେ ରାଉଣ୍ଡ ରବିନ ଭିତ୍ତିରେ ଦୁଇଟି ଲେଖାଏ ମ୍ୟାଚ୍ ଖେଳିବେ।

# ମାଲେସିଆ, ନେଦରଲାଣ୍ଡ୍ସ ବିଜୟୀ

## ଏଫ୍‌ଆଇଏଚ୍ ଜୁନିୟର ହକି

ମଦୁରାଇ, ୨୯।୧୧ (ପି.ଟି.)

ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ହକି ଟୁର୍ନାମେଣ୍ଟ ପୁଲ୍ 'ଇ'ର ଶନିବାର ମାଲେସିଆ ଓ ନେଦରଲାଣ୍ଡ୍ସ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମ ମ୍ୟାଚରେ ମାଲେସିଆ ୫-୧ ଗୋଲ୍‌ରେ ଅଷ୍ଟ୍ରିଆକୁ ପରାସ୍ତ କରିଥିବା ବେଳେ ନେଦରଲାଣ୍ଡ୍ସ ୫-୩ରେ ଇଂଲଣ୍ଡକୁ ହରାଇ ଦେଇଛି। ମାଲେସିଆ ତରଫରୁ ଡାନିଶ ଖେରିଲ (୫୬ତମ, ୬୭ତମ ମିନିଟ) ଦୁଇଟି ଫିଲ୍ଡ ଗୋଲ୍ ସ୍କୋର କରିଥିବା ବେଳେ ହାରିସ ଓସ୍‌ମାନ (୨୮ତମ), ଆଡାମ ଜୋହରି (୪୭ତମ) ଓ ନାଭିନେଶ ପାନିକର (୫୫ତମ) ପ୍ରମୁଖ ଗୋଲ୍ ଦେଇଥିଲେ। ଅଷ୍ଟ୍ରିଆ ପକ୍ଷରୁ ଏକମାତ୍ର ଗୋଲ୍ ଜୁଲିଆନ କେଜର (୫୬ତମ) ପେନାଲ୍ଟି କର୍ନର ଜରିଆରେ ସ୍କୋର କରିଥିଲେ। ଇଂଲଣ୍ଡ ବିପକ୍ଷ ମ୍ୟାଚରେ ନେଦରଲାଣ୍ଡ୍ସର ଜାନ୍ ଭାନଟ ଲାଣ୍ଡ (୨ୟ, ୪୯ତମ) ଦୁଇଟି ଗୋଲ୍ ସ୍କୋର କରିଥିବା ବେଳେ କାସ୍ପର ଭାନ୍‌ଡର ଭିନ୍ (୨୬ତମ), ଜୋପି ଓଲବର୍ଟ (୩୯ତମ) ଏବଂ ଡିନିଲୋ ଟ୍ରିଲିଙ୍ଗ (୫୪ତମ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଇଂଲଣ୍ଡ ତରଫରୁ ଗୋଲ୍‌ଗୁଡ଼ିକ କାଡେନ ଡ୍ରେସେ (୧୧ଶ), ମାଇକେଲ ରୟଡେନ୍(୨୯ତମ) ଓ ଜର୍ଜ ଫ୍ଲେଚର (୪୯ତମ) ପ୍ରମୁଖ ସ୍କୋର କରିଥିଲେ।

# ଶ୍ରୀକାନ୍ତ, ତ୍ରିସା-ଗାୟତ୍ରୀ ଫାଇନାଲରେ

## ସୟଦ ମୋଦି ଇଣ୍ଟରନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ

ଲକ୍ଷ୍ନୌ, ୨୯।୧୧ (ପି.ଟି.)

ପୂର୍ବତନ ଚାମ୍ପିୟନ ଭାରତର କିଦାମ୍ବି ଶ୍ରୀକାନ୍ତ ଏଠାରେ ଚାଲିଥିବା ସୟଦ ମୋଦି ଇଣ୍ଟରନ୍ୟାଶନାଲ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପୁରୁ ସିଙ୍ଗଲ୍ସ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ୨୦୧୬ ଟାଇଟଲ ବିଜେତା ତଥା ୩୬ ବର୍ଷୀୟ ଶ୍ରୀକାନ୍ତ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ନିଜ ଦେଶର ତଥା ୨୦୨୩ ଜାତୀୟ ଚାମ୍ପିୟନ ମିଥୁନ ମଞ୍ଜୁନାଥଙ୍କୁ ୨୧-୧୫, ୧୯-୨୧, ୨୧-୧୩ରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ମାଲେସିଆର ଅଙ୍ଗ୍ ଜିନ୍ ୟି ଓ କାର୍ମେନ ଟିଙ୍ଗଙ୍କ ବିପକ୍ଷରେ ସିଧାସଳଖ ସେଟ୍‌ରେ ବିଜୟ ହାସଲ କରି ଗତଥରର ଚାମ୍ପିୟନ ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ମହିଳା ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। କାନ୍ଧରେ ଆଘାତପ୍ରାପ୍ତ ଯୋଗୁ ଗାୟତ୍ରୀ ୫ମାସ ଧରି ଖେଳରୁ ନିଜକୁ ଦୂରେଇ ରଖିଥିଲେ। ଭାରତୀୟ ଯୋଡ଼ିଙ୍କର ଏହା ହେଉଛି ଦ୍ୱିତୀୟ ଇଭେଣ୍ଟ। ବିଶ୍ୱର ୩୩ ନମ୍ବର ମାଲେସୀୟ ଯୋଡ଼ିଙ୍କ ବିପକ୍ଷରେ ସେମାନେ ୨୧-୧୧, ୨୧-୧୫ରେ ବିଜୟ ଲାଭ କରିଛନ୍ତି। ଟାଇଟଲ ବଜାୟ ରଖିବାକୁ ହେଲେ ତ୍ରିସା ଓ ଗାୟତ୍ରୀଙ୍କୁ ରବିବାର ଫାଇନାଲରେ ଜାପାନର ତଥା ୮ମ ସିଡ୍ କହୋ ଓସାୱା ଓ ମାଇ ତାନାବେଙ୍କୁ ପରାସ୍ତ କରିବାକୁ ହେବ। ଭାରତର ମହିଳା ସିଙ୍ଗଲ୍ସ ଅଭିଯାନ କିନ୍ତୁ ସେମିଫାଇନାଲରେ ଶେଷ ହୋଇଛି। ଉଭୟ ଉନ୍ନତି ହୁଡା ଓ ତନ୍‌ଭି ଶର୍ମା ସେମାନଙ୍କ ମ୍ୟାଚରେ ସିଧାସଳଖ ପରାଜିତ ହୋଇଛନ୍ତି। ଉନ୍ନତି ତୁର୍କୀର ନେସ୍‌ଲିହାନ ଆରିସଙ୍କଠାରୁ ପରାଜିତ ହୋଇଥିବା ବେଳେ ଟୁର୍ନାମେଣ୍ଟରେ ଏହା ପୂର୍ବରୁ ପୂର୍ବତନ ବିଶ୍ୱ ଚାମ୍ପିୟନ ନୋଜୋମି ଓକୁହାରାଙ୍କୁ ୧୭-୨୧, ୧୬-୨୧ରେ ହରାଇ ଦେଇଥିବା ତନ୍‌ଭି ଜାପାନର ହୀନା ଆକେଚିଙ୍କଠାରୁ ୧୭-୨୧, ୧୬-୨୧ରେ ପରାଜିତ ହୋଇଛନ୍ତି। ପୂର୍ବରୁ ମିକ୍ସଡ ଡବଲ୍ସ ଯୋଡ଼ି ହରିହରନ ଅମ୍‌ସାକାରୁନାନ୍ ଓ ତ୍ରିସା ଇଣ୍ଡୋନେସିଆର ଡିଜାନ ଫର୍ଡିନାନ୍‌ସ୍ୟା ଓ ବର୍ନାଡିନ୍ ଅନିନ୍ଦ୍ୟ ୱାର୍ଦାନାଙ୍କଠାରୁ ୧୭-୨୧, ୧୯-୨୧ରେ ପରାଜିତ ହୋଇଛନ୍ତି।



ରିଟର୍ନ ଶଟ୍ ଖେଳୁଛନ୍ତି କିଦାମ୍ବି ଶ୍ରୀକାନ୍ତ।

# ଗତିକୃଷ୍ଣ ସ୍ମାରକୀ ଫୁଟ୍‌ବଲ ଲିଗ୍: ଆରଡର ବିଜୟୀ

ଭୁବନେଶ୍ୱର,୨୯।୧୧(ଅନାଦି କର)

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ସ୍ମାରକୀ 'ବି' ଡିଭିଜନ ଫୁଟବଲ ଲିଗ୍‌ର ଶନିବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ଲିଙ୍ଗରାଜ କ୍ଲବ ଓ ରାମେଶ୍ୱର ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍ ଡ୍ର' ଭାବେ ଶେଷ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଆରଡର ଦଳ ବିଜୟୀ ହୋଇଛି।

ପ୍ରଥମ ମ୍ୟାଚ୍‌ରେ ଲିଙ୍ଗରାଜ କ୍ଲବ ପକ୍ଷରୁ ଅଭିଷେକ ଦିଗଲ ଗୋଲ କରିଥିବା ବେଳେ ରାମେଶ୍ୱର ପାଇଁ ଅନୁଜ ପାଣ୍ଡେ ଗୋଲ ସ୍କୋର କରିଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ ରାମେଶ୍ୱର ଏଫ୍‌ସିର ବିଶ୍ୱଜିତ ମଲିକଙ୍କୁ ଅତିଥି ଭାବେ ଯୋଗଦେଇଥିବା ବିଏଏର ବରିଷ୍ଠ ସଦସ୍ୟ ଗଣେଶ ପାଲ ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଆରଡର ୬-୦ ଗୋଲରେ କିଟ୍‌କୁ ପରାସ୍ତ କରିଥିଲା। ବିଜୟୀ ଦଳ ପାଇଁ ସୁନୀଲ ମଲିକ ହ୍ୟାଟ୍ରିକ ଗୋଲ କରିଥିବା ବେଳେ ବାହାଡା ମାରାଣ୍ଡି, କୌଶଲ ମାଝୀ ଓ ପି. ଚମ୍ପେଇ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ ସୁନୀଲ ମଲିକଙ୍କୁ ବିଏଏର କୋଷାଧ୍ୟକ୍ଷ ରଘୁନାଥ ପଣ୍ଡା ଅତିଥି ଭାବେ ଯୋଗଦେଇ ପୁରସ୍କୃତ କରିଥିଲେ।

# ଉତ୍ତରପୂର୍ବ ଅସ୍ମିତା ଭାରୋତ୍ତୋଳନ: ଓଡ଼ିଶାକୁ ୩ ସ୍ୱର୍ଣ୍ଣ

ଭୁବନେଶ୍ୱର,୨୯।୧୧(ଅନାଦି କର)

କୋଲକାତାସ୍ଥିତ ଖୁଦିରାମ ଅନୁଶିଳନ କେନ୍ଦ୍ରଠାରେ ଚାଲିଥିବା ଭାରୋତ୍ତଳନ ପ୍ରତିଯୋଗିତାରେ ତୃତୀୟ ଦିନ ତଥା ଶନିବାର ଓଡ଼ିଶାର ଆଥଲେଟ୍‌ମାନେ ୩ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୭୭ କେଜି ଯୁବ ବର୍ଗରେ ଭୁବନେଶ୍ୱରର ସ୍ପୋର୍ଟ୍ସ ହଷ୍ଟେଲର ପ୍ରତିଭା ରାଣୀ ପାତ୍ର ସ୍ନାଚରେ ୬୯ କେଜି ଓ ଜର୍କରେ ୮୫ କେଜି ସହ ମୋଟ ୧୫୪ କେଜି ଭାର ଉଠାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୭୭ରୁ ଊର୍ଦ୍ଧ୍ୱ କେଜି ଓଜନ ବର୍ଗରେ କଳିଙ୍ଗ ଷ୍ଟାଡିୟମସ୍ଥିତ ଏସ୍‌ପିସିର ମୌସମୀ ଦାସ ସ୍ନାଚରେ ୭୧ କେଜି ଓ ଜର୍କରେ ୮୯ କେଜି ସହ ମୋଟ ୧୫୯ କେଜି ଭାର ଉଠାଇ ୨ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଥିଯୋଗୁ ଏହି ପ୍ରତିଯୋଗିତାରେ ତୃତୀୟ ଦିନ ଶେଷ ସୁଦ୍ଧା ଓଡ଼ିଶା ୨୦ ପଦକ ଜିତିଛି। ଏହି ତାଲିକାରେ ୬ଟି ସ୍ୱର୍ଣ୍ଣ ଓ ୭ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ରହିଛି।

# ଜୟ ଶାହାଙ୍କୁ ଆଉଟଷ୍ଟାଣ୍ଡିଂ ଆଚିଭ୍‌ମେଣ୍ଟ ଆୱାର୍ଡ

ନୂଆଦିଲ୍ଲୀ,୨୯।୧୧(ପି.ଟି.)


ଆଇସିସି ଚେୟାରମ୍ୟାନ ଜୟ ଶାହାଙ୍କୁ ଭାରତୀୟ ମହିଳା କ୍ରିକେଟ୍‌ରେ ଉଲ୍ଲେଖନୀୟ ଅବଦାନ ଲାଗି ସିଏନ୍‌ଏନ୍-ନ୍ୟୁଜ ୧୮ ପକ୍ଷରୁ ଇଣ୍ଡିଆନ ଅଫ୍ ଦି ଇୟର ପୁରସ୍କାର ବିତରଣ ଉତ୍ସବରେ ଆଉଟ୍‌ଷ୍ଟାଣ୍ଡିଂ ଆଚିଭମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାରକୁ ଶାହା ଭାରତୀୟ ମହିଳା କ୍ରିକେଟ ଓ ନିକଟରେ ଆଇସିସି ଓମେନ୍ସ ୱାର୍ଲ୍ଡ କପ୍ ଜିତିଥିବା ଭାରତୀୟ ଦଳ ଲାଗି ଉତ୍ସର୍ଗ କରିଛନ୍ତି। ଶାହା ବିସିସିଆଇର ସମ୍ପାଦକ ଥିବାବେଳେ ଓମେନ୍ସ ପ୍ରିମିୟର ଲିଗ୍ ଆରମ୍ଭ କରିବା ସହ ମହିଳାଙ୍କ ଲାଗି ପୁରୁଷଙ୍କ ଭଳି ସମାନ ଦରମା ବ୍ୟବସ୍ଥା ଲାଗୁ ଭଳି ଅନେକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇଥିଲେ।

# କାନାଡାକୁ ହରାଇ ଫାଇନାଲରେ ଭାରତ

## ସୁଲତାନ ଆଜଲାନ ଶାହା କପ୍ ହକି

ଇପୋ, ୨୯।୧୧ (ପି.ଟି.)

ଭାରତ ଏଠାରେ ଏକ ହାଇ ସ୍କୋରିଂ ମ୍ୟାଚରେ କାନାଡାକୁ ୧୪-୩ ଗୋଲ୍‌ରେ ପରାସ୍ତ କରି ପୁଲ୍‌ର ଟପର ଭାବେ ସୁଲତାନ ଆଜଲାନ ଶାହା କପ୍ ହକି ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛି। ଟୁର୍ନାମେଣ୍ଟରେ ଭାରତ କେବଳ ବେଲଜିୟମଠାରୁ ପରାଜିତ ହୋଇଛି। ପୂର୍ବ ଗେମ୍‌ରେ ଦଳ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ୩-୨ ଗୋଲ୍‌ରେ ବିଜୟ ହାସଲ କରିଛି। ଭାରତ ରବିବାର ଫାଇନାଲରେ ବେଲଜିୟମକୁ ଭେଟିବ। ମ୍ୟାଚର ୪ର୍ଥ ମିନିଟ୍‌ରେ ନୀଳକଣ୍ଠ ଶର୍ମା ଭାରତ ପକ୍ଷରୁ ପ୍ରଥମ ଗୋଲ୍ ସ୍କୋର କରିଥିଲେ। ସିନିୟର ଦଳରେ ପ୍ରଥମ ପଦାର୍ପଣ କରିଥିବା ରାଜିନ୍ଦର ସିଂ ୧୦ମ ମିନିଟ୍‌ରେ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ୍ ସ୍କୋର କରିଥିଲେ। ଜବାବରେ କାନାଡାର ଆରମ୍ଭ ମଧ୍ୟ ଉତ୍ସାହଜନକ ଥିଲା। ଦଳ ଏକାଧିକ ପେନାଲ୍ଟି କର୍ନର ସୃଷ୍ଟି କରିଥିଲା। କାନାଡ଼ା ପକ୍ଷରୁ ୧୧ଶ ମିନିଟ୍‌ରେ ବ୍ରେଣ୍ଡାନ ଗୁରାଲିଉକ୍ ଏକ ପେନାଲ୍ଟି କର୍ନରକୁ ଗୋଲ୍‌ରେ ପରିଣତ କରିଥିଲେ। ଏହା ପଛକୁ ପଛ ଯୁଗରାଜ ସିଂ ଓ ଅମିତ ରୋହିଦାସ ଯଥାକ୍ରମେ ୧୨ତମ ଓ ୧୫ତମ ମିନିଟରେ ଗୋଲ୍ ସ୍କୋର କରି ଭାରତର ସ୍କୋର ସଂଖ୍ୟା ବୃଦ୍ଧି କରିଥିଲେ। ଭାରତ ୪-୧ରେ ଅଗ୍ରଣୀ ସହ ଦ୍ୱିତୀୟ କ୍ୱାର୍ଟରରେ ପ୍ରବେଶ କରିଥିଲା। ଏହି ଟୁର୍ନାମେଣ୍ଟ ଲାଗି ଭାରତ ଏହାର ସିନିୟର ଷ୍ଟାର ଖେଳାଳିମାନଙ୍କୁ ବିଶ୍ରାମ ଦେଇଛି। ଯୁବ ଖେଳାଳିମାନେ କାନାଡା ଡିଫେନ୍ସ ପକ୍ଷରୁ ସୃଷ୍ଟି କରାଯାଇଥିବା ଚାପକୁ ସମ୍ଭାଳିବାରେ ସମର୍ଥ ହୋଇଥିଲେ। ଏହି କ୍ୱାର୍ଟରରେ ଭାରତ ୩ ଗୋଲ୍ ସ୍କୋର କରିଥିଲା। ରାଜିନ୍ଦର ୨୪ତମ, ଦିଲପ୍ରୀତ୍ ସିଂ ୨୫ତମ ଏବଂ ଯୁଗରାଜ ସିଂ ୨୬ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଫଳରେ ଭାରତ ପ୍ରଥମାର୍ଦ୍ଧ ସୁଦ୍ଧା ୭-୧ ଗୋଲର ଅଗ୍ରଣୀ ହାସଲ କରିଥିଲା। ଖେଳର ତୃତୀୟ କ୍ୱାର୍ଟରରେ କାନାଡା ଏହାର ରଣନୀତିରେ ସାମାନ୍ୟ ପରିବର୍ତ୍ତନ କରି ୩୫ତମ ମିନିଟରେ ଏକ ପେନାଲ୍ଟି ଷ୍ଟ୍ରୋକ୍‌ର ସୁଯୋଗ ପାଇଥିଲା। ମାଥ୍ୟୁ ସାରମେଣ୍ଟୋ କୌଣସି ତ୍ରୁଟି ନ କରି ଏହାକୁ ଗୋଲ୍‌ରେ ପରିଣତ କରିଥିଲେ। ଫଳରେ ସ୍କୋର ଲାଇନ୍ ୭-୨କୁ ଚାଲିଆସିଥିଲା। ତେବେ ଏହି କ୍ୱାର୍ଟରରେ ଯୁଗରାଜ ୩୯ତମ ମିନିଟ୍‌ରେ ତାଙ୍କର ହ୍ୟାଟ୍ରିକ ଗୋଲ୍ ସ୍କୋର କରିଥିବା ବେଳେ ୪୩ତମ ମିନିଟ୍‌ରେ ସେଲ୍‌ଭାମ କାର୍ତ୍ତିଙ୍କ ଗୋଲ୍ ଭାରତର ଅଗ୍ରଣୀ ବ୍ୟବଧାନକୁ ୯-୨ରେ ପହଞ୍ଚାଇ ଥିଲା। ଫାଇନାଲ କ୍ୱାର୍ଟର ନାମକୁ ମାତ୍ର ଖେଳାଯାଇଥିଲା। ମ୍ୟାଚର ଏହି ପର୍ଯ୍ୟାୟରେ ୬ଟି ଗୋଲ୍ ସ୍କୋର ହୋଇଥିଲା। ଦଳକୁ ୪୬ତମ ମିନିଟ୍‌ରେ ମିଳିଥିବା ଏକ ପେନାଲ୍ଟି କର୍ନରକୁ ରୋହିଦାସ ଗୋଲ୍‌ରେ ପରିଣତ କରିଥିବା ବେଳେ ଯୁଗରାଜ ୫୦ତମ ମିନିଟ୍‌ରେ ଏକ ପେନାଲ୍ଟି ଷ୍ଟ୍ରୋକ୍ ଜରିଆରେ ଗୋଲ ସ୍କୋର କରିଥିଲେ। ଉଭୟ ଦଳ ଅନେକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲେ। ଜ୍ୟୋଥସ୍ୱରୂପ ସିଦ୍ଧୁଙ୍କ ଗୋଲ୍ ସହାୟତାରେ କାନାଡା ସ୍କୋର ଲାଇନ୍‌କୁ ୩-୧୧କୁ ନେଇ ଆସିଥିଲା। ସଞ୍ଜୟ (୫୬ତମ), ଅଭିଷେକ (୫୭ତମ ଓ ୫୯ତମ) ମିନିଟରେ ମ୍ୟାଚର ଶେଷ ତିନୋଟି ଗୋଲ୍ ସ୍କୋର କରିଥିଲେ।






Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ